READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୪ ସଂଖ୍ୟା-୧୩ ୧୩ - ୧୯ ଏପ୍ରିଲ, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-13 13th - 19th APRIL, 2020 BHUBANESWAR ₹ 5/- (8 Pages)

### ଜନସ୍ୱାର୍ଥ ମାମଲାର ରାୟ ବଦଳିଲା

# କଟକଣା ରହିବ

**ଭୁବନେଶ୍ୱର :** ଲକଡାଉନ୍ ସମୟରେ ଘରୁ ଗାଡି ନେଇ ଅଯଥାରେ ବାହାରିଥିବା ଲୋକଙ୍କ ଗାଡି ଜବତ କରିଥିଲା କମିଶନରେଟ୍ ପୋଲିସ। ଏନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଜଣେ ଆଇନଜୀବୀ ମାମଲା ଦାୟର କରିଥିଲେ। ଗତ ଗୁରୁବାର ଏହାର ଶୁଣାଣି ହୋଇ ଉଚ୍ଚ ନ୍ୟାୟାଳୟ ଯେଉଁ ନ୍ୟାୟ ପ୍ରଦାନ କରିଥିଲେ ସେଥିରେ ଜବତ ଗାଡି ଗୁଡିକୁ ଅଣ୍ଡରଟେକିଂ ରଖି ପୋଲିସ ଫେରାଇ ଦେବାକୁ ନିର୍ଦ୍ଦେଶ ରହିଥିଲା। ଯାହାଫଳରେ ମହାମାରୀ କରୋନା କଟକଣା କୋହଳ ମନେକରି କିଛି ବ୍ୟକ୍ତି ପୁଣି ଗାଡି ନେଇ ରାସ୍ତାକୁ ଓହ୍ଲାଇଥିଲେ। ଫଳରେ କରୋନା ଭୂତାଣୁ ବ୍ୟାପିବା ନେଇ ପୁଣି ଆଶଙ୍କା ଦେଖାଦେବାରୁ ସରକାରଙ୍କ ତରଫରୁ କୋର୍ଟଙ୍କ ନିର୍ଦ୍ଦେଶନାମାର ପୁନର୍ବିଚାର ପାଇଁ ଆବେଦନ କରାଯାଇଥିଲା। ଯାହାର ଜରୁରୀକାଳୀନ ଶୁଣାଣି ପୁଣି ଶୁକ୍ରବାର କରାଯାଇ ନିର୍ଦ୍ଦେଶନାମାରେ ପରିବର୍ତ୍ତିତ କରାଯାଇଛି। ଏଥିରେ ସରକାରଙ୍କୁ ଗାଇଡଲାଇନ୍ ନ ଆସିବା ଯାଏ ଗାଡି ବ୍ୟାନ୍‌ର ପୁନର୍ବିଚାର କରାଯାଉ ବୋଲି ନିର୍ଦ୍ଦେଶ ଦିଆଯିବା ସହିତ ନୋ ମାସ୍କ, ନୋ ପେଟ୍ରୋଲ ନିୟମକୁ କଡାକଡି ପାଳନ କରିବା ପାଇଁ କୁହାଯାଇଛି। କେବଳ ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଏବଂ ଅତ୍ୟାବଶ୍ୟକ ସେବା ସହ ଜଡିତ ଥିବା ଲୋକମାନେ ଗାଡିରେ ଯାତାୟାତ କରିପାରିବେ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ହେଲେ ସାମାଜିକ ଗଣମାଧ୍ୟମରେ କିଛି ବ୍ୟକ୍ତି ଆଇନକୁ ଭ୍ରମାତ୍ମକ ଭାବେ ଦର୍ଶାଉଥିବା ଜଣାପଡିଛି। ଏ ପ୍ରସଙ୍ଗରେ ରାଜଧାନୀର ବରିଷ୍ଠ ଆଇନଜୀବୀ ଆତ୍ମପ୍ରକାଶ ମହାନ୍ତି କହିଛନ୍ତି ଯେ, ରାଜ୍ୟ ସରକାର ଠିକ୍ ସମୟରେ ଲକଡାଉନ୍ ଭଳି ପଦକ୍ଷେପ ନେବା ଫଳରେ କରୋନା ଭୂତାଣୁ ସଂକ୍ରମଣ ରୋକିବା ଦିଗରେ ଏହା ସଠିକ୍ କାର୍ଯ୍ୟ କରୁଛି। ଏଥିରେ ଡାକ୍ତର, ନର୍ସ, ପରାମେଡିକାଲ କର୍ମଚାରୀ, ପୋଲିସ ନିଜ ଜୀବନକୁ ବାଜି ଲଗାଇ ସାଧାରଣ ଲୋକଙ୍କ ଜୀବନ ବଞ୍ଚାଇବାକୁ ଦିନରାତି ପରିଶ୍ରମ କରୁଛନ୍ତି। ତେଣୁ ପୋଲିସ ନିଶ୍ଚୟ କଠୋର ହେବାକୁ ବାଧ୍ୟ ହୋଇପଡୁଛି। ନଚେତ୍ ଅମାନିଆ ଗାଡିଚାଳକ ମାନଙ୍କୁ ସଚେତନ କରିହେବନାହିଁ। କିନ୍ତୁ ପୋଲିସର ମାତ୍ରାଧିକ କାର୍ଯ୍ୟକୁ କିଛି ବ୍ୟକ୍ତି ବିରୋଧ କରୁଛନ୍ତି। ସରକାର ଯେପର୍ଯ୍ୟନ୍ତ ଲୋକଙ୍କ ସୁବିଧା ପାଇଁ ପର୍ଯ୍ୟାପ୍ତ ବନ୍ଦୋବସ୍ତ କରିନାହାନ୍ତି, ସେ ପର୍ଯ୍ୟନ୍ତ ୨ ଚକିଆ ଗାଡିରେ ବୁଲୁଥିବା ଲୋକଙ୍କୁ ଅମାନୁଷିକ ଭାବେ ମାଡ ନମାରି ଶାନ୍ତ ଭାବେ ପୋଲିସ ସଚେତନ କରନ୍ତୁ। ପୋଲିସ ମନୋବଳ ନଭାଙ୍ଗି ବିପର୍ଯ୍ୟୟର ମୁକାବିଲା ଦିଗରେ ନିରନ୍ତର କାର୍ଯ୍ୟ କରିବା ଉଚିତ୍। ଏଥିସହ କୋଭିଡ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା କର୍ମଚାରୀ, ଅଧିକାରୀ ଓ ପୋଲିସକୁ ସୁରକ୍ଷା ଉପକରଣ ଯୋଗାଇ ଦିଆଯାଉ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଏହି ପ୍ରସଙ୍ଗରେ ଆଉ ଜଣେ ବରିଷ୍ଠ ଆଇନଜୀବୀ ତଥା ଭୁବନେଶ୍ୱର ଓକିଲ ସଂଘର ଉପସଭାପତି ଶୀଳଭଦ୍ର ଶାସ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ମହାମାରୀ କରୋନା ସାରା ବିଶ୍ୱରେ କରାଳ କାୟା ମେଲିଚାଲିଛି। ବିଳମ୍ବରେ ହେଲେ



ବି ଭାରତ ଉପରେ ତା'ର ଡାହାଣୀ ଆଖି ପଡିଯାଇଛି। ଆମେ ଯେଉଁମାନେ ଭାବିଥିଲେ ଆମ ଆଡକୁ ତ ଆସିନାହିଁ, ସେମାନଙ୍କୁ ଶକ୍ତ ଚାପୁଡା ଦେଇ ରାଜ୍ୟରେ ଗୋଟିଏ ପ୍ରାଣ ନେଇଗଲାଣି କରୋନା। ବର୍ତ୍ତମାନ ସମୟରେ ଦେବଦୂତ ସାଜି ଉଭା ହୋଇଛନ୍ତି ସରକାର, ଡାକ୍ତର, ନର୍ସ, ସେବାକର୍ମୀ, ଔଷଧ ଦୋକାନୀ, ପୋଲିସ, ସରକାରୀ କର୍ମଚାରୀ, ଗଣମାଧ୍ୟମ ପ୍ରଭୃତି। ସେମାନେ ନିଜର ଓ ପରିବାରର ଜୀବନକୁ ବିପଦରେ ପକାଇ ଜନସାଧାରଣ ପାଇଁ କାର୍ଯ୍ୟ କରୁଛନ୍ତି ଓ ଆମକୁ ଘରେ ରହିବାକୁ ବାରମ୍ବାର ନିବେଦନ କରୁଛନ୍ତି। କିନ୍ତୁ ଦୁଃଖର ବିଷୟ କିଛି ପାଠୁଆ ଲୋକ ସବୁ ଜାଣି ମଧ୍ୟ ସଙ୍ଗରୋଧ ନିୟମକୁ ମାନୁନାହାନ୍ତି। ବିଭିନ୍ନ ଆଳରେ ସେମାନେ ବାହାରେ ବୁଲୁଥିବା ବେଳେ ପୋଲିସ ହାତରେ ଧରାପଡିଲାରୁ ସେମାନଙ୍କ ଗାଡି ଗୁଡିକ ଜବତ କରାଯାଇଛି। କିଛି ଜାଗାରେ ପୋଲିସ ମାତ୍ରାଧିକ କାର୍ଯ୍ୟ କରୁଛି ବୋଲି ଅଭିଯୋଗ ହେଉଛି, କିନ୍ତୁ ବୁଝିବା ଉଚିତ୍ ଯେ, ସେମାନେ ବି ମଣିଷ। ଅମାନିଆ ଲୋକଙ୍କୁ କେତେ ବୁଝାଇବ, ତେଣୁ ତାଙ୍କର ବି ଧୈର୍ଯ୍ୟ ରହୁନାହିଁ। ଗତ ୯ ତାରିଖରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଯେଉଁ ଆଦେଶ ଦେଇଥିଲେ ତାକୁ କିଛି ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ଠିକଣା ଭାବେ ଉପସ୍ଥାପନ କରାନଯିବାରୁ, କିଛି ଲୋକ ପୋଲିସକୁ ଆଇନ ପଢ଼ାଇ ଖୋଲାଖୋଲି ପୁଣିଥରେ ରାସ୍ତାରେ ଗାଡି ଜାମ କଲେ ଏବଂ ସାମାଜିକ ସୁରକ୍ଷା ଓ ଦୂରତ୍ୱ ନିୟମକୁ ଭାଙ୍ଗିଲେ। ଏହାହେଲେ ରୋଗ ବ୍ୟାପିବା ଆଶଙ୍କା ବଢ଼ିବ। ତେଣୁ ପୁନର୍ବାର ୧୦ ତାରିଖରେ ମାନ୍ୟବର କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, କେବଳ ବରିଷ୍ଠ ନାଗରିକ, ଭିନ୍ନକ୍ଷମ, ଓ ଅତ୍ୟାବଶ୍ୟକ ସେବାରେ ନିୟୋଜିତ ବ୍ୟକ୍ତିମାନେ ହିଁ ଗାଡି ଚଳାଇ ପାରିବେ। ଅନ୍ୟମାନଙ୍କ ମଧ୍ୟରେ ଅତ୍ୟାବଶ୍ୟକ ଜିନିଷ କିଣିବା ପାଇଁ ଯାଉଥିବା ବ୍ୟକ୍ତିମାନେ ତିନିଥର ପର୍ଯ୍ୟନ୍ତ ରାସ୍ତାକୁ ଗାଡି ନେଲେ ସେମାନଙ୍କ କ୍ଷେତ୍ରରେ ଅଣ୍ଡରଟେକିଂ ରଖି ପୋଲିସ ନିୟମକୁ କୋହଳ କରିପାରିବ ଏବଂ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଏବଂ ଯେଉଁମାନଙ୍କ ନିକଟରେ ଉପଯୁକ୍ତ ପରିଚୟପତ୍ର ଥିବ ସେମାନଙ୍କୁ ମଧ୍ୟ ପୋଲିସ ଛାଡିପାରିବ। ଏଣୁ ସମସ୍ତଙ୍କୁ ବିନିତ ଅନୁରୋଧ ଅତି ଜରୁରୀ କାର୍ଯ୍ୟ ନଥିଲେ ଘରୁ ବାହାରନ୍ତୁ ନାହିଁ। ସାମାଜିକ ସୁରକ୍ଷା ଓ ଦୂରତ୍ୱ ରଖନ୍ତୁ, ମାସ୍କ ପିନ୍ଧନ୍ତୁ। କହି ରଖିବାକୁ ଚାହିଁବି, ଭୁବନେଶ୍ୱରରେ ୫ ହଜାରରୁ ଅଧିକ ପେଶାଦାର ଆଇନଜୀବୀ କାର୍ଯ୍ୟ କରୁଛନ୍ତି। ଯେଉଁମାନେ ଦିନକୁ ୧୫ ଘଣ୍ଟା ପରିବାରରୁ ବାହାରେ ଥାଇ ଲୋକଙ୍କ ପାଇଁ କାର୍ଯ୍ୟ କରନ୍ତି। କିନ୍ତୁ ଗତ ୨୨ ଦିନ ହେଲା ସେମାନେ ଘରେ ଅଛନ୍ତି, ସରକାରଙ୍କ ଅନୁରୋଧ ଓ ଆଇନକୁ ମାନୁଛନ୍ତି। ତେଣୁ ଆସନ୍ତୁ ସମସ୍ତେ ମିଶି କରୋନାକୁ ପରାସ୍ତ କରିବା। ତେବେ ପରିବର୍ତ୍ତିତ ନିର୍ଦ୍ଦେଶ ଅନୁସାରେ ପାଦଚଲା ଦୂରତାକୁ ଗାଡି ନେଇଗଲେ ପୋଲିସ ଚେକିଂ କରିପାରିବ। ତେଣୁ କଟକଣା ଉଠିଗଲା ଭାବି ଯେଉଁମାନେ ଉତ୍ସାହିତ ହୋଇପଡିଥିଲେ ସେମାନେ ପୂର୍ବପରି କଟକଣା ମାନିବେ। ଯଦିଓ ପୂର୍ବରୁ କୋର୍ଟ କଡା ଆଭିମୁଖ୍ୟ ଦେଖାଇଥିଲେ ସେଥିରେ ସାମାନ୍ୟ ପରିବର୍ତ୍ତନ ଆଣିଛନ୍ତି ଓ ଏହା ନିର୍ଦ୍ଦିଷ୍ଟ ବର୍ଗର ବ୍ୟକ୍ତିଙ୍କ ପାଇଁ।

# 'ଜୀବନ, ଅର୍ଥନୀତି ଉଭୟ ଗୁରୁତ୍ୱପୂର୍ଣ୍ଣ'

**ନୂଆଦିଲ୍ଲୀ :** ଦେଶରେ ଲକ୍‌ଡାଉନ୍ ଅବଧି ଆଉ ଦୁଇ ସପ୍ତାହ ବୃଦ୍ଧି ପାଇବା ନେଇ ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦୀର୍ଘ ୪ ଘଣ୍ଟା ଧରି ୧୩ ଜଣ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲାବେଳେ ଏ ସଂପର୍କରେ ସୂଚନା ଦେଇଛନ୍ତି। ଦେଶରେ ଜାରି ହୋଇଥିବା ଲକ୍‌ଡାଉନ୍ ଅବଧି ଆସନ୍ତା ମଙ୍ଗଳବାର ସରିବାକୁ ଯାଉଛି। ଅଧିକାଂଶ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ଅନୁରୋଧ ଯୋଗୁ କେନ୍ଦ୍ର ସରକାର ଲକ୍‌ଡାଉନ୍



ଅବଧି ଅନ୍ତତଃ ଦୁଇ ସପ୍ତାହ ବୃଦ୍ଧି କରିବେ ବୋଲି ସୂଚନା ମିଳିଛି। ଇତିମଧ୍ୟରେ ଓଡ଼ିଶା, ପଞ୍ଜାବ ଓ ମହାରାଷ୍ଟ୍ର ସରକାର ମଧ୍ୟ ଲକ୍‌ଡାଉନ୍ ଅବଧିକୁ ଆଗାମୀ ୩୦ ତାରିଖ ଯାଏ ବୃଦ୍ଧି କରି ସାରିଛନ୍ତି। ମହାରାଷ୍ଟ୍ର ହେଉଛି ତୃତୀୟ ରାଜ୍ୟ, ଯାହାକି ଲକ୍‌ଡାଉନ୍ ଅବଧିକୁ ବଢ଼ାଇ ଦେଇଛି। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଲକ୍‌ଡାଉନ୍ ଅବଧି ବୃଦ୍ଧି ସଂପର୍କରେ ଘୋଷଣା କରିବା ସହିତ କହିଛନ୍ତି ଯେ କରୋନା ମହାମାରୀକୁ ନିୟନ୍ତ୍ରଣ କରିବା କ୍ଷେତ୍ରରେ ଲୋକେ ଯଦି ସହଯୋଗ ନକରିବେ ତେବେ ଲକ୍‌ଡାଉନ୍ ଅବଧିକୁ ଏପ୍ରିଲ ୩୦ ପରେ ପୁଣି ବୃଦ୍ଧି କରାଯାଇପାରେ। ବିହାର ମୁଖ୍ୟମନ୍ତ୍ରୀ ମଧ୍ୟ ଲକ୍‌ଡାଉନ ଅବଧି ବଢ଼ାଇବାକୁ କେନ୍ଦ୍ରକୁ ଏକ ଚିଠି ଲେଖିଛନ୍ତି। ତେବେ ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ବେଳେ କେତେକ କ୍ଷେତ୍ରକୁ କଟକଣା ମୁକ୍ତ କରାଯିବ। ପ୍ରଧାନମନ୍ତ୍ରୀ ପ୍ରଥମ ଥର ଲକ୍‌ଡାଉନ୍ ଘୋଷଣା କରିବା ବେଳେ ଲୋକଙ୍କ ଜୀବନକୁ ଅଧିକ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ଯେ ଜୀବନ ବଞ୍ଚିଲେ ଜଗତ ବଞ୍ଚିବ। ଶନିବାର ମଧ୍ୟ ସେ ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିବା ବେଳେ ଶେଷ ପର୍ଯ୍ୟାୟରେ ଉଭୟ ଜୀବନ ଓ ଜୀବିକାକୁ ଗରୁତ୍ୱ ଦେଇଥିଲେ। ସେ କହିଲେ ଯେ ମିଣଷ ପାଇଁ ଉଭୟ ଜୀବନ ଓ ଅର୍ଥନୀତି ଗୁରୁତ୍ୱପୂର୍ଣ୍ଣ। ଲକ୍‌ଡାଉନ୍ ବେଳେ ବାଣିଜ୍ୟ ବ୍ୟବସାୟ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ସେ ଅର୍ଥନୀତିକୁ ମଧ୍ୟ ଗୁରୁତ୍ୱ ଦେଇଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ସେ ସବୁବେଳେ ପ୍ରସ୍ତୁତ ଅଛନ୍ତି। ➤ ପୃ-୬

## ୩ ଦାବି ଉପସ୍ଥାପନ କଲେ ନବୀନ



**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭିଡିଓ କନ୍‌ଫରେନ୍ସିଂରେ ଆଲୋଚନା ବେଳେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ଟି ବିଷୟ ଉପସ୍ଥାପନ କରିଥିଲେ। ଲକ୍‌ଡାଉନ୍ ଅବଧି ଆଗାମୀ ୩୦ ଯାଏ ବୃଦ୍ଧି କରିବା, ରାଜ୍ୟକୁ ରେଳ ଓ ବିମାନ ଚଳାଚଳ ବନ୍ଦ ରଖିବା ଏବଂ ସାମାଜିକ ଦୂରତ୍ୱ ରକ୍ଷା କରି କୃଷି ଓ ଅନୁଷଙ୍ଗିକ କ୍ଷେତ୍ରର କାର୍ଯ୍ୟ ସହ ମନ୍‌ରେଗା କାମ କରିବା ପାଇଁ ଦାବି କରିଥିଲେ। ଗତ ଗୁରବାର ରାଜ୍ୟରେ ଲକ୍‌ଡାଉନ୍ ଅବଧି ବୃଦ୍ଧି କରିବା ବେଳେ ମଧ୍ୟ ମୁଖ୍ୟମନ୍ତ୍ରୀ ସେହି ସବୁ ଦାବି ଉଠାଇଥିଲେ। ଲକ୍ ଡାଉନ୍ ଯୋଗୁଁ ଓଡିଶାରେ ବାହାର ରାଜ୍ୟର ଶ୍ରମିକମାନେ ଫସି ରହିଥିବା ବେଳେ ରାଜ୍ୟ ସରକାର ସୋମାନଙ୍କୁ ଅତିଥୀ ଭାବେ ଯତ୍ନ ନେଉଛନ୍ତି। ସେହିପରି ବାହାର ରାଜ୍ୟରେ ଫସି ରହିଥିବା ଓଡିଆ ଶ୍ରମିକମାନଙ୍କୁ ଯତ୍ନ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଦାୟିତ୍ୱ ହୋଉ ବୋଲି ମୁଖ୍ୟମନ୍ତ୍ରୀ ଅବଗତ କରାଇଥିଲେ।

## ବକ୍ରବାଣୀ



କୁଆଡେ ଆଇଲା ଯେ ମହାମାରୀ
ମଉଜ ସବୁକୁ ଦେଲାଣି ସାରି
ଲକ୍‌ଡାଉନ୍‌କୁ ସଟଡାଉନ୍
କୁଆଡକୁ ଯିବୁ ଚାରା ପାଉନୁ
ସର୍କାର କୁହନ୍ତି ସତର୍କ ହୁଅ
ବାହାରେ ବୁଲିଲେ ପାହାର ଖାଅ
କାଶ ଛିଙ୍କ ନୁହେଁ ଛୋଟିଆ ରୋଗ
ହାଲକା ମଣିଲେ କରୋନା ଭୋଗ
କ୍ୱାରେଣ୍ଟାଇନରେ ଚଉଦ ଦିନ
ଗୀତ ଗାଉଥିବ ମନକୁ ମନ।

—— ଟୁଟୁ

# ପୁଣି ମାଗଣା ମିଳିବ ଚାଉଳ, ଡାଲି

**ଭୁବନେଶ୍ୱର :** କରୋନା ଭୂତାଣୁ ସଂକ୍ରମଣ ଯୋଗୁଁ ଓଡ଼ିଶା ସମେତ ସାରା ଦେଶରେ ଲକ୍‌ଡାଉନ୍ ଜାରି କରାଯାଇଥିବା ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ରାଜ୍ୟରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଭୁକ୍ତ ହିତାଧିକାରୀମାନଙ୍କୁ ମାସକୁ ମୁଣ୍ଡପିଛା ୫ କେଜି ଲେଖାଏଁ ଚାଉଳ ବିନାମୂଲ୍ୟରେ ତିନି ମାସ ପାଇଁ ଦିଆଯିବ। ଏପ୍ରିଲ, ମଇ ଓ ଜୁନ୍ ମାସ ପାଇଁ ଏହି ଚାଉଳ ବଣ୍ଟନ କରାଯିବ। ଚାଉଳ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଆଜି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୁଲଭ ମୂଲ୍ୟ ଦୋକାନ ମାଧ୍ୟମରେ ହିତାଧିକାରୀଙ୍କୁ ଏହି ତିନିମାସର ଚାଉଳ ସହିତ ପରିବାର ପିଛା ମାସକୁ ୧ କେଜି ହରଡ଼ ଡାଲି ୩ମାସ ପାଇଁ ବିନାମୂଲ୍ୟରେ ଯୋଗାଇଦେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଏଥି ନିମନ୍ତେ ତୁରନ୍ତ ଚାଉଳ ଓ ଡାଲି ଉଠାଣ ଓ ପରିବହନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଯୋଜନାରେ ରାଜ୍ୟରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ୧ ଲକ୍ଷ ୧୬ ହଜାର ୭ ପରିବାରର ୩ ଲକ୍ଷ ୭୮ ହଜାର ୮୨୯ ଜଣ ହିତାଧିକାରୀ ଉପକୃତ ହେବେ। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଭୁକ୍ତ ୮୦ ଲକ୍ଷ ୨୬ ହଜାର ୩୭୫ଟି ପରିବାରର ୨ କୋଟି ୮୬ ଲକ୍ଷ ୬ ହଜାର ୨୩୯ ଜଣ ହିତାଧିକାରୀ ଏବଂ ଅନ୍ତ୍ୟୋଦୟ ଅନ୍ନ ଯୋଜନାର ୧୨ ଲକ୍ଷ ୫୯ ହଜାର ୧୮୧ଟି ପରିବାରର ୩୮ ଲକ୍ଷ ୬୪ ହଜାର ୨୬୦ ଜଣ ହିତାଧିକାରୀ ଉପକୃତ ହେବେ। ହିତାଧିକାରୀଙ୍କ ମାସକୁ ମୁଣ୍ଡପିଛା ୫ କେଜି ଲେଖାଏଁ ଚାଉଳ ତିନି ମାସ ପାଇଁ ବିନା ମୂଲ୍ୟରେ ଯୋଗାଇଚ ଦିଆଯିବ।



ଅନ୍ୟପଟେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପିକେ ମହାପାତ୍ର (ଆଇଏଏସ୍), ଜୁମ୍ କ୍ଲାଉଡ୍ ମିଟିଂ ମାଧ୍ୟମରେ ଏବଂ ଏମ୍/ଏସ୍ ଏମ୍‌ଜି ସଂସ୍ଥା ପ୍ରୋତ୍ସାହନରେ ପୋଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ହଙ୍ଗର ଫ୍ରି ଓଡ଼ିଶା ଇନିସିଏଟିଭ୍

### କ୍ଷୁଧାମୁକ୍ତ ପାଇଁ ଆରମ୍ଭ ହେଲା 'ପୋଷଣ'

ଅନ୍ତର୍ଗତ ସୋ ଆମ୍ ଆଇ ଫାଉଡେସନ୍ ଟ୍ରଷ୍ଟ ଏହି ପୋଷଣ କାର୍ଯ୍ୟକ୍ରମକୁ ହାତକୁ ନେଇଛନ୍ତି। କାର୍ଯ୍ୟକ୍ରମରେ ପ୍ରାୟ ୫୦୦୦ରୁ ଉର୍ଦ୍ଧ୍ୱ ପରିବାରକୁ ରାସନ ଯୋଗାଇବାକୁ ଯୋଜନା କରାଯାଇଛି। କରୋନା ଭାଇରସ୍ ଯୋଗୁଁ ସୃଷ୍ଟି ହୋଇଥିବା ଏହି ଜରୁରିକାଳୀନ ପରିସ୍ଥିତିରେ ➤ ପୃ-୬




### କରୋନା ପ୍ରଭାବରେ ବିଶ୍ୱରେ ଶିଳ୍ପ ଓ ବାଣିଜ୍ୟ ଠପ୍

# ମୁଣ୍ଡପିଛା ଆୟ କମିବ

**ନୂଆଦିଲ୍ଲୀ :** ସାରା ବିଶ୍ୱ ଆଗରେ ଏଭଳି ଏକ ଜଟିଳ ଦ୍ୱନ୍ଦ୍ୱ ସୃଷ୍ଟି କରିଛି କରୋନା। ମହାମାରୀ କରୋନାକୁ ଆୟତ୍ତରେ ରଖିବାକୁ ଲକଡାଉନ୍ ଓ କର୍ଫ୍ୟୁ ଭଳି ବିଭିନ୍ନ କଟକଣା ଯୋଗୁ ସାରା ବିଶ୍ୱରେ ଶିଳ୍ପ ଓ ବାଣିଜ୍ୟ ଆଦି ଠପ୍ ପଡିଛି। କଳକାରଖାନା ବନ୍ଦ ଯୋଗୁ ଲୋକେ ଜୀବିକା ହରାଉଛନ୍ତି। ପ୍ରଭାବିତ ହେଉଛନ୍ତି ଉଭୟ ଧନୀ ଓ ଗରିବ। ଚିନ୍ତାର ବିଷୟ ଯେ, ଏହି କରୋନା ବିଭୀଷିକା ବିଶ୍ୱ ଅର୍ଥନୀତିରେ ବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧି ଭଳି ପୁଣିଥରେ ଏକ ବିରାଟ ମାନ୍ଦାବସ୍ଥା ଆଣିବାକୁ ଯାଉଥିବା ଆଶଙ୍କା କରାଯାଉଛି। ବିଶ୍ୱ ଅର୍ଥନୀତିର କଳାଯୁଗ, ଗ୍ରେଟ୍ ଡିପ୍ରେସନ୍ ବା ମହା ମାନ୍ଦାବସ୍ଥା ୧୯୨୯ରେ ନ୍ୟୁୟର୍କ ଷ୍ଟକ୍ ଏକ୍ସଚେଞ୍ଜ କ୍ରାଶ୍ ସାରା ବିଶ୍ୱର ଅର୍ଥନୀତିକୁ ଏଭଳି ଦୋହଲାଇ ଦେଇଥିଲା ଯେ, ବିଶ୍ୱବ୍ୟାପୀ



ଅଭିବୃଦ୍ଧି ହାର ୧୫% ଖସିଥିଲା। ତଳିତଳାନ୍ତ ହୋଇଯାଇଥିଲେ ଶିଳ୍ପ ନିର୍ଭରଶୀଳ ଦେଶ। ୫୦% ବାଣିଜ୍ୟ କମିବା ସହ ୩୦% ବେକାରୀ ବଢ଼ିଥିଲା। ଏହି ଦୁର୍ଦ୍ଦିନରୁ ବାହାରିବାକୁ ବିଶ୍ୱକୁ ଲାଗିଥିଲା ପ୍ରାୟ ୧୦ ବର୍ଷ ସମୟ। ଆଶଙ୍କା କରାଯାଉଛି, ବିଶ୍ୱସ୍ତରରେ ପୁଣି ସେହିଭଳି ବୃହତ୍ ଅର୍ଥନୈତିକ ମାନ୍ଦାବସ୍ଥା ଆଣିବାକୁ ଯାଉଛି କରୋନା। ଗ୍ରେଡ୍ ଡିପ୍ରେସନ୍ ପରଠୁ ସବୁଠାରୁ ବଡ ଅର୍ଥନୈତିକ ଦୁଃସ୍ଥିତି ଆସିବ ବୋଲି ଆକଳନ କରିଛନ୍ତି ଇଣ୍ଟରନ୍ୟାସନାଲ ମନିଟାରୀ ଫଣ୍ଡ (ଆଇଏମ୍ଏଫ୍) ମୁଖ୍ୟ କ୍ରିଷ୍ଟାଲିନା ଜର୍ଜିଭା। ଏହା ଉଭୟ ବିକାଶିତ ଓ ବିକାଶଶୀଳ ଅର୍ଥନୀତିକୁ ପ୍ରଭାବିତ କରିବ। ୧୭୦ଟି ଦେଶରେ ମୁଣ୍ଡପିଛା ଆୟ କମିବ କରୋନା ବିଭୀଷିକା ପୂର୍ବରୁ, ଜାନୁଆରୀ ମାସରେ ୨୦୨୦ ପାଇଁ ୩.୩ ଓ ୨୦୨୧ ପାଇଁ ୩.୪% ବିଶ୍ୱ ଅଭିବୃଦ୍ଧି ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ପରିବାରରେ ସାମାନ୍ୟ କଥାକୁ ନେଇ କଳହ ହୋଇପାରେ। ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ବ୍ୟବସାୟୀମାନେ ଲାଭାବନ୍ ହେବେ।

**ବୃଷ** ଭାଗ୍ୟ ଉଜ୍ଜ୍ୱଳ ରହିବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ଜମିଜମା ବିବାଦ ଲାଗି ରହିବ।

**ମିଥୁନ** ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳତା ପାଇବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତି ବଜାୟ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ।

**କର୍କଟ** ବ୍ୟବସାୟୀମାନେ ଆଶାତୀତ ଲାଭବାନ୍ ହେବେ। ଚାରିଚକିଆ ଯାନ ପ୍ରତି ସତର୍କତା ରହିବେ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନପ୍ରାପ୍ତିର ପ୍ରବଳ ଯୋଗ ରହିଛି।

**ସିଂହ** ବିଦ୍ୟାର୍ଥୀମାନେ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ କ୍ଷତି ସହିବେ। ପୂଜାପାଠରେ ମନ ଅଧିକ ଲାଗିରହିବ। ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ।

**କନ୍ୟା** ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିପାରନ୍ତି। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ।

**ତୁଳା** ଶାରୀରିକ ପୀଡ଼ା ଅନୁଭବ କରିବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। କୋର୍ଟକଚେରୀ ମାମଲାରେ ସମାଧାନ ହେବ। ଆୟର ନୂତନ ରାସ୍ତା ପ୍ରସ୍ତୁତ କରିବେ।


**ବିଛା** ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଭ କରିପାରିବେ।

**ଧନୁ** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ।

**ମକର** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବିବାହ ଆଶାୟୀମାନେ ସଫଳତା ପାଇବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ। ଜମିଜମା ବିବାଦର ସମାଧାନ ହେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ।

**କୁମ୍ଭ** ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ଆର୍ଥିକ ଅସୁବିଧା ଲାଗି ରହିବ। ଯାନବାହନ ପ୍ରତି ସତର୍କତା ଅବଲମ୍ବନ କରିବେ।

**ମୀନ** ପାରିବାରିକ ଅଶାନ୍ତି ଦୂର ହେବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ବିବାହ ଆଶାୟୀମାନଙ୍କ ଆଶା ପୂରଣ ହେବାର ସମ୍ଭାବନା ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ପଞ୍ଜାବରେ ମେ' ୧ ପର୍ଯ୍ୟନ୍ତ ଲକଡାଉନ୍

**ନୂଆଦିଲ୍ଲୀ :** ଓଡ଼ିଶା ପରେ ପଞ୍ଜାବ ହେଉଛି ଦ୍ୱିତୀୟ ରାଜ୍ୟ ଯେଉଁଠାରେ ଲକ୍‌ଡାଉନ୍ ଅବଧିକୁ ମେ' ୧ ଯାଏ ବୃଦ୍ଧି କରାଯାଇଛି। ପଞ୍ଜାବରେ ଶୁକ୍ରବାର ସୁଦ୍ଧା ୧୩୨ ଆକ୍ରାନ୍ତ ଚିହ୍ନଟ ହୋଇଥିଲା ବେଳେ ୧୧ ଜଣ ପ୍ରାଣ ହରାଇଛନ୍ତି। ତେବେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା କରି ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହ ଏହି ପଦକ୍ଷେପ ନେଇଛନ୍ତି। ସେ କହିଛନ୍ତି ଯେ ଭାରତରେ ବର୍ତ୍ତମାନ ସୁଦ୍ଧା କେଉଁଠାରେ ଗୋଷ୍ଠୀ ସଂକ୍ରମଣର ସୂଚନା ମିଳିନାହିଁ। କିନ୍ତୁ ଗୋଷ୍ଠୀ ସଂକ୍ରମଣ ଥରେ ଆରମ୍ଭ ହୋଇଗଲେ ତାକୁ ନିୟନ୍ତ୍ରଣ କରିବା କଷ୍ଟକର ହେବ। ରୋଗୀଙ୍କୁ ଚିହ୍ନଟ କରିବା ଓ ସେମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବା ଏତେ ସହଜ ହେବ ନାହିଁ। କାରଣ ସବୁ ଲୋକଙ୍କୁ ଏକକାଳୀନ ସ୍ୱାସ୍ଥ୍ୟ ସେବା ସୁବିଧା ଯୋଗାଇ ଦେବା ପାଇଁ ଆମର ସାଧନ ନାହିଁ। ତେଣୁ ସରକାର ଗୋଷ୍ଠୀ ସଂକ୍ରମଣ ସ୍ଥିତିରେ ନପହଞ୍ଚିବା ପାଇଁ ଆଗୁଆ ପଦକ୍ଷେପ ନେଇଛନ୍ତି। ତେବେ ଲକ୍‌ଡାଉନ୍‌ରୁ କୃଷକଙ୍କୁ ବାଦ୍ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏବେ ଅମଳ ସମୟ ଚାଲିଥିବାରୁ କୃଷକଙ୍କ ପାଇଁ ଲକ୍‌ଡାଉନ୍ ବାଧ୍ୟତାମୂଳକ କରାଯାଇ ପାରିବ ନାହିଁ। ସାମାଜିକ ଦୂରତ୍ୱ ରଖି କୃଷି କ୍ଷେତ୍ରରେ କାମ କରିବାକୁ ସେମାନଙ୍କୁ ସତର୍କ କରାଯାଇଛି। ଏହାମଧ୍ୟରେ ମହାରାଷ୍ଟ୍ର ଓ ଦିଲ୍ଲୀର କେତେକ



ଅଞ୍ଚଳକୁ ହଟ୍‌ସ୍ପଟ୍ ଭାବେ ଘୋଷଣା କରାଯାଇଛି। ବର୍ତ୍ତମାନ କେବଳ ମୁମ୍ବାଇରେ ୧୧୦୦ ଲୋକଙ୍କ ପଜିଟିଭ ବାହାରିଛି। ବସ୍ତି ଅଞ୍ଚଳରେ ପଜିଟିଭଙ୍କ ସଂଖ୍ୟା ଅଧିକ ବୋଲି ସୂଚନା ମିଳିଛି। ଅନ୍ୟ କେତେକ ରାଜ୍ୟ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ପତ୍ରଲେଖି ଲକ୍‌ଡାଉନ୍ ଅବଧି ବୃଦ୍ଧି କରିବାକୁ ଅନୁରୋଧ କରିଛନ୍ତି। ଦେଶରେ ଗତମାସ ୨୪ ତାରିଖରେ ଜାରି ହୋଇଥିବା ଲକ୍‌ଡାଉନ୍‌ର ଅବଧି ଆସନ୍ତା ୧୪ ତାରିଖ ମଧ୍ୟରାତ୍ରରେ ଶେଷ ହେବାକୁ ଯାଉଛି। କିନ୍ତୁ ଦେଶରେ କରୋନା ସଂକ୍ରମିତ ଓ ମୃତ ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଥିବାରୁ କେନ୍ଦ୍ର ସରକାର ମଧ୍ୟ ଲକ୍‌ଡାଉନ୍ ଅବଧି ବଢ଼ାଇ ପାରନ୍ତି ବୋଲି ଅନୁମାନ କରାଯାଉଛି। ଲକ୍‌ଡାଉନ୍ ଯୋଗୁ ଲକ୍ଷ ଲକ୍ଷ ଶ୍ରମିକ ବେକାର ହେବା ସହିତ ଘୋର ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରମାନେ ଗରିବ ଲୋକ ଓ ଶ୍ରମିକଙ୍କୁ ଯେତିକି ସହାୟତା ଦେଇଛନ୍ତି ତାହା ସେମାନଙ୍କର ଆବଶ୍ୟକତା ପୂରଣ କରି ।ରୁ ନାହିଁ। ତଥାପି ଲକ୍‌ଡାଉନ୍ ଛଡ଼ା ସରକାରଙ୍କ ପାଖରେ କୌଣସି ରାସ୍ତା ନାହିଁ। ସରକାରୀ ସୂତ୍ରରୁ ଜଣାଯାଇଛି ଯେ ଘନ ଜନବସତି ଅଞ୍ଚଳ ଓ ବସ୍ତିରେ ସଂକ୍ରମଣ ବ୍ୟାପିଲେ ତାହାକୁ ଆଦୌ ରୋକାଯାଇ ପାରିବ ନାହିଁ।

## କମିଲା ଜିପିଏଫ୍ ସୁଧହାର



**ନୂଆଦିଲ୍ଲୀ :** କରୋନା ଯୋଁ ସାରା ବିଶ୍ୱରେ ସୃଷ୍ଟି ହୋଇଛି ଆର୍ଥିକ ଅସ୍ଥିରତା। ଭାରତ ମଧ୍ୟ ଏଥିରୁ ବାଦ ପଡିନାହିଁ। କରୋନା ପ୍ରଭାବର ମୁକାବିଲା ନିମନ୍ତେ ବିଭିନ୍ନ ଆର୍ଥିକ କଟକଣା ଲାଗୁ କରାଯାଇଛି। ଏପରିକି ସାଂସଦଙ୍କ ଭତ୍ତା, ଦରମା ଆଦି ହ୍ରାସ କରାଯାଇଛି। ହାତପାଣ୍ଠି ବନ୍ଦ କରାଯାଇଛି। ପୂର୍ବରୁ କେନଦ୍ର ସରକାର ବିଭିନ୍ନ ସଞ୍ଚୟ ଯୋଜନା ଓ ଇପିଏଫ୍ ହ୍ରାସ କରିଥିଲେ। ଏବେ ଜିପିଏଫ୍ ସୁଧହାର ହ୍ରାସ କରାଯାଇଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଜିପିଏଫ୍ ସୁଧହାର ୭.୯% ଥିବା ବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକ (ଏପ୍ରିଲ-ଜୁନ୍) ନିମନ୍ତେ ତାହାକୁ ୭.୧%କୁ ହ୍ରାସ କରାଯାଇଛି। ସୂଚନାଥାଉ କି, କେନ୍ଦ୍ର ସରକାରଙ୍କ କର୍ମଚାରୀମାନେ ୨୦୦୩ ଏପ୍ରିଲ ୧ ତାରିଖ କିମ୍ବା ଏହାପୂର୍ବରୁ କାର୍ଯ୍ୟରେ ଯୋଗଦାନ କରିଥିଲେ ସେମାନେ ଜିପିଏଫ୍‌ରେ ସାମିଲ ହୋଇ ପାରୁଥିଲେ।

## 'ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ପାଇଁ ଦୁଇ ବର୍ଷ ସମୟ ଲାଗିବ'

**ନୂଆଦିଲ୍ଲୀ :** କରୋନା ସଂକ୍ରମଣର ଭୟବହତା ଏବଂ ପରବର୍ତ୍ତୀ ସମୟରେ ସାରା ଦେଶରେ ଜାରି ରହିଥିବା କଟକଣା ଯୋଗୁଁ ଭାରତୀୟ ଅର୍ଥନୀତି ବ୍ୟବସ୍ଥା ସାଂଘାତିକ ଭାବେ ପ୍ରଭାବିତ ହୋଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ ଉତ୍ପାଦନ ଭିତ୍ତିକ ସମସ୍ୟା ସୃଷ୍ଟି ହୋଇଛି। ଶିଳ୍ପକ୍ଷେତ୍ର ଠାରୁ ଆରମ୍ଭ କରି ଅଟୋମୋବାଇଲ, ହୋଟେଲ ଏବଂ ରେଷ୍ଟୁରାଣ୍ଟକ୍ଷେତ୍ର ଏବଂ ରିଅଲ ଇଷ୍ଟେଟ ଭଳି ଅନେକ କ୍ଷେତ୍ରର ବ୍ୟବସାୟିକ କାରବାର ଏକପ୍ରକାର ଭୁଷୁଡ଼ି ଥିବା ବେଳେ ଏଗୁଡିକର ପୁନଃସକ୍ରିୟତା ପାଇଁ ଅନ୍ୟୂନ ୧୨ ରୁ ୨୪ ମାସ ସମୟ ଲାଗିବ ବୋଲି ଭାରତୀୟ ଶିଳ୍ପ ଓ ବାଣିଜ୍ୟ ମହାସଂଘ(ଫିକି) ପକ୍ଷରୁ କୁହାଯାଇଛି। ସେହିପରି କରୋନା ସଂକ୍ରମଣ ଏବଂ ଲକ୍‌ଡାଉନ୍‌କୁ ନେଇ ବିର୍ଯ୍ୟସ୍ତ ହୋଇପଡ଼ିଥିବା ପର୍ଯ୍ୟଟନ, ପରିବହନ, ଲଜିଷ୍ଟିକ୍, ମନୋରଞ୍ଜନ ଶିଳ୍ପ ଏବଂ ରିଟେଲ କ୍ଷେତ୍ର ସର୍ବାଧିକ ଭାବେ ପ୍ରଭାବିତ ହୋଇଥିବା ବେଳେ ଏହିସବୁ କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଆସିବା ପାଇଁ ମଧ୍ୟ ଦୁଇ ବର୍ଷ ଲାଗିବ ବୋଲି ଫିକି କହିଛି। ଏ ସମ୍ପର୍କରେ 'କୋଭିଡ୍-୧୯ ଇଣ୍ଡିଆ' ଶୀର୍ଷକ ଏକ ସର୍ଭେ କରାଯାଇଥିବା ବେଳେ ଅନେକ କ୍ଷେତ୍ରର ସାଂପ୍ରତିକ ସ୍ଥିତିକୁ ନେଇ ତର୍ଜମା କରାଯାଇଛି। ବୟନଶିଳ୍ପ, ବିୟୁଟି ପ୍ରଡକ୍ଟ, ଆଲକହୋଲିକ୍ ବେଭେରେଜ୍, ଇନ୍‌ସ୍ୟୁରାନ୍ସ, କୃଷି, କେମିକାଲ,ମେଟାଲ ଓ ମାଇନିଂ, ସେବା କ୍ଷେତ୍ର, ଶିଳ୍ପ, ଅଫ୍ ଲାଇନ୍ ରିଟେଲ ଏବଂ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପରିବର୍ତ୍ତନ ଆସିବା ପାଇଁ ପ୍ରାୟ ଏକ ବର୍ଷ ଲାଗିବ ବୋଲି କୁହାଯାଇଥିବା ବେଳେ ଅନ୍ୟାନ୍ୟ ପ୍ରମୁଖ କେତେକ କ୍ଷେତ୍ର ପାଇଁ ଅଧିକ ସମୟ ଲାଗି ପାରେ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି। ତେବେ ଏଥିଲାଗି ବିପୁଳ ପରିମାଣର ଅର୍ଥ ବ୍ୟବସ୍ଥାର ଆବଶ୍ୟକତା ରହିଛି। କେବଳ ଶିଳ୍ପକ୍ଷେତ୍ରର ପୁନରୁଥାନ ପାଇଁ ଦେଶର ମୋଟ ଜିଡିପିର ୪ ରୁ ୫ ପ୍ରତିଶତ ସ୍ୱରୂ ୯ ରୁ ୧୦ ଲକ୍ଷ କୋଟି ଟଙ୍କା ପ୍ୟାକେଜ ବ୍ୟବସ୍ଥାର ଆବଶ୍ୟକତା ରହିଛି ବୋଲି କୁହାଯାଇଛି। ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରରେ କରୋନା ସଂକ୍ରମଣକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟାକୁ ଦୃଷ୍ଟିରେ ରଖି ସେଠାକାର ସରକାରଙ୍କ ପକ୍ଷରୁ ଆର୍ଥିକ ପ୍ୟାକେଜ୍‌ର ଘୋଷଣା କରାଯାଇଥିଲା ବେଳେ ଭାରତ ପାଇଁ ମଧ୍ୟ ସେଭଳି ବ୍ୟବସ୍ଥାର ଆବଶ୍ୟକତା ରହିଥିବା କୁହାଯାଇଛି।

## କରୋନା ପାଇଁ ୧୫ ହଜାର କୋଟିର ପ୍ୟାକେଜ



**ନୂଆଦିଲ୍ଲୀ :** ମହାମାରୀ କରୋନା ବିରୋଧରେ ଭାରତରେ ଚାଲିଥିବା ନିର୍ଣ୍ଣାୟକ ଲଢ଼େଇକୁ ଅଧିକ ସଶକ୍ତ କରିବାକୁ କେନ୍ଦ୍ର ସରକାର ୧୫ ହଜାର କୋଟିର ଆର୍ଥିକ ପ୍ୟାକେଜ୍ ଘୋଷଣା କରିଛନ୍ତି। ଏହି ଅର୍ଥ କରୋନା ପାଇଁ ଜରୁରୀକାଳୀନ ବ୍ୟବସ୍ଥା କରିବାକୁ ବ୍ୟବହାର କରାଯିବ। ଏହି ୧୫ ହଜାର କୋଟିରୁ ବର୍ତ୍ତମାନ ୭୭୭୪ କୋଟି ଟଙ୍କା ଏ ବାବଦରେ ଖର୍ଚ୍ଚ ହେବ। ବାକି ଅର୍ଥ ୪ ବର୍ଷ ଭିତରେ ମଧ୍ୟବର୍ତ୍ତୀକାଳୀନ ସହାୟତା ଭାବେ ମିଶନ ମୋଡ ଭାବେ ରାଜ୍ୟ ଗୁଡିକୁ ଯୋଗାଇ ଦିଆଯିବ। ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଥିବା ସ୍ୱାସ୍ଥ୍ୟବସ୍ଥାର ସୁଧାର ପାଇଁ କେନ୍ଦ୍ର ସରକାର ଏଭଳି ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି। ଇଣ୍ଡିଆ କୋଭିଡ-୧୯ ଏମରଜେନ୍ସିଂ ରେସପନ୍ସ ଆଣ୍ଡ ହେଲଥ ସିଷ୍ଟମ ନାମରେ ଏହି ପ୍ୟାକେଜ ଘୋଷଣା କରାଯାଇଛି। ଏହି ପ୍ୟାକେଜରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଯେଉଁ ଆର୍ଥିକ ସହଯୋଗ କରାଯାଇଛି ତାହା ସମ୍ପୂର୍ଣ୍ଣ ଭାବରେ କେନ୍ଦ୍ରର ଟଙ୍କା। ଏହି ଆର୍ଥିକ ପ୍ୟାକେଜରେ ହସ୍ପିଟାଲର ଆଇସୋଲେସନ ୱାର୍ଡ ଗଠନ କରାଯିବ ଓ ଆଇସିୟୁ ଭଳି ସ୍ୱାସ୍ଥ୍ୟ ଉପକରଣ କିଣାଯିବ। ତିନୋଟି ପର୍ଯ୍ୟାୟରେ କେନ୍ଦ୍ର ଏହି ଟଙ୍କାର ଉପଯୋଗ କରିବ। ଜାନୁଆରୀ ୨୦୨୦ରୁ ଜୁନ୍ ୨୦୨୦ ପ୍ରଥମ ପର୍ଯ୍ୟାୟ, ଜୁଲାଇ ୨୦୨୦ରୁ ମାର୍ଚ୍ଚ ୨୦୧୧ ଦ୍ୱିତୀୟ ପର୍ଯ୍ୟାୟ ଏବଂ ଏପ୍ରିଲ ୨୦୨୧ରୁ ମାର୍ଚ୍ଚ ୨୦୨୪ରେ ତୃତୀୟ ପର୍ଯ୍ୟାୟ ରହିଛି। ଏହି ଅର୍ଥକୁ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟରେ ବଣ୍ଟାଯିବ। ନ୍ୟାସନାଲ ହେଲଥ ମିଶନର ନିର୍ଦ୍ଦେଶକ ବନ୍ଦନା ଗୁରୁନାନୀ ଏକ ସର୍କୁଲାର ଜାରି କରି କହିଛନ୍ତି, ଏହା ୧୦୦% କେନ୍ଦ୍ରର ପ୍ରୋଜେକ୍ଟ। ଜାନୁଆରୀ ୨୦୨୦ ରୁ ମାର୍ଚ୍ଚ ୨୦୨୪ ମଧ୍ୟରେ ଏହା ତିନୋଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବ। ପ୍ରଥମ ପର୍ଯ୍ୟାୟରେ କୋଭିଡ-୧୯ ଡାକ୍ତରଖାନା ସଂଖ୍ୟା ବୃଦ୍ଧି ଏବଂ ଡାକ୍ତରଖାନା ଗୁଡିକର ବିକାଶ ହେବ। ଏଥିସହ ଆଇସୋଲେସନ ୱାର୍ଡ, ଭେଣ୍ଟିଲେଟର ସହିତ ଆଇସିୟୁ, ଡାକ୍ତରଖାନାରେ ଅକ୍ସିଜେନ ଯୋଗାଣ, ଡାକ୍ତରଖାନାର ଲ୍ୟାବ ଗୁଡିକର ମରାମତି, ପର୍ଯ୍ୟାପ୍ତ ପରିମାଣର ଔଷଧ ସହିତ ଆମ୍ବୁଲାନ୍ସ ସଂଖ୍ୟା ବଢ଼ାଯିବ। ମାର୍ଚ୍ଚ ୨୭ରେ କେନ୍ଦ୍ର ସରକାର ୧ଲକ୍ଷ ୭୦ ହଜାର ଟଙ୍କାର ଆର୍ଥିକ ପ୍ୟାକେଜ ଘୋଷଣା କରିଥିଲେ। ବର୍ତ୍ତମାନ ସୁଦ୍ଧା ଦେଶରେ ୧୫୭ଟି ସରକାରୀ ଓ ୬୬ଟି ଘରୋଇ ଲ୍ୟାବ ରହିଛି। ଏହିସବୁ ସ୍ଥାନରେ କରୋନା ପାଇଁ ସ୍କିନିଂ କରାଯାଉଛି।

## ପାକିସ୍ତାନକୁ ଭାରତର ସମାଲୋଚନା

**ନୂଆଦିଲ୍ଲୀ :** ସାର୍କ କୋଭିଡ୍-୧୯ ଜରୁରି ପାଣ୍ଠିକୁ ପାକିସ୍ତାନ ୩୦ ନିୟୁତ ଡଲାର ସହାୟତା ରାଶି ପ୍ରଦାନ କରିଥିବାରୁ ଶୁକ୍ରବାର ଭାରତ ତା'ର ତୀବ୍ର ପ୍ରତିବାଦ କରିଛି। ଭାରତ କହିଛି, ପାକିସ୍ତାନ କୋଭିଡ୍-୧୯ର ଭୟାବହତାକୁ ଭଲ ଭାବରେ ଜାଣିଥିଲେ ମଧ୍ୟ ସାର୍କ ସଂଗଠନର ମିଳିତ ଲଢ଼େଇରେ ସାମିଲ ହେବାକୁ ଦୋଦୋପାଞ୍ଚ ହେଉଛି। ସାର୍କ ସଂଗଠନର ପ୍ରତ୍ୟେକ ସଭ୍ୟ ରାଷ୍ଟ୍ର ପାକିସ୍ତାନର ଏଭଳି ବଦାନ୍ୟତା ପ୍ରତି ତୀକ୍ଷ୍ଣ ଅନୁଧ୍ୟାନ କରିବାର ଆବଶ୍ୟକତା ଅଛି ବୋଲି ଭାରତ ପ୍ରତିକ୍ରିୟାରେ ପ୍ରକାଶ କରିଛି। ଭାରତର ବୈଦେଶିକ ବ୍ୟାପାର ପ୍ରବକ୍ତା ଅନୁରାଗ ଶ୍ରୀବାସ୍ତବ ଏକ ବିଜ୍ଞପ୍ତି ଜରିଆରେ ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତିବଦ୍ଧତାକୁ ଜଣାଇଛନ୍ତି। ସାର୍କ ସଂଗଠନକୁ ମଜଭୁତ କରିବା ପାଇଁ ଭାରତ ସବୁବେଳେ ପ୍ରସ୍ତୁତ ଅଛି। ସାର୍କ ସଂଗଠନର ଯେ କୌଣସି ଜନ ହିତକର କାର୍ଯ୍ୟରେ ଭାରତ ପୂର୍ଣ୍ଣ ସହଯୋଗ କରିବାକୁ ରାଜି ଅଛି। ସାର୍କ ସଂଗଠନ ଅନ୍ତର୍ଭୁକ୍ତ ଆଫଗାନିସ୍ତାନ, ବାଂଲାଦେଶ, ଭୁଟାନ, ମାଳଦ୍ୱୀପ, ନେପାଳ ଓ ଶ୍ରୀଲଙ୍କା ସହିତ ହାତ ମିଳାଇ ଭାରତ କୋଭିଡ୍ ପାଣ୍ଠିକୁ ବହୁ ପୂର୍ବରୁ ଆର୍ଥିକ ସହାୟତା ପ୍ରଦାନ କରିସାରିଛି। ପାକିସ୍ତାନ ଅନ୍ତିମ ପର୍ଯ୍ୟାୟରେ ଆର୍ଥିକ ରାଶି ପ୍ରଦାନ କରିଛି। ମାର୍ଚ୍ଚ ୧୫ରେ ସାର୍କ ନେତାଙ୍କ ସହ ପ୍ରଧାନମନ୍ତ୍ରୀ ମୋଦୀ ଭିଡିଓ କନ୍‌ଫରେନ୍ସିଂ ଜରିଆରେ କୋଭିଡ୍-୧୯ ଆଲୋଚନା କରିବା ପରେପରେ ପ୍ରଥମ ପର୍ଯ୍ୟାୟରେ ଆଗୁଆ ୧୦ ନିୟୁତ ଡଲାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଯୁଦ୍ଧ ଜର୍ଜରିତ ଆଫଗାନିସ୍ତାନ ଏକ ନିୟୁତ ଡଲାର ପ୍ରଦାନ କରିଛି।

### କରୋନା ପ୍ରଭାବକୁ ନେଇ ଆନ୍ତର୍ଜାତିକ ଶ୍ରମ ସଂଗଠନର ଆକଳନ

# ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯିବେ ୪୦ କୋଟି ଭାରତୀୟ ଶ୍ରମଜୀବୀ

**ନୂଆଦିଲ୍ଲୀ :** କରୋନା ସଂକ୍ରମଣକୁ ନେଇ ବିଶ୍ୱ ଅର୍ଥନୀତି ଧରାଶାୟୀ ହୋଇପଡ଼ିଥିବା ବେଳେ ଏବେ ବିଭିନ୍ନ କ୍ଷେତ୍ରରେ ବିପର୍ଯ୍ୟୟ ଦେଖାଯିବାର ସମ୍ଭାବନା ଉପୁଜିଛି। ବିଶେଷକରି ବିଶ୍ୱର ବିକାଶଶୀଳ ରାଷ୍ଟ୍ରମାନଙ୍କ ଅର୍ଥନୈତିକ ସ୍ଥିତି ଆଗାମୀ ଦିନରେ ଅଧିକ ସଂଗିନ ହେବାକୁ ଯାଉଛି ବୋଲି ଆନ୍ତର୍ଜାତିକ ମୁଦ୍ରାକୋଷ (ଆଇଏମ୍‌ଏଫ୍) ପକ୍ଷରୁ ପୂର୍ବରୁ କୁହାଯାଇସାରିଥିବା ବେଳେ ଏବେ ଭାରତୀୟ ଶ୍ରମଜୀବୀଙ୍କ ସମ୍ପର୍କରେ ଆନ୍ତର୍ଜାତିକ ଶ୍ରମ ସଂଗଠନ(ଆଇଏଲ୍‌ଓ) ପକ୍ଷରୁ କରାଯାଇଥିବା ଏକ ଆକଳନଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁଯାୟୀ କରୋନା ପ୍ରଭାବରେ ଭାରତରେ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରାୟ ୪୦ କୋଟିରୁ ଉର୍ଦ୍ଧ୍ୱ ଶ୍ରମଜୀବୀ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯିବାର ସମ୍ଭାବନା ସୃଷ୍ଟି ହୋଇଛି। କରୋନାକୁ ନେଇ ସାରା ବିଶ୍ୱରେ ୨୭୦ କୋଟି ଶ୍ରମଜୀବୀ ପ୍ରଭାବିତ ହୋଇଥିଲା ବେଳେ ଭାରତ ଭଳି ଏକ ବିପୁଳ ଜନସଂଖ୍ୟା ବହୁଳ ରାଷ୍ଟ୍ରରେ ସ୍ଥିତି ଅଧିକ ଜଟିଳ ହୋଇପଡ଼ିବ ବୋଲି କୁହାଯାଇଛି। ଭାରତ



ବ୍ୟତୀତ ନାଇଜେରିଆ ଏବଂ ବ୍ରାଜିଲ ଭଳି ରାଷ୍ଟ୍ରରେ ମଧ୍ୟ ଏହି ସମସ୍ୟା ଆହୁରି ଅଧିକ ରହିବ ବୋଲି ରିପୋର୍ଟରେ କୁହାଯାଇଛି। ଭାରତରେ ପ୍ରାୟ ୯୦ ପ୍ରତିଶତ ଲୋକ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ସଂଖ୍ୟା ୪୦୦ ନିୟୁତ ରହିଛି। ଏହି ଶ୍ରେଣୀରେ ନିମ୍ନ ଏବଂ ମଧ୍ୟମ ଶ୍ରେଣୀର ଆୟବର୍ଗ ରହିଥିବା ବେଳେ ସେମାନଙ୍କ ନିଯୁକ୍ତିକୁ ନେଇ ସେଭଳି ବିଶେଷ ସୁବିଧା ସୁଯୋଗର ବ୍ୟବସ୍ଥା ନଥାଏ। ଏହାବ୍ୟତୀତ ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଭାବେ କୌଣସି ନିଯୁକ୍ତିଭିତ୍ତିକ ନୀତି ପ୍ରଣୟନ କରାଯାଇନଥିବା ବେଳେ ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ କୌଣସି ବ୍ୟବସ୍ଥା ନଥିବାରୁ ସେମାନେ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯିବେ ବୋଲି ଆଇଏଲ୍‌ଓ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ କରୋନା ସଂକ୍ରମଣକୁ ନେଇ ବିଶ୍ୱର ଅଧିକାଂଶ ରାଷ୍ଟ୍ରରେ ପୂର୍ଣ୍ଣକାଳୀନ କିମ୍ବା ଆଂଶିକ ଭାବେ ଲକ୍‌ଡାଉନ୍ ଜାରି ରହିଥିବାରୁ ବିଶ୍ୱର ୮୧ ପ୍ରତିଶତ ଅର୍ଥାତ୍ ୨୭୦ କୋଟି ଶ୍ରମଜୀବୀ ପ୍ରଭାବିତ ହେବେ ବୋଲି କୁହାଯାଇଛି। ସାମ୍ପ୍ରତିକ ସ୍ଥିତିରେ ବିଭିନ୍ନ ରାଷ୍ଟ୍ରରେ ନିଯୁକ୍ତି ପ୍ରକ୍ରିୟା ସଙ୍କୁଚିତ ହେବା ଆରମ୍ଭ ହୋଇଛି। ୨୦୨୦ ଏପ୍ରିଲ ୧ ତାରିଖ ସୁଦ୍ଧା ଆଇଏଲ୍‌ଓକୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୦ ବର୍ଷର ପ୍ରଥମ ତ୍ରୈମାସିକରେ କାର୍ଯ୍ୟନିର୍ଘଣ୍ଟ ସମୟର ଶତକଡ଼ା ୬.୭ ଭାଗ ହ୍ରାସ ପାଇବ, ଯାହାକି ୧୯୫ ନିୟୁତ ଲୋକଙ୍କ ପୂରା ଦିନର କାର୍ଯ୍ୟନିର୍ଘଣ୍ଟ ସମୟ ସହିତ ସମାନ। ଅନ୍ୟପକ୍ଷରେ ଆନ୍ତର୍ଜାତିକ ବିମାନ ପରିବହନ ସଂଘ (ଆଇଏଟିଏ) ପକ୍ଷରୁ ପ୍ରକାଶ କରାଯାଇଥିବା ତଥ୍ୟକୁ ବିଚାର କଲେ ଏ କ୍ଷେତ୍ରରେ ମଧ୍ୟ ନିଯୁକ୍ତି ଯଥେଷ୍ଟ ମାତ୍ରାରେ ହ୍ରାସ ପାଇବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। କରୋନା ସଂକ୍ରମଣକୁ ନେଇ ବର୍ତ୍ତମାନ ବିମାନ ପରିବହନ ସେବା ସର୍ବାଧିକ ଭାବେ ପ୍ରଭାବିତ ହୋଇଥିବାରୁ ସାରା ବିଶ୍ୱରେ ଅନ୍ୟୂନ ୨୫ ନିୟୁତ ନିଯୁକ୍ତି ପ୍ରଭାବିତ ହେବ ବୋଲି ଆଇଏଟିଏ ପକ୍ଷରୁ କୁହାଯାଇଛି।

# କଠିନ ପରିସ୍ଥିତିରେ ଅର୍ଥନୀତି ଅପେକ୍ଷା ମଣିଷ ଜୀବନକୁ ଅଧିକ ଗୁରୁତ୍ୱ ଦେଇଛୁ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** କଠିନ ପରିସ୍ଥିତିରେ ଆମକୁ ମଣିଷ ଜୀବନ ଏବଂ ଅର୍ଥନୀତି ମଧ୍ୟରେ ନିଷ୍ପତ୍ତି ନେବାକୁ ହେଉଛି। ଏହି କଠିନ ପରିସ୍ଥିତି ମଣିଷ ଜୀବନକୁ ହିଁ ଅଧିକ ଗୁରୁତ୍ୱ ଦେଇ ଆମେ ନିଷ୍ପତ୍ତି ନେଇଛୁ ବୋଲି ଏକ ଭିଡିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ କହିଛନ୍ତି। ବାର୍ତ୍ତା ଆରମ୍ଭରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ କରୋନାର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ଯେଉଁଭଳି ଭାବରେ ସହଯୋଗ ଓ ସମର୍ଥନ ଯୋଗାଇଛନ୍ତି ସେଥିପାଇଁ ମୁଁ ଆପଣମାନଙ୍କୁ ଧନ୍ୟବାଦ ଜଣାଉଛି। ମୁଁ ଜାଣେ ଏଥିପାଇଁ ଆପଣମାନଙ୍କୁ, ଆମ ସମସ୍ତଙ୍କୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡୁଛି। ଅନେକ ତ୍ୟାଗ କରିବାକୁ ପଡୁଛି, କିନ୍ତୁ ପରିସ୍ଥିତିର ମୁକାବିଲା କରିବା ପାଇଁ ଏକମାତ୍ର ବାଟ। ଏହି ସମୟ ମଧ୍ୟରେ ଆପଣମାନଙ୍କ ଶୃଙ୍ଖଳା ଓ ତ୍ୟାଗ ପରିସ୍ଥିତିର ମୁକାବିଲା ପାଇଁ ଆମକୁ ଶକ୍ତି ଦେଇଛି। ଏହି ସମୟ ମଧ୍ୟରେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ ଆମେରିକାରେ କରୋନା କେସ୍ ୩୦୦ରୁ ଆସି ୪ଲକ୍ଷରେ ପହଞ୍ଚିଛି। ୯/୧୧ ଆତଙ୍କବାଦୀ ଆକ୍ରମଣ ଠାରୁ ଆରମ୍ଭ କରି ବିଭିନ୍ନ ଯୁଦ୍ଧରେ ଆମେରିକାର ଯେତେ ଲୋକ ପ୍ରାଣବଳୀ ଦେଇଥିଲେ ତା'ଠାରୁ ଅଧିକ ଲୋକ କରୋନା ଶିକାର ହୋଇଛନ୍ତି। ତଥାପି ଆମେରିକା ସମ୍ପୂର୍ଣ୍ଣ ଭାବରେ ଲକଡାଉନ୍ କରିନାହିଁ। ଏହି କଠିନ ପରିସ୍ଥିତିରେ ଆମକୁ ମଣିଷ ଜୀବନ ଏବଂ ଅର୍ଥନୀତି ମଧ୍ୟରେ ନିଷ୍ପତ୍ତି ନେବାକୁ ହେଉଛି। ଏହି କଠିନ ପରିସ୍ଥିତି ମଣିଷ ଜୀବନକୁ ହିଁ ଅଧିକ ଗୁରୁତ୍ୱ ଦେଇ ଆମେ ନିଷ୍ପତ୍ତି ନେଇଛୁ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଆମେ ଲକଡାଉନ୍ ସମୟସୀମା ଏପ୍ରିଲ ୩୦



ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି କଲୁ। ରାଜ୍ୟ କ୍ୟାବିନେଟ୍ ଲକଡାଉନ୍ ସମୟ ସୀମା ଏପ୍ରିଲ ୩୦କୁ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛି। ସେହିପରି ଏପ୍ରିଲ ୩୦ ପର୍ଯ୍ୟନ୍ତ ରେଳ ଓ ବିମାନ ସେବା ବନ୍ଦ ରଖିବା ପାଇଁ ଆମେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛୁ। ଓଡ଼ିଶା ବାହାରେ ବିଭିନ୍ନ ରାଜ୍ୟରେ ରହିଯାଇଥିବା ଆମର ଶ୍ରମିକ ଭାଇଭଉଣୀମାନଙ୍କ ଯତ୍ନ ନେବା ପାଇଁ ଆମେ ସେ ସବୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛୁ। ଓଡ଼ିଶା ସରକାର ମଧ୍ୟ ଓଡ଼ିଶାରେ ରହିଯାଇଥିବା ଅନ୍ୟ ରାଜ୍ୟର ଶ୍ରମିକ ବନ୍ଧୁମାନଙ୍କର ଯତ୍ନ ନେଉଛନ୍ତି। ଏହି ଲକଡାଉନ୍ ସମୟରେ କୃଷି କାର୍ଯ୍ୟ ଜାରି ରହିବ। ଗରିବ ଲୋକଙ୍କୁ ରୋଜଗାର ଦେବା ପାଇଁ ଏନ୍ଆର୍ଇଜିଏସ୍ କାର୍ଯ୍ୟକ୍ରମ ଜାରି ରହିବ। କିନ୍ତୁ, ଏ ସବୁ କାମରେ ସାମାଜିକ ଦୂରତ୍ୱକୁ କଡାକଡି ଭାବରେ ପାଳନ କରାଯିବ। ଲୋକଙ୍କ ଖାଦ୍ୟ ନିରାପତ୍ତା ଆମ ପାଇଁ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ତେଣୁ ଲକଡାଉନ୍ ସମୟରେ ଯେପରି ମାଲ୍ ପରିବହନରେ ବାଧା ସୃଷ୍ଟି ନହୁଏ ସେଥିପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେଇଛନ୍ତି। ରାଜ୍ୟରେ କୋଭିଡ ଟେଷ୍ଟିଙ୍ଗ ଓ ଚିକିତ୍ସା ପାଇଁ ରାଜ୍ୟ ସରକାର ସବୁ ପ୍ରକାର ପଦକ୍ଷେପ ନେଇଛନ୍ତି। ଖୁବ୍ଶୀଘ୍ର ରାଜ୍ୟରେ ୧ଲକ୍ଷ ରେପିଡ୍ ଟେଷ୍ଟିଙ୍ଗ୍ ସୁବିଧା ବିକାଶ କରିବାକୁ ଆମେ ପଦକ୍ଷେପ ନେଉଛୁ। ଯେଉଁ ଡାକ୍ତରମାନେ ମୋର ଅନୁରୋଧ ରକ୍ଷା କରି ଟେଲିମେଡିସିନ୍ ସେବା ଯୋଗାଇ ଦେବା ପାଇଁ ଆଗେଇ ଆସିଛନ୍ତି ସେମାନଙ୍କୁ ମୁଁ ଧନ୍ୟବାଦ ଜଣାଉଛି। ମୁଁ ଘୋଷଣା କରୁଛି ରାଜ୍ୟର ସବୁ ସ୍କୁଲ କଲେଜ ଜୁନ୍ ୧୭ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। କରୋନା ଗତ ଏକ ଶତାବ୍ଦୀ ମଧ୍ୟରେ ମାନବ ସଭ୍ୟତାର ସବୁଠାରୁ ବଡ ଶତ୍ରୁ ଭାବରେ ଦେଖାଦେଇଛି। ଜୀବନଯାତ୍ରା ଆଉ ଆଗ ଭଳି ରହିନାହିଁ। ଆମେ ସମସ୍ତେ ଏହା ବୁଝିବା ଦରକାର ଏବଂ ସାହସର ସହ ମିଳିତ ଭାବରେ ଏହାର ମୁକାବିଲା ପାଇଁ କାମ ରହିବା ଦରକାର। ମହାପ୍ରଭୁଙ୍କ ଆଶୀର୍ବାଦ ଓ ଆମ ସମସ୍ତଙ୍କ ତ୍ୟାଗ ହିଁ ଏ କଠିନ ପରିସ୍ଥିତିରୁ ଆମକୁ ଶୀଘ୍ର ମୁକୁଳାଇ ପାରିବ।

## ବ୍ରହ୍ମପୁର ଓ ଯାଜପୁରରେ କୋଭିଡ୍ ହସ୍ପିଟାଲ

**ଭୁବନେଶ୍ୱର :** ଟାଟା ଷ୍ଟିଲ୍ ସହାୟତାରେ ବ୍ରହ୍ମପୁରଠାରେ ୨୦୦ ଶଯ୍ୟା ଓ ୧୫ ଆଇସିୟୁ ବିଶିଷ୍ଟ କୋଭିଡ୍ ହସ୍ପିଟାଲ ଉଦ୍‌ଘାଟିତ ହୋଇଛି। ସେହିପରି ଯାଜପୁରରେ ମଧ୍ୟ ୧୫୦ ଶଯ୍ୟା ବିଶିଷ୍ଟ ଆଉ ଏକ କୋଭିଡ ହସ୍‌ପିଟାଲ କାର୍ଯ୍ୟାରମ୍ଭ କରିଛି। ରେକର୍ଡ ସମୟ ମଧ୍ୟରେ ଏହି ସବୁ ମେଡିକାଲ ପ୍ରସ୍ତୁତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲ୍ଲା ପ୍ରଶାସନର ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଏହା ଫଳରେ ରାଜ୍ୟରେ ୧୭୯୭ ଶଯ୍ୟା ବିଶିଷ୍ଟ ୯ଟି ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ୍ କାର୍ଯ୍ୟକ୍ଷମ ହୋଇଛି ବୋଲି ରାଜ୍ୟ ସରକାରଙ୍କ କୋଭିଡ୍ ମୁଖପାତ୍ର ସୁବ୍ରତୋ ବାଗଚୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଅଧିକ କୋଭିଡ୍ ନମୁନା ପରୀକ୍ଷା କ୍ଷମତା ବୃଦ୍ଧି ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ରେ କୋଭିଡ୍ ପରୀକ୍ଷା ପାଇଁ ଆଇସିଏମ୍ଆର ଅନୁମୋଦନ ମିଳିଛି। କଟକ ଏସ୍‌ସିବି ମେଡିକାଲ କଲେଜ୍ ଓ ହସ୍ପିଟାଲ୍ ପରେ ଏହା ରାଜ୍ୟର ଦ୍ୱିତୀୟ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ୍; ଯେଉଁଠି ନମୁନା ପରୀକ୍ଷା କରାଯିବ। ଏହା କାର୍ଯ୍ୟକ୍ଷମ ହେବା ଫଳରେ ଦକ୍ଷିଣ ଓଡ଼ିଶା ଜନସାଧାରଣଙ୍କ ପାଇଁ କୋଭିଡ୍ ପରୀକ୍ଷଣର ସୁବିଧା ଉପଲବ୍ଧ ହେବ। ଭୁବନେଶ୍ୱର ଆଞ୍ଚଳିକ ଭେଷଜ ଅନୁସନ୍ଧାନ(ଆରଏମ୍ଆର୍‌ସି)ରେ ଅତ୍ୟାଧୁନିକ କୋବାସ୍ ମେସିନ୍ ସ୍ଥାପନ କରାଯାଇଛି। ଏହା ଦ୍ୱାରା ଆରଏମ୍ଆର୍‌ସିରେ କୋଭିଡ୍ ପରୀକ୍ଷଣ କ୍ଷମତା ହଜାରକୁ ବୃଦ୍ଧି ପାଇଛି।

## ଏବେ ଆର୍‌ଏମ୍‌ଆର୍‌ସିରେ ଦିନକୁ ହଜାରେ ପରୀକ୍ଷା

**ଭୁବନେଶ୍ୱର :** ରାଜ୍ୟରେ କୋଭିଡ-୧୯ ନମୂନା ପରୀକ୍ଷା ସମୟ ସାପେକ୍ଷ। ପ୍ରାୟ ଗୋଟିଏ ନମୁନା ପରୀକ୍ଷା ପାଇଁ ୧୦ଘଣ୍ଟା ସମୟ ଲାଗେ। ଭିଟିଏମ୍ ସାମ୍ପୁଲ୍ କଲେକ୍ସନ ପାଇଁ ପିପିଇ(ପର୍ସନାଲ ପ୍ରୋଟେକ୍ଟିଭ ଇକ୍ୟୁପ୍‌ମେଣ୍ଟ) ପିନ୍ଧିବା ଅତ୍ୟନ୍ତ ଜରୁରି। ନମୁନା ସଂଗ୍ରହ ପରେ ଏହାକୁ ଟ୍ରିପଲ ଲେୟାର ପ୍ୟାକେଜରେ ଅଣାଯାଇଥାଏ। ବାୟୋଲୋଜିକ୍ଷିକ୍ ଚ୍ୟାମ୍ବରରେ ଅତି ସତର୍କତାର ସହ ଖୋଲାଯାଇ ବିଭିନ୍ନ ସ୍ତରରେ ପରୀକ୍ଷା କରାଯାଇଥାଏ ବୋଲି ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ଡାକ୍ତର ସଂଘମିତ୍ରା ପତି କହିଛନ୍ତି। ସେ କହିଲେ ଯେ ଆର୍‌ଏମ୍‌ଆର୍‌ସିରେ ଅତ୍ୟାଧୁନିକ କୋବାସ୍ ମେସିନ୍ ସ୍ଥାପନ କରାଯାଇଛି। ଆର୍‌ଏମ୍‌ଆର୍‌ସି ଦେଶର ଦ୍ୱିତୀୟ ଅନୁଷ୍ଠାନ; ଯାହାକୁ ଏହି ମେସିନ୍ ମିଳିଛି। ଏହା ଦ୍ୱାରା ଆର୍‌ଏମ୍‌ଆର୍‌ସିର କୋଭିଡ୍ ପରୀକ୍ଷଣ କ୍ଷମତା ଏକହଜାରକୁ ବୃଦ୍ଧି ପାଇଛି। ବର୍ତ୍ତମାନ କରୋନା ଜନଜୀବନକୁ ପ୍ରଭାବିତ କରିଛି। ଏପରି ସମୟରେ କେରୋନା ପାଇଁ କୌଣସି ଭ୍ୟାକ୍‌ସିନ୍ ବାହାରି ନାହିଁ। ସବୁବେଳେ ଓଡ଼ିଶାବାସୀଙ୍କ ସେବାରେ ଆରଏମ୍‌ଆରସି ଲାଗିରହିଛି। କରୋନା ଟେଷ୍ଟିଂ କ୍ଷେତ୍ରରେ ଆରଏମ୍‌ଆରସି କର୍ମଚାରୀ ୨୪ଘଣ୍ଟିଆ କାର୍ଯ୍ୟରେ ଲାଗିଛନ୍ତି। ଏହି କରୋନା ଭାଇରସ୍‌ର ଡାଇଗ୍ନୋଷ୍ଟିକ୍ ଏତେ ସରଳ ନୁହେଁ। ଏହାର ସଠିକ ଚିହ୍ନଟ ପାଇଁ ସମୟ ସାପକ୍ଷେ। ଏହି ଭାଇରସ୍ ଦ୍ରୁତ ଗତିରେ ସଂକ୍ରମଣ କରିଥାଏ। ତେଣୁ ଆରଏମ୍‌ଆରସିର ନେଗେଟିଭ୍ ପ୍ରେସର ଚାମ୍ବର ଭିତରର ଲାଇସେସ୍ ବଫରରେ ଏହି ନମୁନାର ଟ୍ରିଲ ଲେୟାର ଖୋଲାଯାଇଥାଏ। ବିଭିନ୍ନ ପ୍ରକ୍ରିୟାରେ ପରୀକ୍ଷା ପରେ ୪ଘଣ୍ଟା ପରେ ରିପୋର୍ଟ ଆସିଥାଏ। ଏହି ରିପୋର୍ଟକୁ ତର୍ଜମା କରିବା ଲାଗି ପ୍ରାୟ ଅଢ଼େଇ ଘଣ୍ଟା ଲାଗିଥାଏ। ତାହା ପରେ ହିଁ ପ୍ରକୃତ ରିପୋର୍ଟ ଆସିବାରେ ୮ଘଣ୍ଟା ଲାଗିଥାଏ। ଆଗାମୀ ସପ୍ତାହ ଭିତରେ ୧ ହଜାର ଟେଷ୍ଟ କରି ।ରିବୁ ବୋଲି ସେ କହିଛନ୍ତି। ସେହିପରି ଡିଏମ୍‌ଇଟି ସିବିକେ ମହାନ୍ତି ରୋଗୀ ସମ୍ପର୍କରେ ସୂଚନା ଦେଇଥିଲେ।

# ଓଡ଼ିଶା ଆକସ୍ମିକ ପାଣ୍ଠି ୨ ହଜାର କୋଟିକୁ ବୃଦ୍ଧି


**ଭୁବନେଶ୍ୱର :** କରୋନା ସଂକ୍ରମରକୁ ରୋକିବା ପାଇଁ ବ୍ୟାପକ ପଦକ୍ଷେପ ନେଉଥିବା ରାଜ୍ୟ ସରକାର ଏବେ ଓଡ଼ିଶା ଆକସ୍ମିକ ପାଣ୍ଠିର ପରିମାଣ ବୃଦ୍ଧି କରିଛନ୍ତି। ଏହାସହିତ ଆକସ୍ମିତ ପାଣ୍ଠିରୁ ଅର୍ଥ ଆଣି କରୋନା ମୁକାବିଲା ପାଇଁ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା ଆକସ୍ମିକ ପାଣ୍ଠିର ପରିମାଣକୁ ୧୪୦୦ କୋଟିରୁ ୨ ହଜାର କୋଟି ଟଙ୍କାକୁ ବୃଦ୍ଧି ନିମନ୍ତେ ଓଡ଼ିଶା କଣ୍ଟିଜେନ୍ସିଂ ଫଣ୍ଡ ଆକ୍ଟ-୧୯୬୭କୁ ଅଧ୍ୟାଦେଶ ମାଧ୍ୟମରେ ସଂଶୋଧନ କରିଥିବା ଜଣାପଡିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ମୁଖ୍ୟ ସଚିବ ଅସିତ କୁମାର ତ୍ରିପାଠୀ କହିଛନ୍ତି ଯେ, ଓଡ଼ିଶା ଆକସ୍ମିକ ପାଣ୍ଠି (ଓଡ଼ିଶା କଣ୍ଟିଜେନ୍ସିଂ ଫଣ୍ଡ ବା ଓସିଏଫ୍)ର ପରିମାଣକୁ ୨ ହଜାର କୋଟି ଟଙ୍କାକୁ ବୃଦ୍ଧି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଏହାସହିତ ୧ଲକ୍ଷ ଆଣ୍ଟି-ବଡି ଟେଷ୍ଟ କିଟ୍ କ୍ରୟ କରିବା ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁର କରିଛନ୍ତି। ପୂର୍ବରୁ ମନ୍ତ୍ରିସ୍ତରୀୟ କମିଟି ଏଥିପାଇଁ ଅନୁମତି ଦେଇଥିଲେ। ରାଜ୍ୟରେ ପର୍ଯ୍ୟାପ୍ତ ପରିମାର ମେଡିକାଲ ସରଞ୍ଜାମ, ଟେଷ୍ଟିଂ କିଟ୍ ଓ ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୟୁପମେଣ୍ଟ (ପିପିଇ) ଉପଲବ୍ଧ ରହିଛି। ଯେତିକି ମେଡିସିନ୍ ମହଜୁଦ ଅଛି ତାହା ୪ରୁ ୮ ମାସ ପର୍ଯ୍ୟନ୍ତ ଯିବ। ତା'ଛଡା ଅଧିକ ପରିମାଣର ପିପିଇ ବାହାରୁ ଆଣିବା ନିମନ୍ତେ ପଦକ୍ଷେପ ନିଆଯାଉଛି। କରୋନା ମୁକାବିଲା ପାଇଁ ସରକାରୀସ୍ତରରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ରାଜ୍ୟ କ୍ୟାବିନେଟ୍‌କୁ ମଧ୍ୟ ସେ ଅବଗତ କରିଥିବା ମୁଖ୍ୟ ସଚିବ ଶ୍ରୀ ତ୍ରିପାଠୀ କହିଛନ୍ତି। ଏହାସହିତ ଲକଡାଉନ୍ ଓ ସଟଡାଉନକୁ ରାଜ୍ୟବାସୀ ସ୍ୱେଚ୍ଛାକୃତ ଭାବେ ସହଯୋଗ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇ ସ୍ୱାସ୍ଥ୍ୟମନ୍ତ୍ରୀ ଏକ ପ୍ରସ୍ତାବ ଆଣିଥିଲେ। ଯାହାକୁ କ୍ୟାବିନେଟ୍‌ରେ ଗ୍ରହଣ କରାଯାଇଥିଲା। ଏହାବ୍ୟତୀତ ଲକଡାଉନ୍ ବୃଦ୍ଧି ଓ ଶିକ୍ଷାନୁଷ୍ଠାନ ଜୁନ୍ ୧୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ସାମାଜିକ ଦୂରତ୍ୱ ବଜାୟ ରଖି ଖାଦ୍ୟ ନିରାପତ୍ତା ଆଇନ ଓ ଏନ୍ଆରଜିଏସ୍ କାର୍ଯ୍ୟକ୍ରମ ଜାରି ରଖିବାକୁ କ୍ୟାବିନେଟ୍ ପରାମର୍ଶ ଦେଇଛନ୍ତି। ସୂଚନାଥାଉ କି, ୨୦୧୮ ଡିସେମ୍ବର ୨୯ ତାରିଖରେ ରାଜ୍ୟ କ୍ୟାବିନେଟ୍ ଏକ ସ୍ୱତନ୍ତ୍ର ଅଧ୍ୟାଦେଶ ମାଧ୍ୟମରେ ଓଡ଼ିଶା ଆକସ୍ମିକ ପାଣ୍ଠିର ପରିମାଣକୁ ୪୦୦ କୋଟି ଟଙ୍କାରୁ ୧୪୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା। ୨୦୦୮ ମସିହରେ ଏହି ପାଣ୍ଠି ପରିମାଣକୁ ୧୫୦ କୋଟି ଟଙ୍କାରୁ ୪୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଏଥିପାଇଁ ଓଡ଼ିଶା ଆକସ୍ମିକ ପାଣ୍ଠି ଆକ୍ଟ-୧୯୬୭ରେ ରାଜ୍ୟ ସରକାର ସଂଶୋଧନ କରିଥିଲେ।

## ସ୍କୁଲ ଫି' କମାଇବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର :** କରୋନା ଯୋଗୁ ସମଗ୍ର ଦେଶ ଭଳି ଓଡ଼ିଶାରେ ମଧ୍ୟ ଲକଡାଉନ୍ ଚାଲିଥିବାରୁ ସାଧାରଣ ଜୀବନଯାତ୍ରା ଠପ୍ ହୋଇଯାଇଛି। ଏପରି ସମୟରେ ସବୁ ଘରୋଇ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀଙ୍କ ତିନି ମାସର ସ୍କୁଲ ଫି' ହ୍ରାସ କିମ୍ବା ଘୁଞ୍ଚାଇବା ଲାଗି ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଟ୍ୱିଟ୍ ଯୋଗେ ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି ଯେ, ଲକଡାଉନ୍ ଯୋଗୁ ଅଭିଭାବକଙ୍କ ଉପରେ ଆର୍ଥିକ ଚାପ ରହିବ। ଏହାକୁ ଦୃଷ୍ଟିରେ ରଖି ସବୁ ଘରୋଇ ଶିକ୍ଷାନୁଷ୍ଠାନ ସହାନୁଭୂତି ଦେଖାଇ ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ତିନି ମାସର ସ୍କୁଲ ଫି କମାଇ ଦିଅନ୍ତୁ ନହେଲେ ଏହାକୁ ଘୁଞ୍ଚାଇ ଦିଅନ୍ତୁ। ସ୍କୁଲ ଫି' ହ୍ରାସ କଲେ ଅଭିଭାବକଙ୍କ ଉପରେ ବୋଝ ପଡିବନି। ଏହାସହ ଲକଡାଉନ୍ ଯୋଗୁ ଯେଉଁ ଅଭିଭାବକଙ୍କ ଆୟ ଗଭୀର ଭାବେ ପ୍ରଭାବିତ ହୋଇଛି, ସେମାନଙ୍କୁ ଏହାଦ୍ୱାରା ସହାୟତା ମିଳିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଦର୍ଶାଯାଇଛି।

# ଓଡ଼ିଶାରେ କରୋନା ପଜିଟିଭ ହାର ୧.୪୭%

**ଭୁବନେଶ୍ୱର :** ଓଡ଼ିଶାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ମାତ୍ର ୧.୪୭% ଓ ଅନ୍ୟ ପଡୋଶୀ ରାଜ୍ୟ ଗୁଡିକ ତୁଳନାରେ ଓଡ଼ିଶାରେ ଅପେକ୍ଷାକୃତ ଭଲ ପଦକ୍ଷେପ ନିଆଯାଉଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଓଡ଼ିଶାରେ ଶୁକ୍ରବାର ସୁଦ୍ଧା ମୋଟ ୩୨୪୯ଜଣଙ୍କ ନମୂନା ପରୀକ୍ଷା କରାଯାଇଥିବା ବେଳେ ସେଥିରୁ ୪୮ଜଣ କରୋନା ସଂକ୍ରମିତ ଓ ସେମାନଙ୍କ ମଧ୍ୟରୁ ୨ଜଣ ଏବେ କୃତ୍ରିମ ଜୀବନରକ୍ଷକ ପ୍ରଣାଳୀ (ଭେଣ୍ଟିଲେଟର)ରେ ରହିଛନ୍ତି। ଖୁବ୍ଶୀଘ୍ର ୨ଲକ୍ଷ ରାପିଡ୍ ଟେଷ୍ଟ କିଟ୍ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି। ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ନିୟମିତ ବୁଲେଟିନରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ସଚିବ ସଞ୍ଜୟ କୁମାର କହିଛନ୍ତି ଯେ, ସମଗ୍ର ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୪୧୨ ହୋଇଥିଲା ବେଳେ ପଜିଟିଭ ହାର ୪.୪୨%। ଏବେ ମୋଟ ୪୮ଜଣ ପଜିଟିଭ ରୋଗୀଙ୍କ ମଧ୍ୟରୁ ୨ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଜଣେ ପ୍ରାଣ ହରାଇଛନ୍ତି। ଅନ୍ୟ ୪୫ଜଣ ଏବେ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ବିଭିନ୍ନ ହସ୍ପିଟାଲରେ ୧୧୩ଜଣ କରୋନା ସନ୍ଦିଗ୍ଧଙ୍କୁ ଆଇସୋଲେସନରେ ରଖାଯାଇଛି। ସେହିପରି ଓଡ଼ିଶାରେ କୋଭିଡ-୧୯ ପରୀକ୍ଷା ନିମନ୍ତେ ମୋଟ ୩ଟି ଲ୍ୟାବ୍ ରହିଛି। ଏଥିରେ ଏପ୍ରିଲ ୮ ତାରିଖ ସୁଦ୍ଧା ୨୮୪୧ଟି ନମୂନା ପରୀକ୍ଷା ହୋଇଛି। ତେବେ ଅଧିକ ସଂଖ୍ୟ ଲ୍ୟାବ୍ ରହିଲେ ଯେ ଅଧିକ ପରମାଣର ଟେଷ୍ଟ ହୋଇପାରିବ ତାହା ଠିକ୍ ନୁହେଁ। ସେ ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରି କହିଥିଲେ ଯେ, ପଶ୍ଚିମବଙ୍ଗରେ ୧୦ଟି ଲ୍ୟାବ୍ ରହିଛି ମାତ୍ର ଏପର୍ଯ୍ୟନ୍ତ ସେଠାରେ ୧୬୫୭ଟି ନମୂନା ପରୀକ୍ଷା ସମ୍ଭବପର ହୋଇପାରିଛି। ତେବେ ଓଡ଼ିଶାରେ ଲ୍ୟାବ ସଂଖ୍ୟା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଇଛି। ଏମ୍‌କେସିଜିରେ ଦୈନିକ ୨୫ଟି କୋଭିଡ୍-



୧୯ ନମୂନା ପରୀକ୍ଷା ହୋଇପାରିବ। ସେଥିପାଇଁ ଅନୁମତି ମିଳିସାରିଛି। ସେହିପରି ଏପ୍ରିଲ ୧୫ ତାରିଖ ସୁଦ୍ଧା ବୁର୍ଲା ଭୀମସାରରେ ମଧ୍ୟ ଦୈନିକ ୨୫ଟି ନମୂନା ପରୀକ୍ଷା ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ଡିଏମ୍‌ଇଟି ନିର୍ଦ୍ଦେଶକ ଡାକ୍ତର ସିବିକେ ମହାନ୍ତି ରାଜ୍ୟରେ କରୋନା ସଂକ୍ରମଣକୁ ରୋକିବା ପାଇଁ ସରକାର ସବୁଠୁ ଭଲ ପଦକ୍ଷେପ ନେଉଛନ୍ତି ଓ ଏବେ ମାତ୍ର ୪୮ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ସେଥିରୁ ୪୫ଜଣ ସକ୍ରିୟ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ଏବେ ଜୀବନରକ୍ଷକ ପ୍ରଣାଳୀରେ ରଖାଯାଇଛି। ଖୁବ୍ଶୀଘ୍ର ୨ଲକ୍ଷ ରାପିଡ୍ ଟେଷ୍ଟ କିଟ୍ ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ଆରଏମ୍ଆରସି ନିର୍ଦ୍ଦେଶକ ଡାକତର ସଂଘମିତ୍ରା ପତି କହିଥିଲେ ଯେ, ରାଜ୍ୟରେ କୋଭିଡ-୧୯ ନମୂନା ପରୀକ୍ଷା ସମୟ ସାପେକ୍ଷ। ପ୍ରାୟ ଗୋଟିଏ ନମୂନା ପରୀକ୍ଷା ପାଇଁ ୧୦ ଘଣ୍ଟା ସମୟ ଲାଗେ। ଭିଟିଏମ୍ ସାମ୍ପଲ କଲେକ୍ସନ ପାଇଁ ପିପିଇ (ପର୍ସନାଲ ପ୍ରୋଟେକ୍ଟିଭ ଇକ୍ୟୁପମେଣ୍ଟ) ପିନ୍ଧିବା ଅତ୍ୟନ୍ତ ଜରୁରୀ। ସାମ୍ପଲ ସଂଗ୍ରହ ପରେ ଏହାକୁ ଟ୍ରିପଲ ଲେୟାର ପ୍ୟାକେଜରେ ଅଣାଯାଇଥାଏ। ବାୟୋଲୋଜିକ୍ଷିକ୍ ଚ୍ୟାମ୍ବରରେ ଅତି ସତର୍କତାର ସହ ଖୋଲାଯାଇ ବିଭିନ୍ନ ସ୍ତରରେ ପରୀକ୍ଷା କରାଯାଇଥାଏ। ଆରଏମ୍ଆରସିରେ ଅତ୍ୟାଧୁନିକ କୋବାସ୍ ମେସିନ୍ ସ୍ଥାପନ କରାଯାଇଛି। ଏହାଦ୍ୱାରା ଆରଏମ୍ଆରସିର କୋଭିଡ୍ ପରୀକ୍ଷଣ କ୍ଷମତା ଏକ ହଜାରକୁ ବୃଦ୍ଧି ପାଇଛି। ସେହିପରି ରାଜ୍ୟ ସରକାରଙ୍କ ମୁଖପାତ୍ର ସୁବ୍ରତ ବାଗଚୀ କହିଥିଲେ ଯେ, କୋଭିଡ-୧୯ର ମୁକାବିଲା ପାଇଁ ରାଜ୍ୟ ସରକାର ମୁମ୍ବାଇରୁ ଏକ ସ୍ୱତନ୍ତ୍ର କାର୍ଗୋ ବିମାନରେ ଗତକାଲି ସଂଧ୍ୟାରେ ୪ ହଜାର ପରୀକ୍ଷଣ କିଟ୍ ଭୁବନେଶ୍ୱରକୁ ଆଣିଛନ୍ତି। ଟାଟା ଷ୍ଟିଲ୍ ସହାୟତାରେ ବ୍ରହ୍ମପୁରଠାରେ ୨୦୦ ଶଯ୍ୟା ଓ ୧୫ ଆଇସିୟୁ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ ରେକର୍ଡ ସମୟ ମଧ୍ୟରେ ପ୍ରସ୍ତୁତ ହୋଇଛି। ଏହାଫଳରେ ରାଜ୍ୟରେ ୯ଟି ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲରେ ୧୭୯୭ଟି ବେଡ୍ ସ୍ଥାପନ ହୋଇପାରିଛି। ରାଜ୍ୟରେ କୋଭିଡ-୧୯ ନିୟମ ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ ଏପ୍ରିଲ ୯ରୁ ୧୦ ତାରିଖ ପର୍ଯ୍ୟନ୍ତ ୨୪ଘଣ୍ଟା ମଧ୍ୟରେ ୨୧୩ଟି ମାମଲା ଦାଏର ହୋଇଛି। ସେଥିରୁ ୨୦୫ଟି ମାମଲା ଲକଡାଉନ୍ ସମ୍ପର୍କିତ ହୋଇଥିବା ବେଳେ ୩ଟି ଗୁଜବ ପ୍ରଚାର ଓ ୫ଟି କୋଭିଡ୍-୧୯ ନିୟମାବଳୀ ଉଲ୍ଲଙ୍ଘନ ସହ ଜଡିତ ଅଛି। ଏବେସୁଦ୍ଧା ଗୁଜବ ପ୍ରଚାର ଅଭିଯୋଗରେ ୬୩ଜଣଙ୍କ ବିରୁଦ୍ଧରେ ମାମଲା ଦାଏର କରାଯାଇଛି।

**ଆଇନଜୀବୀଙ୍କୁ ଆଇନଜୀବୀ ପରିଷଦର ସହାୟତା ପ୍ରସଙ୍ଗ**

# ମିଥ୍ୟା ପ୍ରଚାର ଅଭିଯୋଗରେ ୨ ଓକିଲଙ୍କୁ କାରଣ ଦର୍ଶାଅ ନୋଟିସ୍

**କଟକ :** ଭୟଙ୍କର କରୋନା ଭୂତାଣୁ ସଂକ୍ରମଣ ଯୋଗୁଁ ବିଭିନ୍ନ ଅଦାଲତ ବନ୍ଦ ଥିବାରୁ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିବା ଆଇନଜୀବୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ରାଜ୍ୟ ଆଇନଜୀବୀ ପରିଷଦ ନିକଟରେ ନିଷ୍ପତ୍ତି ନେଇଥିଲା। ଏହି ଉପଲକ୍ଷେ ରାଜ୍ୟ ଆଇନଜୀବୀ ପରିଷଦର ସ୍ୱତନ୍ତ୍ର କମିଟି ଅଧ୍ୟକ୍ଷ ତଥା ଆଡ୍‌ଭୋକେଟ୍ ଜେନେରାଲ ଅଶୋକ ପରିଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏପରି ନିଷ୍ପତ୍ତି ନିଆଯାଇଛି। ଆଇନପେଶାରେ ୧୦ ବର୍ଷରୁ କମ୍ ସମୟ ଅଦାଲତରେ ଆଇନପେଶା କରୁଥିବା ଓକିଲଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ତେବେ ରାଜ୍ୟ ଆଇନଜୀବୀର ଆର୍ଥିକ ସହାୟତା ପ୍ରସଙ୍ଗରେ ମିଥ୍ୟା ତଥ୍ୟ ଭାଇରାଲ୍ କରିବାରୁ ଏଥିପାଇଁ ଦୁଇ ଜଣ ଆଇନଜୀବୀଙ୍କୁ ରାଜ୍ୟ ଆଇନଜୀବୀ ପରିଷଦ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଜାରି ଏହି ନୋଟିସ୍‌ର ଆସନ୍ତା ଦୁଇ ସପ୍ତାହ ମଧ୍ୟରେ କାରଣ ଦର୍ଶାଇବାକୁ କୁହାଯାଇଛି। ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ମିଥ୍ୟା ଖବର ଭାଇରାଲ୍ କରିଥିବା କୁଜଙ୍ଗ ବାର୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ସଞ୍ଜୟ କୁମାର ବେହେରା ଓ କାର୍ଯ୍ୟକାରୀ ସଦସ୍ୟ କୈଳାସ ଚନ୍ଦ୍ର ମହାପାତ୍ରଙ୍କୁ ଏପରି ନୋଟିସ୍ ହୋଇଛି। ଏମାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ଏ ସମ୍ପର୍କରେ ଉତର ରଖିବାକୁ କୁହାଯାଇଛି। ସୂଚନା ଥାଉକି ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିବା ଆଇନଜୀବୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ରାଜ୍ୟ ଆଇନଜୀବୀ ପରିଷଦ ନିକଟରେ ନିଷ୍ପତ୍ତି ନେଇଥିଲା। ଏହି ଉପଲକ୍ଷେ ବୈଠକରେ ରାଜ୍ୟ ଆଇନଜୀବୀ ପରିଷଦର ଉପାଧ୍ୟକ୍ଷ ଅଜୟ କୁମାର ବରାଳ ଏବଂ ପରିଷଦର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ମାନର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଆଇନଜୀବୀ ପରିଷଦରେ ହୋଇଥିବା ନିଷ୍ପତ୍ତି ମୁତାବକ ଏହି ଲକ୍‌ଡାଉନ୍ ସମୟରେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିବା ୧୦ ବର୍ଷରୁ କମ୍ ଆଇନ୍ ବ୍ୟବସାୟ କରିଥିବା ଆଇନଜୀବୀମାନେ ଆଡ୍‌ଭୋକେଟ୍ ୱେଲ୍‌ଫେୟାର ଫଣ୍ଡରୁ ଆର୍ଥିକ ସହଯୋଗ ପାଇପାରିବେ। ଏଥି ନିମନ୍ତେ ସମ୍ପୃକ୍ତ ଆଇନଜୀବୀମାନେ ନିର୍ଦ୍ଧାରିତ ଫର୍ମରେ ତାଙ୍କ ବାର୍ ଆସୋସିଏସନ୍ ଜରିଆରେ ଆବେଦନ କରିପାରିବେ। ତେବେ ସମ୍ପୃକ୍ତ ଆଇନଜୀବୀ ଫର୍ମକୁ ବାର୍ ଆସୋସିଏସନର ସଭାପତି ଓ ସମ୍ପାଦକଙ୍କ ନିକଟରେ ଦାଖଲ କରିବାକୁ ହେବ। ଫର୍ମ ଯାଞ୍ଚ ପରେ ବାର୍ ପକ୍ଷରୁ ଉକ୍ତ ଆବେଦନ ପତ୍ରକୁ ରାଜ୍ୟ ଆଇନଜୀବୀ ପରିଷଦ କାର୍ଯ୍ୟାଳୟରେ ଦାଖଲ କରିବାକୁ କୁହାଯାଇଥିଲା। ଦେଶ ତଥା ସମଗ୍ର ବିଶ୍ୱରେ ଭୟଙ୍କର କରୋନା ସଂକ୍ରମଣ ବୃଦ୍ଧି ପରିପ୍ରେକ୍ଷୀରେ ଆଇନଜୀବୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲାବେଳେ ବହୁ ଆଇନଜୀବୀ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ବୀମା କରାଇବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ କରୋନା ସଂକ୍ରମଣକୁ ନେଇ କେନ୍ଦ୍ର ସରକାର ଲକ୍‌ଡାଉନ୍ ଘୋଷଣା କରିଥିବାବେଳେ ରାଜ୍ୟ ସରକାର ମଧ୍ୟ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ସମେତ ସମସ୍ତ ରାଜ୍ୟର ସମସ୍ତ ନିମ୍ନ ଅଦାଲତ ମଧ୍ୟ ଗତ ତିନି ସପ୍ତାହ ଧରି ବନ୍ଦ ରହିଛି। ଫଳରେ ଆଇନଜୀବୀମାନେ ଘୋର୍ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଅବସରରେ ଆଇନଜୀବୀମାନେ କେନ୍ଦ୍ର ସରକାରଙ୍କ ଆଇନମନ୍ତ୍ରୀ, ରାଜ୍ୟ ଆଇନମନ୍ତ୍ରୀ, ରାଜ୍ୟ ଆଇନଜୀବୀ ପରିଷଦ ଓ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## କରୋନା ସତର୍କତା

୧. ଗୃହର ସବୁ କୋଠରୀରେ ସକାଳ ସନ୍ଧ୍ୟାରେ ଝୁଣାଧୂଆଁ ବୁଲାନ୍ତୁ। ଝର୍କା କବାଟ ସାନିଟାରୀ କପଡ଼ାରେ ପୋଛନ୍ତୁ। ପ୍ରତିଦିନ ଡେଟଲ୍ ପାଣିରେ କୋଠରୀର ଚଟାଣ ପୋଛନ୍ତୁ। ଡଷ୍ଟବିନ୍‌ରୁ ଅଳିଆ ଫିଙ୍ଗି ଦିନକୁ ଦୁଇଥର ସଫା କରନ୍ତୁ।

୨. ସକାଳ କିମ୍ବା ଅପରାହ୍ନ ଖରାରେ ୧୦ ମିନିଟ୍ ଖୋଲା ଦେହରେ ବସନ୍ତୁ। ପ୍ରତି ୨ ଘଣ୍ଟାରେ ଥରେ ହାତପାପୁଲି ଡେଟଲ୍, ଲାଇଫ୍‌ବୟ ସାବୁନ କିମ୍ବା ହ୍ୟାଣ୍ଡ୍ ୱାସ୍‌ରେ ୧୦ ସେକେଣ୍ଡ୍ ପର୍ଯ୍ୟନ୍ତ ସଫାକରନ୍ତୁ।

୩. ଶୋରିଷ ତେଲରେ ତରକାରୀ ରାନ୍ଧନ୍ତୁ। ଷ୍ଟିଲ୍ ବାସନରେ ଭୋଜନ କରନ୍ତୁ ନାହିଁ। ଗରମ ଖାଦ୍ୟ ଖାଆନ୍ତୁ। ଉଷୁମ ପାଣି ପିଅନ୍ତୁ। ଖାଲି ପେଟରେ କିଛି ପାଖୁଡ଼ା ତୁଳସୀପତ୍ର ଚୋବାଇ ଖାଆନ୍ତୁ। ଖାଦ୍ୟରେ କିଛି କଞ୍ଚାରସୁଣ ଖାଆନ୍ତୁ। ଆମିଷ ଖାଉଥିଲେ ବ୍ରଏଲର କୁକୁଡ଼ା ଓ ଅଣ୍ଡା କିଛିଦିନ ବ୍ୟବହାର ନ କଲେ ଭଲ। ପ୍ରାକୃତିକ ସମୁଦ୍ର, ନଦୀ କିମ୍ବା ଚିଲିକା ମାଛ, ଛେଳିମାଂସ ଖାଇପାରନ୍ତି।


୪. ଜରୁରୀ କାମରେ ବାହାରକୁ ବାହାରିଲେ ମାସ୍କ ପିନ୍ଧନ୍ତୁ। କୋଳାହଳ ସ୍ଥାନରୁ ଦୂରେଇ ରହନ୍ତୁ। ବାହାରୁ ଆସିବା କ୍ଷଣି ହସ୍ତପାଦ, ମୁଖ ସଫାକରନ୍ତୁ। ଅଳ୍ପ କଥା କହନ୍ତୁ ଅଧିକ ନିରବ ରହନ୍ତୁ। ଏ.ସି ଅଳ୍ପ ବ୍ୟବହାର କରନ୍ତୁ। ପ୍ରତି ସନ୍ଧ୍ୟାରେ ଗରମ ଲୁଣପାଣି ଗାର୍ଗଲିଙ୍ଗ୍ କଲେ ଗଳା ସଂକ୍ରମଣ ସମ୍ଭାବନାକୁ ଏଡ଼ାଇ ହୁଏ।

୫. ବିଶ୍ୱବାସୀଙ୍କୁ ମହାବିପତ୍ତିରୁ ରକ୍ଷାକରିବା ପାଇଁ ସୃଷ୍ଟିକର୍ତ୍ତାବିଷ୍ଣୁଙ୍କୁ ପ୍ରାର୍ଥନା କରନ୍ତୁ। ଗୃହରେ ଓଁ କାର ଧ୍ୱନି କରନ୍ତୁ। ଗୀତା, ଭାଗବତ, ହନୁମାନଚାଳିଶା ପାଠକରନ୍ତୁ। ପୂର୍ବପୁରୁଷଙ୍କ ନିତ୍ୟ ଚଳଣି ପଦ୍ଧତି ଆପଣାନ୍ତୁ।

**ସତର୍କତା ଆମ ଜୀବନର ଲକ୍ଷ୍ୟ ହେଉ।**

*ଯୋଗୀ ଗଣେଶ୍ୱର*
*ମିଶନ ଭାଗବତ, ଦୂରଭାଷ-୯୬୬୮୬୩୧୨୫୭*

ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୩ - ୧୯ ଏପ୍ରିଲ, ୨୦୨୦

# ମୁକ୍ତିର ମାର୍ଗଦର୍ଶିକା

ଗତ କିଛିମାସ ତଳେ ସମଗ୍ର ବିଶ୍ୱ ଚଳଚଞ୍ଚଳ ଓ ପ୍ରତିଦ୍ୱନ୍ଦ୍ୱିତାର ଗତିକୁ ନେଇ କ୍ରିୟାଶୀଳ ଥିଲା । ମହାମାରୀ କରୋନା ଭୂତାଣୁର ସଂକ୍ରମଣ ସବୁକିଛି ଠପ୍ କରିଦେଇଛି । ଚନ୍ଦ୍ର ଓ ମଙ୍ଗଳ ପୃଷ୍ଠରେ ବାସ କରିବାକୁ ସ୍ୱପ୍ନ ଦେଖୁଥିବା ବିଜ୍ଞାନୀ ମଣିଷ ଭିତରୁ ସତେଯେମିତି ସ୍ୱପ୍ନ ସବୁ ହଜିଯିବାକୁ ବସିଛି । ଏହାର ଏକମାତ୍ର କାରଣ ଏହି ରୋଗର ପୂର୍ଣ୍ଣ ଚିକିତ୍ସା ନିମନ୍ତେ ନିର୍ଦ୍ଦିଷ୍ଟ ଭାବେ ଟୀକା ବା ଔଷଧ ବାହାରିପାରିନାହିଁ । ଯଦିଓ ଏ କ୍ଷେତ୍ରରେ ବିକାଶିତ ଓ ବିକାଶଶୀଳ ରାଷ୍ଟ୍ରମାନେ ଅହରହ ଉଦ୍ୟମ ଜାରି ରଖିଥିଲେ ବି ସଫଳ ମିଳିପାରିନି । ଚୀନ୍‌ର ଉହାନ ସହରରୁ ଆରମ୍ଭ ହୋଇଥିବା ଏହି ରୋଗର ଭୂତାଣୁ ଧୀରେ ଧୀରେ ବିଶ୍ୱର ୨ଶହର ଊର୍ଦ୍ଧ୍ୱ ଦେଶକୁ ବ୍ୟାପି ସାରିଛି । ଆମ ଦେଶ ଭାରତ ମଧ୍ୟ କୋଭିଡ-୧୯କୁ ନେଇ ବେଶ୍ ଚିନ୍ତିତ । କାରଣ ବିଶ୍ୱର ସବୁଠୁ ଅଧିକ ଜନସଂଖ୍ୟା ଥିବା ଦେଶ ହେଉଛି ଭାରତ । ୧୩୦ କୋଟିରୁ ଅଧିକ ଲୋକ ଏହି ଦେଶରେ ବସବାସ କରନ୍ତି । ଚୀନ୍ ବ୍ୟତୀତ ଅନ୍ୟ ରାଷ୍ଟ୍ରର ଜନସଂଖ୍ୟା ତୁଳନାରେ ଭାରତରେ ଜନସଂଖ୍ୟା ଦୃଷ୍ଟି କୋଣରୁ କୋଭିଡ-୧୯ ଆମ ଦେଶ ପାଇଁ ସବୁଠୁ ବଡ ଆହ୍ୱାନ ସୃଷ୍ଟି କରିଛି । ସଂକ୍ରମଣ ଏଭଳି ଭାବେ ଦ୍ରୁତ ବୃଦ୍ଧି ପାଉଛି ତାହା ନିଶ୍ଚୟ ଚିନ୍ତାଜନକ । ଅତ୍ୟନ୍ତ ଉଦ୍‌ବେଗର ଏହା ଯେ, ଭାରତରେ ଏକସପ୍ତାହ ମଧ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ୱିଗୁଣିତ ହୋଇଛି । ଚୀନ୍ ପରେ ସମ୍ପ୍ରତି ବିଶ୍ୱରେ ଆମେରିକା ହିଁ ସର୍ବାଧିକ ସଂକ୍ରମିତ ରାଷ୍ଟ୍ର । ଏଠାରେ କରୋନା ମୃତ୍ୟୁହାର ମଧ୍ୟ ଅଧିକ । ସଂକ୍ରମଣ ଯେଭଳି ଭାବେ ବୃଦ୍ଧି ପାଉଛି ସଂକ୍ରମିତଙ୍କ ମୃତ୍ୟୁହାର ମଧ୍ୟ ବଢ଼ିଛି । ଯାହାକି ମାନବ ସଭ୍ୟତା ପାଇଁ ବିଶ୍ୱକୁ ଏକ କଡା ଆହ୍ୱାନ ଦେଉଛି । ଏଥିରୁ ବଞ୍ଚିବା ପାଇଁ ବର୍ତ୍ତମାନ ପରିପ୍ରେକ୍ଷୀରେ ସମଦୂରତା, ସାନିଟାଇଜେସନ ଓ ମାସ୍କ ପିନ୍ଧିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଅନେକ କରୋନା ସଂକ୍ରମିତ ସୁସ୍ଥ ହୋଇ ହସ୍ପିଟାଲରୁ ଘରକୁ ଫେରିଥିଲେ ବି ଏହା ଆଦୌ ସନ୍ତୋଷଜନକ ନୁହେଁ । କରୋନା ବିରୋଧୀ ଲଢ଼େଇ ପାଇଁ ଦେଶରେ ଲକଡାଉସନ, ସଟ୍‌ଡାଉନ୍ ଭଳି କଠୋର ନିୟମ ଲାଗୁ କରାଯାଇଥିଲେ ବି ସ୍ଥିତିରେ ଅଧିକ କିଛି ପରିବର୍ତ୍ତନ ଆସୁନି । ତେଣୁ କିଭଳି ଏହାକୁ ରୋକି ହେବ ଓ ଦେଶବାସୀଙ୍କ ଜୀବନ ବଞ୍ଚାଇହେବ ସେ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରି ଚାଲିଛନ୍ତି । ବାରମ୍ବାର ହାତ ଧୋଇବା ଓ ମୁହଁକୁ ଘୋଡାଇ ରଖିବା ଦ୍ୱାରା କରୋନାରୁ ଦୂରେଇ ରହିବା ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି । କରୋନା ଲଢ଼େଇରେ ସାମିଲ ଅଧିକାରୀ, କର୍ମଚାରୀ, ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ କର୍ମଚାରୀ ନିଜ ଜୀବନକୁ ବାଜି ଲଗାଇ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ସେହିପରି ପୋଲିସ ସୁରକ୍ଷା କର୍ମଚାରୀ ମଧ୍ୟ ଦିନରାତି ଜନସାଧାରଣଙ୍କ ସୁରକ୍ଷା ଓ ସଚେତନତା ପାଇଁ ଅହରହ ଉଦ୍ୟମ କରିବା ଯୋଗୁ ଏହା ଅନେକ ପରିମାଣରେ ନିୟନ୍ତ୍ରଣରେ ରହିଛି । ସହରଠୁ ଗାଁ ପର୍ଯ୍ୟନ୍ତ ଲୋକମାନେ ଏନେଇ ଚିନ୍ତାରେ ରହି ଏଥିରୁ ମୁକୁଳିବା ପାଇଁ ସବୁ ପ୍ରକାର ଚେଷ୍ଟା ଜାରି ରଖିଛନ୍ତି । ଗାଁକୁ ବାହାର ଲୋକଙ୍କ ପ୍ରବେଶ ଉପରେ ସମ୍ପୂର୍ଣ୍ଣ କଟକଣା ଦେଖାଦେଇଛି । ଆମେରିକା ଭଳି ଦେଶ ଏବେ ଭାରତକୁ ଆଣ୍ଟି ମ୍ୟାଲେରିଆ ଟାବଲେଟ୍ ହାଇଡ୍ରୋକ୍ସି କ୍ଲୋରୋକୁଇନ୍ ମଗାଇବାକୁ ନେଇ ସବୁଠି ଚର୍ଚ୍ଚା ହୋଇଛି । ଏହାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କଥା ହୋଇଛନ୍ତି । ଏହି ଟ୍ୟାବଲେଟ୍ ଆମେରିକାରେ କରୋନା ସଂକ୍ରମିତଙ୍କ ଚିକିତ୍ସା କ୍ଷେତ୍ରରେ କାର୍ଯ୍ୟ କରିବ । ଏହି ବଟିକା ଲୁପ୍‌ସରିମାଟଏଡ ଆଥ୍ରାଇଟ୍ସ ରୋଗର ପ୍ରତିକାର ପାଇଁ ବ୍ୟବହାର ହୋଇଥାଏ । ଏ ଭିତରେ ବ୍ରିଟେନରେ କରୋନା ତାର କାୟା ବିସ୍ତାର କରିଚାଲିଥିଲା ବେଳେ ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ବୋରିସ ଜନସନ୍ ମଧ୍ୟ କରୋନା ଦ୍ୱାରା ଆକ୍ରାନ୍ତ ହୋଇ ସେଣ୍ଟଥୋମାସ୍ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି ହୋଇଛନ୍ତି ।

ସମ୍ପାଦକୀୟ
ତାରକ ମହାନ୍ତି



ଏ ଭିତରେ କରୋନାକୁ ନେଇ ସାମାଜିକ ଗଣମାଧ୍ୟମରେ ଅନେକ ଗୁଜବ ଦେଖିବାକୁ ମିଳିଛି । ଯାହା ସମାଜ ଉପରେ ନକରାତ୍ମକ ପ୍ରଭାବ ସୃଷ୍ଟି କରୁଛି । ତେଣୁ ଜନସାଧାରଣ ଏହାକୁ ବିଶ୍ୱାସ କରିବା ଅନୁଚିତ୍ । କେନ୍ଦ୍ର ସରକାର, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଜାରି କରିଥିବା ମାର୍ଗଦର୍ଶିକାକୁ ଅନୁସରଣ କରାଯିବା ଦରକାର । କାରଣ ପରିସ୍ଥିତିକୁ ଦେଖି ସରକାର ସବୁ ପ୍ରକାର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ତେଣୁ ଜନସାଧାରଣ ସରକାରଙ୍କ ନିୟମ ପାଳନ କଲେ ହିଁ କରୋନା ଆମଠାରୁ ଦୂରେଇ ରହିବ । କାରଣ କରୋନା ଭଳି ମହାମାରୀ ଆପେ ଆପେ କାହା ଘରକୁ ଆସିନଥାଏ । ଆମେ ପଦାକୁ ଯାଇ ଏହାକୁ ନ ଆଣିଲେ ଏହା କେବେ ଆସିବ ନାହିଁ । ବିସିଜି ଟୀକା କରୋନାକୁ ପ୍ରତିହତ କରିପାରିବ ବୋଲି ଜଣାପଡିଛି । ଯଦି ସେଭଳି ହୁଏ ତେବେ ଭାରତ ଏହାର ଏକ ଉଦାହରଣ ହୋଇପାରିବ । ଘରୁ ବାହାରିଲେ ମାସ୍କ ପିନ୍ଧିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । କରୋନାର ଭୟାବହତା ଏଭଳି ପରିସ୍ଥିତି ସୃଷ୍ଟି କଲାଣି ଯେ, ଭାରତରେ ପୁଣିଥରେ ଲକ୍‌ଡାଉନ୍ ହୋଇପାରେ । ଏନେଇ ରାଜ୍ୟମାନେ କେନ୍ଦ୍ର ସରକାରଙ୍କୁ ବିଭିନ୍ନ ପ୍ରସ୍ତାବ ଦେଇଛନ୍ତି । ଚୀନ୍‌ରୁ ବ୍ୟାପିଥିବା କରୋନା ଭୂତାଣୁ ବିଶ୍ୱରେ ଆତଙ୍କ ସୃଷ୍ଟି କରିଚାଲିଛି । ତେଣୁ କଟକଣା ଭିତରେ ରହିବା ହିଁ କରୋନାରୁ ମୁକ୍ତି ବୋଲି ଭାବିବାକୁ ହେବ । ସବୁ ନିୟମ ମାନି ଚଳିପାରିଲେ କରୋନା ଦୂରରେ ରହିବ । ସହରାଞ୍ଚଳ ଅପେକ୍ଷା ଗାଁ ଲୋକ କରୋନା ସଚେତନତାକୁ ଅଧିକ ପାଳନ କରୁଛନ୍ତି । ଯାହା ଦେଖାଯାଉଛି ଗାଁ ଲୋକଙ୍କ ଠାରୁ ସହର ଲୋକ ବେଶ୍ ଅମାନିଆ । ସମଦୂରତା ହେଉ କି ବିନା କାରଣରେ ବୁଲିବା କ୍ଷେତ୍ରରେ ସହର ଲୋକ ନିୟମ ଖିଲାପ କରିଛନ୍ତି । ବିଶ୍ୱ ଏବେ ଜଟିଳ ପରିସ୍ଥିତି ଦେଇ ଗତି କରୁଛି । ବିକାଶ ଠପ୍ ହେବା ସହ ଅର୍ଥନୀତି ମଧ୍ୟ ଦୁର୍ବଳ ହୋଇଚାଲିଛି । ତେଣୁ ଏଭଳି ପରିସ୍ଥିତିରେ ନିଜେ ସୁରକ୍ଷିତ ରହିବା ସହ ଅନ୍ୟକୁ ସୁରକ୍ଷିତ ରଖିବା ପ୍ରତ୍ୟେକଙ୍କ କର୍ତ୍ତବ୍ୟ । ବ୍ୟାପକ ସଚେତନତା ଓ ନାଗରିକଙ୍କ ଦାୟିତ୍ୱ ହିଁ ଏ ପରିସ୍ଥିତିରୁ ରକ୍ଷା କରିପାରିବ । ଯେପର୍ଯ୍ୟନ୍ତ ଏହି ଜଟିଳ ରୋଗର ଔଷଧ ବାହାରି ପାରିନାହିଁ । ସେ ପର୍ଯ୍ୟନ୍ତ କେବଳ ନିୟମ ମାନି ରହିବାକୁ ପଡିବ । କରୋନା ସଙ୍କଟରୁ ମୁକ୍ତି ପାଇବା ପାଇଁ ସବୁ ରାଷ୍ଟ୍ର ନିଜ ନିଜ କୌଶଳରେ ଆଗକୁ ବଢୁଥିଲା ବେଳେ ଭାରତ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଉଭା ହୋଇଛି । ସାରା ବିଶ୍ୱକୁ ମ୍ୟାଲେରିଆ ଔଷଧ ଯୋଗାଇବାର କ୍ଷମତା ଭାରତ ନିକଟରେ ରହିଛି । ବିଶ୍ୱର ମହାଶକ୍ତିମାନେ ଏବେ ଭାରତ ଉପରେ ନଜର ରଖିଛନ୍ତି । ବ୍ରାଜିଲ୍ ଓ ଇଣ୍ଡୋନେସିଆ, ୟୁଏଇ ସମେତ ସାର୍କ ଦେଶମାନେ ଭାରତକୁ ଏନେଇ ସହାୟତା ମାଗୁଛନ୍ତି । ବିଶ୍ୱରେ ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ଯେଉଁ ରାଷ୍ଟ୍ର କରୋନା ଭଳି ମହାମାରୀକୁ ପ୍ରତିହତ କରିବ ସେ ଦେଶ ହିଁ ବିଶ୍ୱ ଶକ୍ତି ହୋଇପାରିବ । ନିରାପଦରେ ରହି ସମାଜକୁ ସଠିକ୍ ମାର୍ଗରେ ନେବା ଭଳି କଠୋର ପଦକ୍ଷେପ ହିଁ ମହମାରୀ କରୋନା କ୍ଷେତ୍ରରେ ସରକାରଙ୍କ ପଦକ୍ଷେପ ସମସ୍ତଙ୍କୁ ଆଶ୍ୱସ୍ତ କରିପାରିବ । ବିପତ୍ତି ଆସେ ଓ ଯାଏ, କିନ୍ତୁ ଦୂରଦ୍ରଷ୍ଟା ଭବିଷ୍ୟଦର୍ଶୀମାନେ ଏହାର ଆକଳନ କରି ସଠିକ୍ ମାର୍ଗ ନିର୍ଣ୍ଣୟ କରିପାରନ୍ତି । ଆଜିର ଆହ୍ୱାନ ସେଇଆ ହିଁ ଚାହେଁ ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସ୍ୱାସ୍ଥ୍ୟ ମୋର ସୁସ୍ଥ ହେଉ - ସତ୍‌ସଙ୍ଗର ଆହ୍ୱାନ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଶରୀର ଓ ମନ-ଉଭୟର ସୁସ୍ଥତା ହିଁ ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି । ସେଥିପାଇଁ କୁହାଯାଏ ସ୍ୱାସ୍ଥ୍ୟବାନ ବ୍ୟକ୍ତି ପରିବାର, ସମାଜ, ରାଜ୍ୟ, ଦଶ ଓ ଦେଶର ମୁଖ ଉଜ୍ଜ୍ୱଳ କରିଥାନ୍ତି । ତେଣୁ କୁହାଯାଇଛି ସ୍ୱାସ୍ଥ୍ୟ ହିଁ ସମ୍ପଦ । ସ୍ୱାସ୍ଥ୍ୟ କିଣାବିକା ହୋଇପାରିବା ଜିନିଷ ନୁହେଁ । ପିତାମାତାଙ୍କ ଜୀବନର ସଂଯମତା ଓ ନିଷ୍ଠାପରତା ଉପରେ ଭବିଷ୍ୟତ ବଂଶଧରମାନଙ୍କ ଶାରୀରିକ, ମାନସିକ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ନିର୍ଭର କରିଥାଏ । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆମେ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ । ଏକ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ପରିଷ୍କାର ପାନୀୟ, ଶୁଦ୍ଧ ପରିବେଶ, ଗୃହ ତଥା ଶଯ୍ୟା ଓ ବସ୍ତ୍ର ପ୍ରଭୃତିର ପରିଚ୍ଛନ୍ନତା ନିତାନ୍ତ ପ୍ରୟୋଜନ । ନିୟମିତ ଜୀବନଚର୍ଯ୍ୟା ଆଉ ଏକ ବଡ଼ କଥା । ଖାଦ୍ୟ ଓ ପାନୀୟ ଦୃଷ୍ଟିରୁ ତିନୋଟି ଶୁଦ୍ଧତା ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ । ଖାଦ୍ୟର ପ୍ରକାର ଓ ପରିମାଣ ଆଉ ଏକ ବିଚାର୍ଯ୍ୟ ବିଷୟ । ଖାଦ୍ୟ ସାତ୍ତ୍ୱିକ ହେବା ବିଧେୟ । ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ । ରାଜସିକ ଓ ତାମସିକ ଖାଦ୍ୟ ଦେହ ତଥା ମନ ପ୍ରତି ଭଲ ନୁହେଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ନିରାମିଷ ଭୋଜନ କରୁଥିବା ଲୋକମାନେ ନିରୋଗୀ ଓ ଦୀର୍ଘାୟୁ ବୋଲି ମତବ୍ୟକ୍ତ କରିଛନ୍ତି । ଏଠାରେ ପରିମାଣ କଥା ଭୁଲିଗଲେ ହେବ ନାହିଁ । ସାତ୍ତ୍ୱିକ ଖାଦ୍ୟ ହେଲେ ବି ଯଦି ଅଧିକ ପରିମାଣରେ ଗ୍ରହଣ କରାଯାଏ, ତେବେ ତାହା ତାମସିକତା ବା ଆଳସ୍ୟ ଭାବ ସୃଷ୍ଟି କରିଥାଏ । ତେଣୁ ମିତାହାର ଭୋଜନ କରିବା ସବୁବେଳେ ଭଲ । ମିତାହାରକୁ ଭଲ ଭାବେ ବୁଝାଇ କୁହାଯାଇଛି ଯେ, ପାକସ୍ଥଳୀର ଶତକଡ଼ା ପଚାଶ ଭାଗ ଖାଦ୍ୟରେ ପୂରଣ କରିବା ଉଚିତ୍, ଶତକଡ଼ା ପଚିଶ ଭାଗ ଜଳ ପାଇଁ ଓ ଶତକଡ଼ା ପଚିଶ ଭାଗ ପବନ ପାଇଁ ରଖାଯିବା ଉଚିତ । ଯେତେବେଳେ ଖାଇବ ଅଧାପେଟ ତାହା ମଣିଷକୁ କାର୍ଯ୍ୟକ୍ଷମ ରଖେ । ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଖାଦ୍ୟ ଗ୍ରହଣ କରାଗଲେ ସର୍ବୋତ୍ତମ ଫଳ ମିଳିଥାଏ ।

ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ଘୋଷଣା କଲେ - ମାନସିକ ସ୍ୱାସ୍ଥ୍ୟ ହିଁ ଶାରୀରିକ ସ୍ୱାସ୍ଥ୍ୟର ପ୍ରଥମ ପାହାଚ । ଦୟାଳ ଦେଶରୁ ନିର୍ଗତ ଭାଷାରେ ପ୍ରକାଶ କଲେ - ମନଟା ଦୁଷ୍ଟ ହେଲେ ହିଁ ଜାଣିବ ରୋଗର ଆସ୍ଥାନ ହୁଏ, ଏଇଟାକୁ ତୁମେ ଏଡ଼ାଇ ଚାଲିବ କରିବ ବ୍ୟାଧିର ଜୟ । ପୁଣି ସେହି କମ୍ବୁକଣ୍ଠରୁ ଉଦ୍‌ଘୋଷିତ ହେଲା - ସ୍ୱାସ୍ଥ୍ୟଟିକୁ ନିୟନ୍ତ୍ରଣ କରି ଦୃଢ଼ତର, ରୁହ ତୁମେ ସୁଜାଗ୍ରତ ଓହେ ଅନୁକ୍ଷଣ, ପୂଜିବାରେ ଇଷ୍ଟଦେବେ ସାର୍ଥକ ଆଚାରେ, ନୀଚ ବୁଦ୍ଧି ଅହମିକା କରିବା ବର୍ଜନ । ସର୍ବ କାରଣ କାରଣ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ଛଳରେ ପ୍ରକାଶ କଲେ - ମନୁଷ୍ୟର ସ୍ୱାସ୍ଥ୍ୟର କଥା ଭାବିବାକୁ ଗଲେ ଜନ୍ମଦାତ୍ରୀ ମାତୃଗର୍ଭକୁ ଆସିବାର ପୂର୍ବ ଠାରୁ ଭାବିବାକୁ ହୁଏ । ପ୍ରଥମେ ଆବଶ୍ୟକ ଉପଯୁକ୍ତ ବିବାହ ଓ ଉପଯୁକ୍ତ ଦାମ୍ପତ୍ୟ ଜୀବନ । ପିତାମାତାଙ୍କର ବିବାହ ଓ ଦାମ୍ପତ୍ୟ ଜୀବନରେ ଯଦି ଅସଙ୍ଗତି ରହେ ତାହାହେଲେ ପିଲାପିଲିଙ୍କର ଶରୀର ଓ ମନ ସୁସ୍ଥ ହୋଇପାରେନାହିଁ । ମା'ମାନଙ୍କୁ ଜାଣିବା ଆବଶ୍ୟକ - ଗର୍ଭାବସ୍ଥାରେ କିଭଳି ଚାଲିବାକୁ ବା ରହିବାକୁ ହୁଏ । ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ଆଦର୍ଶପ୍ରାଣତା, ଇଷ୍ଟାନୁରାଗ, ପ୍ରୀତିପରାୟଣତା, ସଂଯମ, ସାଧନା, ଇଷ୍ଟ-କୃଷ୍ଟି-ଧର୍ମ ଓ ପୂର୍ବ ପୁରୁଷଙ୍କ ସ୍ମୃତି ମାଧ୍ୟମରେ ଯେଉଁ ସନ୍ତାନ ଜନ୍ମଲାଭ କରେ ସେମାନେ ସାଧାରଣତଃ ଶାରୀରିକ ଓ ମାନସିକ ଦିଗରେ ସ୍ୱାସ୍ଥ୍ୟବାନ ହୁଅନ୍ତି । ଏହିପରି ପିତାମାତାଙ୍କ ଠାରୁ ସନ୍ତାନ ସୁସ୍ଥ ଜୈବୀ ସଂସ୍ଥିତିର ଅଧିକାରୀ ହୋଇଉଠେ ଓ ଜୈବୀ ସଂସ୍ଥିତି ହେଉଛି ଜୀବନର ଆକର । ଜାତକର ରୋଗ-ନିରୋଧ କ୍ଷମତା, ଆୟୁ ଓ ବର୍ଦ୍ଧନ ତତ୍ପରତା ଏହି ଜୈବୀ ସଂସ୍ଥିତି ଉପରେ ହିଁ ନିର୍ଭର କରେ । ଉତ୍ସ ବିମୁଖ ହେଲେ ମନୁଷ୍ୟର ଜୈବୀ ସଂସ୍ଥିତି ଧିରେ ଧିରେ ହ୍ରାସ ହୋଇଆସେ ।

ଖାଦ୍ୟ ଗ୍ରହଣ କରିବା କର୍ମ ହେଉଛି ଏକ ଉପାସନା । ଏଥିପାଇଁ ଦରକାର ଏକ ଉପଯୁକ୍ତ ଭାବ । ଆମ ପାକସ୍ଥଳୀରେ ଏକ ପ୍ରକାର ଅଗ୍ନି ଅଛି ବୋଲି ଆଧ୍ୟାତ୍ମିକବାଦୀମାନେ କହିଥାନ୍ତି । ସେହି ଅଗ୍ନି, କ୍ଷୁଧା ସୃଷ୍ଟି କରେ ଓ ସେ କ୍ଷୁଧାକୁ ସନ୍ତୁଷ୍ଟ କରିବା ପାଇଁ ଆମେ ସେ ଅଗ୍ନି କୁଣ୍ଡରେ ଖାଦ୍ୟ ଅର୍ପଣ କରିଥାଉ । ଏହି ଅଗ୍ନି ଆମ ଠାରେ ସମ୍ଭବ ହୋଇଛି କେବଳ ପରବ୍ରହ୍ମ ପରମାତ୍ମାଙ୍କ ଅଂଶ ଆତ୍ମାର ସ୍ଥିତି ଯୋଗୁ । ଆତ୍ମା ବାହାରି ଯାଇଥିବା ଦେହ ବା ଶବଠାରେ କ୍ଷୁଧା ସୃଷ୍ଟି ହୋଇପାରେ ନାହିଁ । ଏହି କ୍ଷୁଧାକୁ ତୁଷ୍ଟ କରିବା ଅର୍ଥ ବୈଶ୍ୱାନରଙ୍କୁ ସନ୍ତୁଷ୍ଟ କରିବା । ଭଗବତ ଗୀତାରେ ଉଲ୍ଲେଖ ଅଛି 'ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାମ୍ ଦେହ ମାଶ୍ରିତଃ, ପ୍ରାଣପାନ ସମାଯୁକ୍ତପଚାମ୍ୟନ୍ନକମ୍ ଚତୁର୍ବିଧମ୍ ।' ଏ ଦୃଷ୍ଟିରୁ କ୍ଷୁଧାକୁ ସନ୍ତୁଷ୍ଟ କରିବା ଅର୍ଥ ଭଗବାନଙ୍କୁ ସନ୍ତୁଷ୍ଟ କରିବା, ଯାହାର ପ୍ରକୃତ ଅର୍ଥ ହେଉଛି - ଉପାସନା । ଭୋଜନ କରିବା କେବଳ ଜିହ୍ୱା ଲାଳସାର ସନ୍ତୁଷ୍ଟି ନୁହେଁ ବା ସେ ଉଦ୍ଦେଶ୍ୟରେ ହେବା ଉଚିତ ନୁହେଁ । ଖାଦ୍ୟ ଗ୍ରହଣ କରିବା ଏକ ଯଜ୍ଞ ସହ ତୁଳନୀୟ । ଯଜ୍ଞାଗ୍ନିକୁ ଯେଭଳି ନାନା ବିଧ ଦ୍ରବ୍ୟ ଅର୍ପଣ କରାଯାଏ, ଖାଦ୍ୟ ଗ୍ରହଣ କରିବା ସେହିଭଳି ଏକ ଯଜ୍ଞକର୍ମ, ଦେବକର୍ମ ଓ ଉତ୍ତମ ଉପାସନା । ବେଳେ ବେଳେ ନାନା କାରଣବଶତଃ ମଣିଷ ଅଭିମାନ, ଅଜ୍ଞତା ଓ କ୍ରୋଧର ବଶବର୍ତ୍ତୀ ହୋଇ ବା ଅନ୍ୟ କାହା ଉପରେ ଦାଉ ସାଧିବାକୁ ଯାଇ, ନଖାଇ ନପିଇ ନିଜ ଦେହକୁ କଷ୍ଟ ଦେଇଥାଏ । ବେଳେ ବେଳେ ଓଳିଏ ପାଇଁ ପାକସ୍ଥଳୀକୁ ପରିଷ୍କାର କରିବା ପାଇଁ ଖାଦ୍ୟ ଗ୍ରହଣ କରିବାରେ ବିରତି ଦିଆଯାଇପାରେ । ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଓ ସର୍ବୋପରି ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ପାଇଁ ସଠିକ୍ ପ୍ରକାର ଓ ସଠିକ୍ ଭାବର ସହ ଖାଦ୍ୟ ଗ୍ରହଣ କରିବା କେତେ ବେଶୀ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ସମସ୍ତଙ୍କର ଅନୁଧ୍ୟାନର ବିଷୟ । ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ନିମିତ୍ତ ନିୟମିତ ପୂଜା ପ୍ରାର୍ଥନା, ଧ୍ୟାନ ଓ ଗୁରୁଦୀକ୍ଷା ଏକାନ୍ତ ପ୍ରୟୋଜନ - ଏହି ମତବ୍ୟକ୍ତ କରିଛନ୍ତି ଯୁଗାବତାର ମହାପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର । ନିଜ ସ୍ୱାସ୍ଥ୍ୟ ପ୍ରତି ନିଜେ ନିଜେ ସଚେତନ ହୋଇ ସମସ୍ତେ ଯଦି ସ୍ୱାସ୍ଥ୍ୟ ନୀତି ଓ ନିୟମ ପାଳନ ପୂର୍ବକ ସୁସ୍ଥ ଜୀବନଯାପନ କରନ୍ତେ ତାହା ନିଜ ପ୍ରତି, ନିଜ ପରିବାର ପ୍ରତି ଓ ସର୍ବୋପରି ସମାଜ ତଥା ଦେଶ ପ୍ରତି ଆଶୀର୍ବାଦ ହୋଇଯାଆନ୍ତା । ସୁସ୍ଥ ଶରୀର ଓ ସୁସ୍ଥ ମନ ଉନ୍ନତ ବିଚାରର ଜନକ ଓ ଉନ୍ନତ ବିଚାର ବିବେକର ସମର୍ଥକ । ବିବେକାନୁମୋଦିତ ଜୀବନ ହିଁ ସର୍ବୋତ୍ତମ ଫଳଦାୟୀ ଜୀବନ । ଆଜି ଲୋକମାନଙ୍କ ଶାରୀରିକ ସୁସ୍ଥତା ପାଇଁ ସରକାରୀ ଚିକିତ୍ସାଳୟରେ ଆବଶ୍ୟକୀୟ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି । ମାନସିକ ସ୍ୱାସ୍ଥ୍ୟ ନିମିତ୍ତ ଆବଶ୍ୟକୀୟ ମନ୍ଦିର, ମଠ, ମସଜିଦ୍ ଓ ଗୀର୍ଜା ମାନଙ୍କରେ ସଦ୍‌ଗୁରୁ, ସତ୍‌ଦୀକ୍ଷା ଓ ସତ୍‌ସଙ୍ଗର ପ୍ରଭୂତ ଆବଶ୍ୟକତା ରହିଛି । ତେବେ ଅନେକକ୍ଷେତ୍ରରେ ଦେଖାଯାଏ ଲୋକମାନଙ୍କ ଅସଚେତନତାରୁ ନିଜେ ନିଜର ସ୍ୱାସ୍ଥ୍ୟହାନିର କାରଣ ହୋଇଥାନ୍ତି । ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା କ୍ଷେତ୍ର ଠାରୁ ଆଧ୍ୟାତ୍ମିକ ନିରାମୟ ଜୀବନ ଗଠନ ପାଇଁ ନିଜ ଦାୟିତ୍ୱ ପ୍ରତି ସଚେତନ ରହିବାର ଉପଯୁକ୍ତ ଦିବସ । ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ସମସ୍ତଙ୍କ ଐକାନ୍ତିକ ନିଃସ୍ୱାର୍ଥପର ଦାୟିତ୍ୱ ସମ୍ପନ୍ନ ଦ୍ୱାରା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ ।

*ବିଭାଗୀୟ ମୁଖ୍ୟ ଓ ପ୍ରଫେସର*
*ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ସଙ୍କଟମୋଚନ ଭଗବାନ ମହାବୀର



ଯୋଗୀ ଗଣେଶ୍ୱର

ମନୋଜବଂ ମାରୁତ ତୁଲ୍ୟବେଗଂ
ଜିତେନ୍ଦ୍ରିୟଂ ବୁଦ୍ଧିମତାଂ ବରିଷ୍ଠମ୍
ବାତାତ୍ମଜଂ ବାନରଯୁଥ ମୁଖ୍ୟଂ
ଶ୍ରୀରାମଦୂତଂ ଶରଣଂ ପ୍ରପଦ୍ୟେ ॥

ତ୍ରେତାଯୁଗରେ ତିନିପୁରକୁ ଥରହର କରୁଥିବା ରାବଣର ନିଧନ ପାଇଁ ଦେବତା ଋଷିଗଣ କାକୁସ୍ତକଣ୍ଠରେ ବୈକୁଣ୍ଠପତିଙ୍କୁ ଡାକଛାଡ଼ିଲେ । ଆର୍ତ୍ତତ୍ରାଣ ମହାବିଷ୍ଣୁ ମହାଲକ୍ଷ୍ମୀଙ୍କୁ କହିଲେ ମର୍ତ୍ତ୍ୟରେ ରାବଣର ଉତ୍ପୀଡ଼ନ ବୃଦ୍ଧିପାଉଛି । ଏବେ ମୋତେ ଅବତାର ଗ୍ରହଣ କରିବାକୁ ପଡ଼ିବ । ମୁଁ ଫେରିବା ପର୍ଯ୍ୟନ୍ତ ବୈକୁଣ୍ଠପୁରର ଦାୟୀତ୍ୱ ତୁମେ ସମ୍ଭାଳିବ । ତହିଁପରେ ଶୁଭବେଳାରେ ପ୍ରଭୁ ଶ୍ରୀରାମରୂପରେ ଅଯୋଧ୍ୟାରେ ପ୍ରକଟ ହେଲେ । ବିଷ୍ଣୁ ଅବତାର ଗ୍ରହଣ କରିବା ପରେ ହରହରମହାଦେବ ଆନନ୍ଦରେ ଉଲ୍ଲସିତ ହୋଇପଡ଼ିଲେ । ଆରାଧ୍ୟଦେବତା ଶ୍ରୀରାମଙ୍କ ସେବାରେ ନିୟୋଜିତ ହେବା ପାଇଁ ବ୍ୟାକୁଳ ଚିତ୍ତରେ ପ୍ରଭୁଙ୍କୁ ଡାକିଲେ । ଯେମିତି ହେଲେ ବି ଶ୍ରୀରାମଙ୍କ ମର୍ତ୍ତ୍ୟଲୀଳାରେ ସହାୟତା କରିବା ପାଇଁ ମହାଦେବ ଚିନ୍ତିତ ହୋଇପଡ଼ିଲେ । କେଉଁରୂପ ଧାରଣ କରି ଶ୍ରୀରାମଙ୍କ ନିକଟତର ହେବେ ସେନେଇ ଭାଳିହେଲେ । ମାତା ପାର୍ବତୀ ମହାଦେବଙ୍କ ଚିନ୍ତିତ ଭାବଦେଖି ପଚାରିଲେ-ସ୍ୱାମୀ, ଏବେ କିଛି ଦିନ ହେଲା ଏତେ ଚିନ୍ତିତ ହୋଇପଡୁଛ କାହିଁକି ? କ'ଣ ହୋଇଛି ? ମୋର ସେବାରେ କିଛି ତ୍ରୁଟି ରହିଛି କି ଯେଉଁଥିରେ ଏତେ ଦୁଃଖପାଉଛ ? ଦୟାକରି ମନର କଥା ଖୋଲି କହିଲେ କୃତାର୍ଥ ହେବି । ମୋର ଭୁଲଥିଲେ ସଂଶୋଧନ କରାଇ ଦିଅ ସ୍ୱାମୀ । ତୁମ ଶାନ୍ତ, ସରଳ ହସହସ ମୁଖ ଦର୍ଶନ କରିବା ପାଇଁ ମୁଁ ବ୍ୟାକୁଳ ହୋଇପଡୁଛି ।

ମହାଦେବ କହିଲେ-ନା ପ୍ରିୟେ, ତୁମ ସେବାରେ କୌଣସି ତ୍ରୁଟି ନାହିଁ । ମୋର ଇଷ୍ଟଦେବ ପ୍ରଭୁ ଶ୍ରୀରାମ ମର୍ତ୍ତ୍ୟଲୀଳା ନିମନ୍ତେ ଅଯୋଧ୍ୟାର ରାଜାଦଶରଥଙ୍କ ପ୍ରାସାଦରେ ଜନ୍ମଗ୍ରହଣ କରିଛନ୍ତି । ଯେଉଁ ମଙ୍ଗଳ ଉଦ୍ଦେଶ୍ୟରେ ପ୍ରଭୁ ଅବତରୀଛନ୍ତି ତାଙ୍କୁ ସହାୟତା କରିବା ମୋର ପରମକର୍ତ୍ତବ୍ୟ । ତୁମେ ତ ଜାଣିଛ, ଶିବ ଓ ବିଷ୍ଣୁଙ୍କ ଶକ୍ତିରେ ମର୍ତ୍ତ୍ୟଜଗତ ଆତଜାତ ହେଉଛି । ଉଭୟଙ୍କ ଶକ୍ତି ଏକତ୍ର ନହେଲେ ଆସୁରୀକବଳକୁ ଦମନ କରିବା ସମ୍ଭବ ହୋଇପାରେ ନାହିଁ । ଏହି କାରଣରୁ ମୋତେ ମର୍ତ୍ତ୍ୟଭୂମିରେ ପାଦଥାପିବାକୁ ପଡ଼ିବ । ପାର୍ବତୀ କହିଲେ-ଏହା କିପରି କଥା । ତୁମଙ୍କୁ ଛାଡ଼ି ମୁଁ କ୍ଷଣେ ମାତ୍ର ବଞ୍ଚିପାରିବି ନାହିଁ । ତୁମେ ମର୍ତ୍ତ୍ୟରେ କେତେକାଳ ବିତାଇବ ଜାଣି ନାହିଁ । ସେତେକାଳ ପର୍ଯ୍ୟନ୍ତ ମୁଁ ଧୈର୍ଯ୍ୟଧରି ରହିପାରିବି ନାହିଁ । ମୋତେ କ୍ଷମାକର ସ୍ୱାମୀ । ମୋତେ ଛାଡ଼ି ଚାଲିଯାଅ ନାହିଁ । ଅନ୍ୟ ଉପାୟରେ କିପରି ଶ୍ରୀରାମଙ୍କ ସହଭାଗୀ ହେବ ସେ ପଥ ନିର୍ଦ୍ଧାରଣ କର । ମହାଦେବ କହିଲେ ଠିକ୍ ଅଛି । ମୁଁ ତୁମ ପାଖରେ ରହିବି, କିନ୍ତୁ ଅନ୍ୟଏକ ରୂପରେ ମୋର ଶକ୍ତି ଶ୍ରୀରାମଙ୍କ କାର୍ଯ୍ୟରେ ବିନିଯୋଗ କରିବି । ପାର୍ବତୀ ଏହି ପ୍ରସ୍ତାବରେ ରାଜି ହୋଇଗଲେ ।

ପାର୍ବତୀଙ୍କ ଦୁଃଖମୋଚନ ପରେ ମହାଦେବ ବାୟୁଦେବଙ୍କୁ ସ୍ମରଣ କଲେ । ବାୟୁଦେବ ପହଞ୍ଚିବାକ୍ଷଣି ଶିବ କହିଲେ- ବାୟୁଦେବ, ତୁମେ ବ୍ରହ୍ମଜ୍ଞାନୀ । ଏକରୁ ଅଣଚାଶ ଭାଗହୋଇ ମଧ୍ୟ ତୁମେ ଅଭିନ୍ନ । ଶ୍ରୀରାମଙ୍କ ଜାଗତିକଲୀଳାରେ ଭାଗନେବା ପାଇଁ ମୁଁ ଏକ ଶରୀର ଧାରଣ କରିବା ପାଇଁ ଇଚ୍ଛାକରୁଛି । ତୁମେ ମୋର ପିତୃରୂପରେ ବାନରୀ ଅଞ୍ଜନାଙ୍କ ଶରୀରରୁ ମୋତେ ଜନ୍ମଦେବ । ଅଞ୍ଜନା ଜଣେ ଅପ୍‌ସରା । ଇନ୍ଦ୍ରଙ୍କ ଅଭିଶାପରେ ବାନରୀ ହୋଇଥିଲେ ବି ନିଜର ପତିବ୍ରତାବଳରେ ମାନବୀରୂପରେ ପରିବର୍ତ୍ତିତ ହୋଇପାରିବେ । ତୁମେ ଏଇ କାର୍ଯ୍ୟ ଅବଶ୍ୟ ସଂପାଦନ କରିବ । ବାୟୁଦେବ ରାଜିହୋଇ ଶିବଙ୍କ ଜଟାରୁ ଏକ ଚୁଟି ନେଇ ଫେରିଗଲେ । ଅଞ୍ଜନା ବାନରରାଜା କେଶରୀଙ୍କୁ ବିବାହ କରିଥିଲେ । ଦିନେ କେଶରୀ ଓ ଅଞ୍ଜନା ମେରୁପର୍ବତ ଶୃଙ୍ଗରେ କ୍ରୀଡ଼ାରତ ଥିବାବେଳେ ବାୟୁଦେବ ଅଞ୍ଜନାଙ୍କ ପଣତକାନି ଉଡ଼ାଇ ଦଲକାଏ ଥଣ୍ଡା ପବନରେ ତାଙ୍କୁ ଦୋହଲାଇ ଦେଲେ । ପାଖରେ ରଖିଥିବା ଶିବଙ୍କ ଜଟାର କେଶ ଅଞ୍ଜନାଙ୍କ ଶରୀରକୁ ନିକ୍ଷେପ କଲେ । ଜଟାର ଚୁଳ ଶରୀରରେ ଲାଗିବା ମାତ୍ରେ ଭଗବାନ ଶଙ୍କରଙ୍କ ସୂକ୍ଷ୍ମଅଂଶ ଅଞ୍ଜନାଙ୍କ କର୍ଣ୍ଣଗହ୍ୱରରେ ପ୍ରବେଶ କରି ଗର୍ଭାଧାନରେ ରହିଲା । କାଳକ୍ରମେ ଅଞ୍ଜନା ଗର୍ଭବତୀ ହେଲେ । ପରବର୍ତ୍ତୀକାଳରେ ଜ୍ୟୋତିଷ



ଗଣନା ଅନୁଯାୟୀ ବୈଶାଖମାସ ମହାବିଷୁବ ସମ-କ୍ରାନ୍ତୀ, ମଙ୍ଗଳବାର ପ୍ରାତଃବେଳାରେ ଅଞ୍ଜନା ମହାବୀର ହନୁମାନଙ୍କୁ ଜନ୍ମ ଦେଇଥିଲେ । ବାନରୀ ମାନବୀରୂପରେ ଗର୍ଭଧାରଣ କରିଥିବାରୁ ମନୁଷ୍ୟ ଶରୀରରେ ବାନରମୁଖ ଧରି ହନୁମାନ ଜନ୍ମହୋଇଥିଲେ । ହନୁମାନଙ୍କ ଜନ୍ମଉତ୍ସବ କେଶରୀ ଓ ଅଞ୍ଜନା ମହାଆଡ଼ମ୍ବରରେ ପାଳନ କଲେ ।

ହନୁମାନ ବାଲ୍ୟକାଳରୁ ବହୁ ବୀରତ୍ୱ ପ୍ରକାଶ କରି ମୁନିଋଷିମାନଙ୍କୁ ବିସ୍ମିତ କରି ଦେଇଥିଲେ । ହନୁମାନ ଯୁବକ ହେବାପରେ ବାନରରାଜା ସୁଗ୍ରୀବଙ୍କ ସହିତ କିଷ୍କିନ୍ଧା ପର୍ବତରେ ରହୁଥିଲେ । ଶ୍ରୀରାମଙ୍କ ବନବାସକାଳରେ ମାତାସୀତାଙ୍କୁ ରାବଣ ହରଣ କରିନେଲା । ଏହି ସମସ୍ୟା କାଳରେ ଶ୍ରୀରାମ ଓ ହନୁମାନଙ୍କର ପ୍ରଥମ ଭେଟ ହୋଇଥିଲା । ଶ୍ରୀରାମଙ୍କ ସହିତ ସାକ୍ଷାତ ହେବାପରେ ହନୁମାନଙ୍କର ମହାବୀରରୂପ ପ୍ରକଟ ହେଲା । ଶ୍ରୀରାମ ସ୍ୱୟଂବିଷ୍ଣୁ ଜାଣିବା ପରେ ହନୁମାନ ପ୍ରଭୁଙ୍କ ସେବାରେ ମଜ୍ଜିଗଲେ । ରାମ ରାବଣ ଯୁଦ୍ଧବେଳେ ରାବଣ ଶିବଭକ୍ତ ହୋଇଥିବାରୁ ହନୁମାନ ରାବଣକୁ କେବେ ବି ପ୍ରହାର କରିନଥିଲେ । ମାତ୍ର ରାମଙ୍କ ବାଣରେ ବଧହେବା ପାଇଁ ସମସ୍ତ ସହାୟତା ପ୍ରଦାନ କରିଥିଲେ । ରାବଣର ମୃତ୍ୟୁପରେ ଶ୍ରୀରାମ ଲଙ୍କାରୁ ସୀତାଙ୍କୁ ଆଣି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କଲେ । ସିଂହାସନ ଆରୋହଣ କରି ପ୍ରଜାପାଳନରେ ମନୋନିବେଶ କଲେ । ରାମରାଜ୍ୟ ପରିଚାଳନାରେ ହନୁମାନଙ୍କ ଅବଦାନଥିଲା ଅତୁଳନୀୟ । ପ୍ରଜାମାନଙ୍କର ବିପଦକାଳରେ ସେ ପହଞ୍ଚୁଥିଲେ ଓ ସମସ୍ତ ସମସ୍ୟାକୁ ତୁରନ୍ତ ସମାଧାନ କରୁଥିଲେ । ପ୍ରତ୍ୟେକ ପ୍ରାଣୀଙ୍କର ସଙ୍କଟ ପରିସ୍ଥିତିକୁ ହନୁମାନ ମୁକାବଲା କରୁଥିଲେ । ଜ୍ଞାନ, ବଳ, ବୁଦ୍ଧି, ଗୁଣଗ୍ରାହୀ ମଙ୍ଗଳକର୍ତ୍ତା ମହାବୀର ହନୁମାନଙ୍କୁ ଯିଏ ଯେତେବେଳେ ବିପଦରେ ପଡ଼ି ପ୍ରାର୍ଥନା କରୁଥିଲେ ସେ ତୁରନ୍ତ ପହଞ୍ଚି ସୁରକ୍ଷା ଦେଉଥିଲେ । କର୍ତ୍ତବ୍ୟକର୍ମରେ ଧୁରନ୍ଧର ହନୁମାନ ଶ୍ରୀରାମଙ୍କ କୃପାଲାଭ କରି ଯୁଗ ଯୁଗଧରି ରାମଦରବାରରେ ସ୍ଥାନ ଅଳଙ୍କୃତ କଲେ ।

ଏକାଦଶରୁଦ୍ରଙ୍କ ଅବତାର ହନୁମାନ ଜିତେନ୍ଦ୍ରିୟ ବ୍ରହ୍ମଚାରୀ ଅଟନ୍ତି । ତେଜିୟାନ୍ ବପୁ ଓ ବଳରେ ଜଗତର ସମସ୍ତ ବଳବାନ ଅସୁରଙ୍କୁ ନିପାତ କରନ୍ତି । ଶ୍ରୀରାମଙ୍କର ଦୈବୀଗୁଣକୁ ଧାରଣ କରି କାର୍ଯ୍ୟ ତୁଲାଉଥିଲେ । ଶ୍ରୀରାମ ବୈକୁଣ୍ଠପୁରକୁ ପ୍ରତ୍ୟାବର୍ତ୍ତନ କରିବା ବେଳେ ହନୁମାନଙ୍କୁ ଅମରବର ପ୍ରଦାନ କରି ରାମରାଜ୍ୟ ପ୍ରତିଷ୍ଠାରେ ମନୋନିବେଶ କରିବା ପାଇଁ ପରାମର୍ଶ ଦେଇ ଯାଇଥିଲେ । ଶ୍ରୀରାମଙ୍କ ବଚନ ରକ୍ଷାକରି ମହାବୀର ହନୁମାନ ଦୁଷ୍ଟଙ୍କୁ ସଂହାର ଓ ସାଧୁ ସ୍ୱଭାବର ମନୁଷ୍ୟଙ୍କ ସଙ୍କଟମୋଚନ ନିମନ୍ତେ ଏବେ ବି ଜଗତବୁକୁରେ ବିଚରଣ କରୁଛନ୍ତି । ଯେଉଁ ସାଧୁବ୍ୟକ୍ତି ବିପଦକାଳରେ ହନୁମାନଙ୍କର ଶରଣାପନ୍ନ ହୁଅନ୍ତି ସେମାନଙ୍କୁ ହନୁମାନ ନିଶ୍ଚୟ ସହାୟତା କରନ୍ତି । ରୋଗ, ଶୋକ, ପରିତାପରୁ ରକ୍ଷାକରନ୍ତି । ନାଶୈ ରୋଗ ହରୈ ସବ ପୀରା, ଜପତ ନିରନ୍ତର ହନୁମତ ବୀରା । ଭୂତ ପିଶାଚ ନିକଟ ନହିଁ ଆୱେ, ମହାବୀର ଜବ ନାମ ସୁନାୱେ । ହନୁମାନଙ୍କ ଶରଣରେ କାଳଯାପନ କରୁଥିବା ମନୁଷ୍ୟଙ୍କୁ ସର୍ବସଂକଟରୁ ଉଦ୍ଧାର କରନ୍ତି । ଯେଉଁ ସ୍ଥାନରେ ଶ୍ରୀରାମଙ୍କର ଗୁଣଗାନ, ଯଜ୍ଞ, ନାମଜପ ହେଉଥାଏ ସେଠାରେ ହନୁମାନ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନରେ ଭାଗୀଦାର ହୁଅନ୍ତି । ଦୁଷ୍ଟଜନଙ୍କକ୍ରୋଧରୁ ସାଧୁଜନଙ୍କୁ ହନୁମାନ ସର୍ବଦା ରକ୍ଷାକରନ୍ତି । ରାମନାମ ଜପକରୁଥିବା ମନୁଷ୍ୟଙ୍କର ବନ୍ଧୁ ଅଟନ୍ତି । ହନୁମାନ କ୍ଷମାଶୀଳ, ଦୟାଶୀଳ ଶ୍ରୀରାମଙ୍କ ଗୁଣଧାରୀ କୃପାଳୁମହାରାଜ । ମହାବଳୀୟାନ ପବନପୁତ୍ରଙ୍କ ଜୟନ୍ତୀରେ ପ୍ରତ୍ୟେକ ମନୁଷ୍ୟ ତାଙ୍କ ଶରଣାପନ୍ନ ହୋଇ ସତ୍ୟ, ନ୍ୟାୟ, ଧର୍ମର ରାମରାଜ୍ୟ ପ୍ରତିଷ୍ଠା ଦିଗରେ ସହାୟକ ହୋଇପାରିଲେ ମହାବୀରଙ୍କ କୃପା ଅବଶ୍ୟ ମିଳିବ । ଜୟ ଶ୍ରୀରାମ ।

ମିଶନ ଭାଗବତ
ଦୂରଭାଷ-୯୬୬୮୬୩୧୨୫୭

*ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।*



**କ୍ଷୀରୋଦ ଦାସ**

ଭାଗ-୩

# ସମ୍ପର୍କର ସୂତା ଖିଅ

**ସେ** ବର୍ଷ ଗରୁଡେଶ୍ୱର ହାଇସ୍କୁଲରେ ବୋର୍ଡ ପରୀକ୍ଷା ଦେଇଥିବା ଚବିଶ ଜଣ ପିଲାଙ୍କ ଭିତରୁ ପାସ୍ କରିଥିଲେ ସତରଜଣ। ଏଗାରଜଣ ତୃତୀୟ ଶ୍ରେଣୀରେ, ପାଞ୍ଚଜଣ ଦ୍ୱିତୀୟ ଶ୍ରେଣୀରେ ଓ ମାତ୍ର ଜଣେ ପିଲା ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେଇ ପିଲାଯି ହେଉଛି ସନାତନ ମହାନ୍ତିଙ୍କ ପୁଅ ସୁରେନ୍ଦ୍ର। ସେ ଅଞ୍ଚଳରେ ଥିବା ଚାରିପାଞ୍ଚଟା ସ୍କୁଲରୁ ଫାଷ୍ଟ ଡିଭିଜନ କେହି ପାଇ ନଥିଲେ। ତେଣୁ ସୁରେନ୍ଦ୍ରର ଏ କୃତିତ୍ୱରେ ତା' ବାପା ବୋଉ ଯେତିକି ଖୁସି ହୋଇ ନଥିଲେ, ବେଶୀ ଖୁସି ହୋଇଥିଲେ ସ୍କୁଲର ପ୍ରଧାନଶିକ୍ଷକ ଏବଂ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ। ସୁରେନ୍ଦ୍ର ହିଁ ଗରୁଡେଶ୍ୱର ହାଇସ୍କୁଲର ଗର୍ବ ଓ ଗୌରବ ବୋଲି ଅଭିହିତ କରିବା ସଙ୍ଗେ ସଙ୍ଗେ ତା' ମୁଣ୍ଡରେ ହାତମାରି ବଡ ହେବାର ଆଶୀର୍ବାଦ କରିଥିଲେ ସ୍କୁଲର ପ୍ରଧାନଶିକ୍ଷକ।

ସ୍କୁଲରୁ ମାର୍କସିଟ୍ ଏବଂ ଏଲଏସି ଆଣିବା ଦିନ ପ୍ରଧାନଶିକ୍ଷକ ସୁରେନ୍ଦ୍ରକୁ ପାଖକୁ ଡାକି ପଚାରିଥିଲେ - କେଉଁଠି କେଉଁଠି ସବୁ ଫର୍ମ ପକାଇବାକୁ ସ୍ଥିର କରିଛୁ?

ତଳକୁ ମୁହଁ ପୋତି ଠିଆହୋଇ ରହିଥିଲା ସୁରେନ୍ଦ୍ର। ତା' ଆଖି ଟଳମଳ ହେଉଥିଲା ଲୁହରେ। ବାଷ୍ପାକୁଳ କଣ୍ଠରେ ସେ କହିଲା - "ବାପା ମନା କରୁଛନ୍ତି ଆଉ ପାଠ ପଢ଼ିବାକୁ।"

ପ୍ରଧାନଶିକ୍ଷକ ତା'ପାଖକୁ ଲାଗିଆସି କହିଲେ, ମୁଁ ଜାଣେ, ତମର ଆର୍ଥିକ ପରିସ୍ଥିତି ଆଦୌ ସ୍ୱଚ୍ଛଳ ନୁହେଁ। ତେବେ ତୋ ଭବିଷ୍ୟତ ପାଇଁ ମୁଁ କହୁଛି। ବାପାଙ୍କୁ କହ, ଜମି ଗୁଣ୍ଠେ ଦି ଗୁଣ୍ଠ ବିକନ୍ତୁ ପଛେ, ତତେ କଲେଜ ପଠାନ୍ତୁ। ମୁଁ ବି କେତେବେଳେ ଯାଇ ତୋ' ବାପା ସହିତ କଥାବାର୍ତ୍ତା ହେବି ଏ ବିଷୟରେ।

ସାର୍‌ଙ୍କୁ ପ୍ରଣାମ କରି, ଏଗାରବର୍ଷ କାଳ ଯାହା କୋଳରେ ପାଠ ପଢ଼ିଥିଲା, ନାଚିଥିଲା, ଡେଇଁଥିଲା, ଧୂଳିମାଟି ସହିତ ଏକାତ୍ମ ହୋଇଥିଲା, ସେଇ ଗରୁଡେଶ୍ୱର ସ୍କୁଲକୁ ଛାଡି ସୁରେନ୍ଦ୍ର ଫେରି ଆସିଥିଲା।

ସେତିକିବେଳଠାରୁ ଗୋଟିଏ ଘରେ ମୁହଁ ମାଡି ଶୋଇଛି ଯେ, ଶୋଇଛି। ମା'ଭଉଣୀ ଡାକି ଡାକି ଥକିଗଲେଣି। ଉଠୁ ନାଇଁ କି ଜବାବ୍ ଦେଉନାହିଁ।

ମାମିନା ଅପା ତା' ବଡ ଭଉଣୀ। ତା'ଠାରୁ ଦି'ବର୍ଷ ବଡ। ସପ୍ତମ ଶ୍ରେଣୀଠାରୁ ପାଠପଢ଼ା ଛାଡି ଘରେ ବସିଛି। ବୋଉ ସାଙ୍ଗରେ ଘରକାମରେ ହାତ ଦିଏ। ରନ୍ଧାବଢ଼ା, ଲିପାପୋଛା, ସଫାସଫି, ମଜାମଜି ସବୁ କାମରେ ପାରଙ୍ଗମ। ଘର ଗୋଟାକର କାମ ଏକ ସମ୍ଭାଳି ନିଏ। ଥିଲାବାଲା ଘର ହୋଇଥିଲେ ଦି'ବର୍ଷ ତଳୁ ହାତକୁ ଦି'ହାତ ହୋଇ ସାରନ୍ତାଣି। ଅପା ଆସି ବହେ ଡାକି ଡାକି ଥକିଲାଣି। ତା'କଥାକୁ ହେଣ୍ଟିଦେଇ ସୁରେନ୍ଦ୍ର ଶୋଇଥିଲା କାନ୍ଥ ଆଡକୁ ମୁହଁକରି।

ବୋଉ ଆସି ବସିଲା ପାଖରେ ଚୁପ୍‌ଚାପ୍। ତା' ପିଠିକୁ ଆଉଁଷି ଦେଉ ଦେଉ କହିଲା- ମୋ ବାପଟା ପରା, ଏମିତି ଜଦ୍ ତୁ କରନା। ତୁ ତ ଆଖି ଆଗରେ ଦେଖୁଛୁ ଘରର ଅବସ୍ଥା। ରାତି ପାହିଲେ ପର ବିଲକୁ ମୂଲ ନ ଗଲେ, ଚୂଲି ଉପରକୁ ହାଣ୍ଡି ଯାଉନି...।

ଚୁପ୍ ଚାପ୍ ଶୋଇଥିଲା ସୁରେନ୍ଦ୍ର। ଉଠିପଡି କହିଲା-ସେଗୁଡା ମତେ ଜମା କହନା। ମୋଠାରୁ ବହୁତ କମ୍ ନମ୍ବର ରଖିଥିବା ଗଧ ପିଲାମାନେ କଲେଜରେ ପଢ଼ିବେ, ଆଉ ମୁଁ ଲଙ୍ଗଳ କଣ୍ଟି ଧରିବି? ତା କଣ୍ଠରୁ ସ୍ପଷ୍ଟ ବାରିହୋଇ ପଡୁଥିଲା କୋହ। କୋହ ଜୁଡୁବୁଡୁ କଣ୍ଠରେ ସେ କହିଲା- "ତୁ ବାବାଙ୍କୁ କହ, ସେ ଜମି ଦି'ଗୁଣ୍ଠ ବିକିଦେବେ। ବିକି ମତେ ଟଙ୍କା ଦେବେ। ମୁଁ କଟକରେ ପାଠ ପଢ଼ିବି...।

ବୋଉ ତାଜୁବ୍ ହୋଇଗଲା ଅମାନିଆ ପୁଅଟାର କଥାଶୁଣି। କାନ୍ଦୁରୁ ମାନ୍ଦୁରୁ ହୋଇ କହିଲା-ଇରେ ବାପ, ଜମି ଚାରି ପାଞ୍ଚ ଗୁଣ୍ଠ କ'ଣ ଜମିରେ ଗଣା? ଚାରି ଛ' ବସ୍ତା ଧାନହୁଏ ଯେ ଚାରିଟା ପେଟକୁ ତିନିମାସ ପାଇଁ ନିଅଣ୍ଟ! ସେଥିରେ ତୁ କହୁଚୁ ଜମି ବିକି ଦେବାକୁ?

ବୋଉ ଟିକେ ଚୁପ୍ ରହି ପୁଣି କହିଲା, "କଲେଜରେ ପାଠ ପଢ଼ିବାକୁ ତ ପାଣି ପରି ଟଙ୍କା ଦରକାର। ଆମ ମଳିମୁଣ୍ଡିଆ, ଖଟିଖିଆ ମଣିଷଙ୍କର ସେ ଭାଗ୍ୟ କାଇଁ? ମୋ ଧନଯା ପରା, ଆଉ ଅମାନିଆ ହ'ନା...।"

- "ଏତେ କଥା ଯଦି ତମ ମନରେ ଥିଲା, ତାହେଲେ ମତେ ପଢ଼ାଉଥିଲ କାହିଁକି? ମୂଳରୁ କୋଡି ଲଙ୍ଗଳ ଦେଇ ବିଲକୁ ପଠାଇଲନି? ତୁ ଯାହା କରୁଛୁ କର, ମତେ ଯଦି ଟଙ୍କା ନଦେଉ, ତେବେ ଘରଦ୍ୱାର ଛାଡି କୁଆଡ଼େ ପଳେଇବି। ଆତ୍ମହତ୍ୟା କରିଦେବି। ମୋ ମୁହଁ ତୁ ଆଉ ଦେଖିବୁନି।" -କାନ୍ଥ କଡକୁ ମୁହଁ ବୁଲାଇ ବସି ସୁରେନ୍ଦ୍ର ରୋକ୍‌ଠୋକ୍ ଶୁଣାଇ ଦେଲା।

ନିର୍ବୋଧ ଓ କିଂକର୍ତ୍ତବ୍ୟବିମୂଢ଼ ପାଲଟି ଗଲା ବୋଉ। ତା' ହାଡୁଆ ମୁହଁ ଚିପୁଡି ହୋଇଯାଇ ଆହୁରି ବିକଳ ଦେଖାଗଲା। ପାଣିଚିଆ ଦୁଇ ଆଖି କୋଣରୁ ଝରି ଆସିଲା ଦି'ବୁନ୍ଦା ଲୁହ। ତା' ଏକୋଇରବଳା ବିଶିକେସନ କହୁଚି ଏ କଥା? ଘରଛାଡି ପଳେଇବ! ଜୀବନ ହାରିଦେବ!

ପୁଅକୁ କୁଣ୍ଢାଇ ପକାଇ କାନ୍ଦି କାନ୍ଦି ସେ କହିଲା- "ସେପରି କାଳତୁଣ୍ଡ କଥା ଜମା ତୁଣ୍ଡରେ ଧରନାରେ ବାପା! ଟିକେ ଥୟ ହ'...!"

ସେଦିନ ଗାଧୁଆବେଳେ ବିଲରୁ ଫେରିବା ପରେ ସୁରିଆବାପାଙ୍କୁ ସବୁ କଥା କାନ୍ଦି କାନ୍ଦି କହିଗଲା ବୋଉ। ଝାଳ ସରସର ଦେହ ନେଇ ଦଣ୍ଡେ ଗୁମ୍‌ମାରି ବସିଲେ ସନାତନ। ଦୀର୍ଘଶ୍ୱାସଟେ ଛାଡି କହିଲେ, "ତୁ ବି ସେଇକଥା କହୁଚୁ ସୁରିଆ ବୋଉ! କଲେଜରେ ନାଁ ଲେଖେଇ ପାଠପଢ଼ିବା ପାଇଁ କୁଢ଼ କୁଢ଼ ଟଙ୍କା ଦରକାର। କୋଉଠୁ ମୁଁ ଆଣିବି? ତାକୁ କହ, ସେ ଖୁମାଣିଆ ଖୋଇ ଛାଡୁ। ସେଗୁଡା ବଡଲୋକିଆମାନଙ୍କ ଘରେ ଶୋଭାପାଏ। ଆମ ପରି ଖଟିଖିଆମାନଙ୍କୁ ନୁହେଁ।"

"ମୋ ପୁଅର ଜୀବନଠାରୁ ଟଙ୍କା ତମ ପାଇଁ ବଡ ହୋଇଗଲା? -କାନ୍ଦି କାନ୍ଦି କହିଲା ବୋଉ - "ହଉ, ଯାହା ତମ ଇଚ୍ଛା, ତା' କର। ହେଲେ ମୋ ପୁଅର ଯଦି ଭଲମନ୍ଦ କିଛି ହୋଇଗଲା, ହେଇଟି, ସେଇଦିନ ଏଇ ଶେଣୀରେ ଦଉଡି ଲଗେଇ ଦେବି କହୁଛି। ଡେଇଁ ପଡିବି କୂଅ ପୋଖରୀକୁ।"

ସନାତନ ସେଇ ଉହଡହ ଖରା ବେଳଟାରେ ଉଠିଗଲେ ଦାଣ୍ଡଆଡେ।

ଦାଣ୍ଡଘରେ ବସିଥିଲେ ନଟଦାସ। ଦି'ପ୍ରହରିଆ ଗାଧୁଆ ଖିଆ ସାରି ପାଟିରେ ପାନ ଖଣ୍ଡେ ଚାକୁଳୋଉଥିଲେ। ପାଖରେ ବସିଥିଲେ ନକୁଳ ପ୍ରଧାନ। ସନାତନକୁ ଦେଖି ନଟଦାସ କହିଲେ, କିରେ, ଖରାବେଳଟାରେ କୁଆଡେ ସନା?

ପିଣ୍ଡାରେ ଲଥ୍ କରି ବସିପଡିଲେ ସନାତନ।

କଥା କ'ଣ କିରେ ସନା? ପଚାରିଲେ ନଟଦାସ- 'କହୁନୁ କ'ଣ ହେଇଛି? ଏମିତି ହାଣ୍ଡିପରି ମୁହଁଟାକୁ ଓହେଳେଇ ବସିଲୁ କାଇଁକି ଯେ?

'ନଟଭାଇ! - କାକୁସ୍ଥ କଣ୍ଠରେ କହିଲେ ସନାତନ- "ବଡ଼ ବିପଦରେ ପଡିଯାଇଛି ନଟଭାଇ। ଟୋକାଟାର ଏକାଜିଦ୍ କଲେଜରେ ପାଠ ପଢ଼ିବ। ଦି'ଦିନ ହେଲାରି ନଖାଇ ନ ପିଇ ମୁହଁମାଡି ଶୋଇଛି ଗୋଟିଏ ଘରେ। ତା' ମା' ଭଉରୀ ଡାକି ଡାକି ଥକିଲେଣି। ଊଁ ନାଇଁ କି ଚୁଁ ନାଇଁ। କହୁଛି, କଲେଜରେ ନ ପଢ଼ିଲେ ଜୀବନ ହାରିଦେବ। କ'ଣ କରିବି ମତେ କିଛି ବୁଦ୍ଧି ବାଟ ଦେଖାଯାଉନାଇଁ ଭାଇ...।

ନଟଦାସ ଚୁପ୍ ରହିଲେ। କହିଲେନି କିଛି।

'ଭାଇ!' ସନାତନଙ୍କ ସ୍ୱର କାନ୍ଦୁରା ଶୁଭିଲା। -ଏ ବେଳରେ ତମେ ହିଁ ମୋର ସାହା ନଟଭାଇ। ଟଙ୍କା ହଜାରେ ମତେ କରଜ ଦେଇଥାଅ। ମୂଲଲାଗି କି ଧାନ ବିକି ଗୋଟାଏ ବର୍ଷରେ ମୁଁ ଶୁଝିଦେବି।

ପାଟିରୁ ପାନପିକ ବାହାରକୁ ଥୁ' କିନା ଛାଡିଦେଇ ନଟଦାସ କହିଲେ- ଆରେ, ସନା, ଟଙ୍କା ହଜାରେ କାହିଁକି, ତୋ ପୁଅର ପାଠପଢ଼ା ପାଇଁ ପାଞ୍ଚ ହଜାରେ ଦେବାରେ ମୋର ଆପତ୍ତି ନାହିଁ। ଗାଁର ପଅ କଲେଜରେ ପାଠ ପଢ଼ିବ, ହାକିମ ହେବ, ନାଁ, କମଇବ। ଏହାଠାରୁ ବଳି ସୁଖବର ଖବର ଆଉ କ'ଣ?

***(କ୍ରମଶଃ)***

ଆଖିଏ କବିତା



## ତାଲାବନ୍ଦରେ ଶ୍ରମିକ

**ସଚ୍ଚିଦାନନ୍ଦ ବାରିକ**



**ମ**ହାମାରୀ ଭୟରେ
ଛକ ବଜାର ଆଉ ପ୍ରମୁଖ ରାଜରାସ୍ତା
ଚାରିଆଡେ ପୋଲିସର ନାକାବନ୍ଦି
ସାଇରନ୍ ଆଉ ପୋଲିସ ସଚେତନାରେ
ଏକ ଉଦବିଗ୍ନ ଭୟର ପରିବେଶ
ଟିଭିରେ ପେପରରେ ଆଉ ସୋସିଆଲ ମିଡିଆରେ
ସମସ୍ତଙ୍କୁ ଘରେ ରହିବାକୁ ଏକ ଶକ୍ତ ନିର୍ଦ୍ଦେଶ...

ଏ ଘଡିସନ୍ଧି ମୁହୂର୍ତ୍ତରେ
ସାମାଜିକ ଦୂରତ୍ୱ ମଝିରେ
ଭୋକିଲା ପେଟ ମାନଙ୍କର ମେଳିକୁ ଦେଖି
ମଧ୍ୟବିତ୍ତଙ୍କ ମନରେ ତ୍ରିଶଙ୍କୁ ପ୍ରଶ୍ନ!
ଶ୍ରମିକମାନେ କଣ ସତରେ ମଣିଷ!

ଏବେ ଏ ତାଲାବନ୍ଦ ପରିସ୍ଥିତିରେ
ସବୁ ଆଡେ ବନ୍ଦ ଆଉ ବନ୍ଦ
ପୋଲିସ ଆଖିରେ ବର୍ଷୁଛି ନିଆଁ
ଲୋକଟିଏ ଦେଖିଦେଲେ
ବର୍ଷି ହେଉଛି ନିର୍ଘାତ ପ୍ରହାର
ଥିଲା ବାଲାଙ୍କ ଜୀବନ ଏବେ
ପାଲଟି ଗଲାଣି ଜହର
ଆଉ ନଥିଲା ବାଲାଙ୍କୁ
ପ୍ରତିଶ୍ରୁତି ଆଉ ପ୍ରଲୋଭନ ଦେଉଛି ସରକାର...

ଏତେସବୁ ପରେ ବି
ଅନେକ ଲୋକ ଏବେ ବି ସରକାରୀ ତାଲିକାରୁ ବାହାରେ
ତାଙ୍କୁ ଜଣାନାହିଁ ଯୋଜନାର ରୂପରେଖ
ସେମାନେ ଖଟନ୍ତି ଖାଆନ୍ତି ଆଉ ଶୋଇଯାନ୍ତି
ମାଲିକ ଆଖିରେ ସେମାନେ ନୁହନ୍ତି ମଣିଷ
ସରକାରୀ ଭାଷାରେ ସେମାନେ କେତେବେଳେ ଦାଦନ ଆଉ ଶ୍ରମିକ...




ତାକୁ ଡର ନାହିଁ ପୋଲିସର ଲାଠିକୁ
ଖାତିର ନାହିଁ ସରକାରୀ ନିର୍ଦ୍ଦେଶକୁ
ଡରନାହିଁ ଅନାହାର ମରଣକୁ
ସେ ଏବେ ଭୋକ ଆଉ ଛାତରୁ ଊର୍ଦ୍ଧ୍ୱରେ
ନିଜ ପାଦ ଉପରେ ଭରସା ରଖି
ଫେରି ଯାଉଛି ଶହ ଶହ ମାଇଲ ଦୂର
ନିଜ ଗାଁ କୁ ନିଜ ମାର କୋଳକୁ...

ଯଦି ବା କିଏ ରହିଗଲା
ଜୀବନ ମୋହରେ
ଦାନା ପାଣି ଦେଉଥିବା ମୁନିବର ଶକ୍ତ ନିର୍ଦ୍ଦେଶରେ
ତାକୁ ପୂର୍ବବତ କୋଳେଇ ନେବାକୁ ହୁଏ
ଧୂଳି ଧୂସର ଭରା ଜୀବନକୁ
ଯେଉଁଠି ନଥାଏ ଜର କାଶ କି
କରୋନା ସଂକ୍ରମଣର ଭୟ
ସେ ତ ମଣିଷ ନୁହେଁ
ସେ କେବଳ ତା ମୁନିବର ଆଜ୍ଞାକାରୀ ଶ୍ରମିକ...।

***ଝୁମ୍ପୁରା, କେନ୍ଦୁଝର***
***ଦୂରଭାଷ : ୯୭୭୬୩୫୦୫୮୦***

## ଭିକାରୀ କାହାନ୍ତି ?

**ବିନୟ ଭୂଷଣ ପାଣିଗ୍ରାହୀ**





ସାମ୍ବାଦିକ ସତ୍ୟବ୍ରତ ଏକ ସାକ୍ଷାତକାର ସମୟରେ ବିଭାଗୀୟ ମନ୍ତ୍ରୀଙ୍କୁ ପଚାରିଲେ, 'ସାର, ଆପଣ ଆଜି ବିଧାନସଭାରେ କହିଲେ ଯେ ଭୁବନେଶ୍ୱରରେ ସର୍ବମୋଟ ୧୬୦ ଜଣ ଭିକାରୀ ଅଛନ୍ତି। ଦୟାକରି ଏମିତି ଏକ ଭୁଲ ତଥ୍ୟ ଦେବା ପଛରେ ଥିବା ଉଦ୍ଦେଶ୍ୟଟିକୁ ସ୍ପଷ୍ଟ କରିବେ କି?'

ମନ୍ତ୍ରୀ ଅଳ୍ପ ହସି କହିଲେ, 'ମୁଁ ଯେଉଁ ସଂଖ୍ୟା କହିଲି ତାହା ସମ୍ପୂର୍ଣ୍ଣ ସଠିକ୍। କାରଣ, ମୁଁ ଦେଇଥିବା ତଥ୍ୟ କପୋଳକଳ୍ପିତ ନଥିଲା। ରାଜ୍ୟର ବଛାବଛା, ବରିଷ୍ଠ, ସୁଦକ୍ଷ ଓ ଅଭିଜ୍ଞ କର୍ମଚାରୀମାନଙ୍କ ଦ୍ୱାରା କରାଯାଇଥିବା ଭିକାରୀ ଗଣନା ରିପୋର୍ଟ ସହିତ ବିଭନ୍ନ ନିର୍ଭରଯୋଗ୍ୟ ସୂତ୍ରରୁ ସଂଗ୍ରହ କରାଯାଇଥିବା ତଥ୍ୟ ସବୁକୁ ବିଶଦ ଭାବରେ ଅଧ୍ୟୟନ କରିସାରିବା ପରେ ଗୃହକୁ ସେ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲି। ତେବେ, ଯେଉଁ ତଥ୍ୟକୁ ଜିରାରୁ ଶିରା କାଢୁଥିବା ବିରୋଧୀ ଦଳର ସଦସ୍ୟମାନେ ବିନା ବାକବିତଣ୍ଡାରେ ମାନିନେଲେ ଜଣେ ସାଧାରଣ ସାମ୍ବାଦିକ ହେଇ ଆପଣ ତାହାକୁ ମିଥ୍ୟା ବୋଲି କହିପାରିଲେ କେମିତି?

ସାମ୍ବାଦିକ ସତ୍ୟବ୍ରତ : 'କ୍ଷମା କରିବେ ସାର। ଆଉମାତ୍ର ଗୋଟିଏ ପ୍ରଶ୍ନ ଅଛି, ଅନୁମତି ଦେଲେ ପଚାରିବି।'

ପ୍ରଥମ ପ୍ରଶ୍ନର ଧାଡିକିଆ ଉତ୍ତରରେ ସାମ୍ବାଦିକଙ୍କୁ ଚୁପ୍ କରେଇ ଦେଇପାରିଥିବାର ଆନନ୍ଦରେ ବିଭୋର ମନ୍ତ୍ରୀ ନିଜକୁ ମାତ୍ରାଧିକ ଉତ୍ସାହିତ ହେଇ କହିଲେ, 'ଗୋଟିଏ କାହିଁକି, ତମ ମନରେ ଯେତେ ପ୍ରଶ୍ନ ଅଛି ସବୁ ପଚାର, ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତର ଦେବା ଆମ ମାନଙ୍କର ନୈତିକ କର୍ତ୍ତବ୍ୟ।'

'ସାର, ସହରରେ ଆପଣଙ୍କ ସରକାର ଖୋଲିଥିବା ଆହାର କେନ୍ଦ୍ର ଗୁଡିକ କେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ? - ସତ୍ୟବ୍ରତ ପଚାରିଲା।

କାଳବିଳମ୍ବ ନକରି ମନ୍ତ୍ରୀ ଉତ୍ତର ରଖିଲେ, 'ଗରିବ ଲୋକମାନଙ୍କ ପାଇଁ।'

ସତ୍ୟବ୍ରତ- 'ଭିକାରୀମାନେ ଗରିବ ଲୋକ ନା ଗରିବ ମାନେ ଭିକାରୀ'

ମନ୍ତ୍ରୀ - 'ଏମିତି କହି ତମେ ଗରିବ ଲୋକମାନଙ୍କୁ ଅପମାନିତ କରୁଛ। ଯେଉଁମାନଙ୍କର ଆୟ ଏକ ନିର୍ଦ୍ଦିଷ୍ଟ ତଥା ନିର୍ଦ୍ଧାରିତ ପରିମାଣ ଠାରୁ କମ ସେମାନେ ଗରିବ, ଭିକାରୀ ନୁହଁନ୍ତି।'

ସତ୍ୟବ୍ରତ - 'ତେବେ ସାର, ଏକଥା ଜାଣି ମଧ୍ୟ ଆପଣ ବିଧାନସଭାରେ ଗରିବ ଲୋକମାନଙ୍କୁ ଅପମାନିତ କଲେ କାହିଁକି?'

ମନ୍ତ୍ରୀ- 'କେମିତି? ମୁଁ କେତେବେଳେ ଗରିବ ଜନସାଧାରଣଙ୍କୁ ଅପମାନିତ କଲି?

ସତ୍ୟବ୍ରତ ଅଳ୍ପ ହସି କହିଲେ - 'ସାର, ଆପଣ ଯେଉଁମାନଙ୍କୁ ଭିକାରୀ କହିଲେ ସେମାନେ ମଧ୍ୟ ଆହାର କେନ୍ଦ୍ରରେ ଖାଆନ୍ତି। ତେଣୁ ସେମାନେ ଗରିବ ଲୋକ, ଭିକାରୀ ନୁହଁନ୍ତି। ଭିକାରୀ ମାନଙ୍କର ଆୟ ମଧ୍ୟ ନିର୍ଦ୍ଧାରିତ ତଥା ନିର୍ଣ୍ଣାୟକ ଆୟଠାରୁ କମ। ଅର୍ଥାତ୍, ଆପଣ କିଛି ସଂଖ୍ୟକ ଗରିବ ଲୋକଙ୍କୁ ଭିକାରୀ କହିଲେ। ମାତ୍ର ଆପଣଙ୍କ ବର୍ତ୍ତମାନ ପ୍ରଦତ୍ତ ଉତ୍ତର ଅନୁଯାୟୀ ଭୁବନେଶ୍ୱରରେ ତ ଆଦୌ ଭିକାରୀ ନାହାନ୍ତି।'

ମନ୍ତ୍ରୀ ମନକୁ ମନ କହିଲେ, 'ହଁ ତ, ସତରେ ଭୁବନେଶ୍ୱରରେ ଭିକାରୀ କାହାନ୍ତି!'

***ହରସିଂହପୁର, ପୀରହାଟ ବଜାର, ଭଦ୍ରକ***
***ଦୂରଭାଷ : ୯୯୩୭୫୪୮୪୩୧***

## ଅଦୃଶ୍ୟ କ୍ଷେତ ଆଉ ଅସହ୍ୟ ଯନ୍ତ୍ରଣା

**ସିଦ୍ଧେଶ୍ୱର ତ୍ରିପାଠୀ**



**ଧ**ନ ଯଉବନ ଖୋଜି ମୁଁ ନଥିଲି
ଦେଖିବି ନଥିଲି ଥରେ
ସାରା ଜୀବକୁ ଅବଶୋଷ ହୋଇ
ରହିଗଲୁ ହୃଦୟରେ।
ସମାଜ କଥାକୁ ଖାତିରି ନକରି
ଖୋଲା ରଖିଥିଲି ମନ
ମନ କଥା ତୋତେ ଖୋଲି କହିଥିଲି
ଦେଖାହେଲା ଯୋଉଦିନ।
ମୋ ଡେଣାକୁ କାଟି କେମିତି ରହିଲୁ
କାହା ବାହୁ ବନ୍ଧନରେ
ସାରା ଜୀବନକୁ ଅବଶୋଷ ହୋଇ
ରହିଗଲୁ ହୃଦୟରେ।

କେତେ ସରାଗରେ ଗାଉଥିଲୁ ଗୀତ
ମୋତେ ଶୁଣେଇବା ପାଇଁ
ଆଜି ସେଇ ଓଠ ନୀରବି ଯାଇଛି
ଆଉ କାହା ଓଠ ଛୁଇଁ।


ତୋ କପାଳରେ ସୁହାଗ ସିନ୍ଦୂର
ଲୁହ ଲେଖା ମୋ ଭାଗ୍ୟରେ
ସାରା ଜୀବନକୁ ଅବଶୋଷ ହୋଇ
ରହିଗଲୁ ହୃଦୟରେ।

***ଖୋର୍ଦ୍ଧା***



# ପିଲାଙ୍କ ଦୁନିଆ





**ପ୍ରାର୍ଥନା ଦାଶ**
ଷ୍ଟାଣ୍ଡାର୍ଡ-୭
ବିଜେଇଏମ୍ ସ୍କୁଲ





**ସାଇ ସାନ୍‌ଭି**
ଷ୍ଟାଣ୍ଡାର୍ଡ-୩
ଫ୍ୟୁଚର ଭୁବନେଶ୍ୱର ସ୍କୁଲ

**ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ଲକ୍‌ଡାଉନ୍ ମାର୍ଗଦର୍ଶୀକାକୁ ଅଣଦେଖା**

# ମାଛ କିଣିବା ନିମନ୍ତେ ବାରିପଦା କଲେଜ ପଡିଆରେ ଭିଡ଼



**ବାରିପଦା :** କରୋନା ଭାଇରସର ମୁକାବିଲା ନିମନ୍ତେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଲକ୍ ଡ଼ାଉନ ଘୋଷଣା କରାଯାଇଛି । ଏହି ସମୟରେ ମାଛ, ମାଂସ, ପରିବା, ତେଜରାତି, ଗ୍ରୋସାରୀ ଆଦି ଦୋକାନ ସହିତ ଜରୁରୀ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଖୋଲା ରହିବ ଏବଂ ଜନସାଧାରଣ ପରସ୍ପର ମଧ୍ୟରେ ସାମାଜିକ ଦୂରତ୍ୱ ସର୍ବନିମ୍ନ ଏକ ମିଟର ବ୍ୟବଧାନରେ ରହିବା ନିମନ୍ତେ କଡ଼ାକଡ଼ି ଭାବେ ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ ବାରିପଦା ପୌରପରିଷଦରେ ଖୋଲାଖୋଲି ଭାବେ ଅଣଦେଖା ପ୍ରଦର୍ଶନ କରିଥିବାର ପରିଲକ୍ଷିତ ହୋଇଛି । ସ୍ଥାନୀୟ କଲେଜ ଫିଲଡ଼ରେ ବାହାରୁ କେତେକ ମାଛ ବ୍ୟବସାୟୀମାନେ ଟ୍ରକ, ପିକ୍‌ଅପ୍ ଆଦିରେ ମାଛ ବୋଝେଇ କରି ହୋଲସେଲ ଓ ରିଟେଲରେ ବିକ୍ରି ଆରମ୍ଭ କରିଥିଲେ । ପଲକ ମାତ୍ରକେ ଏହି ଖବର ପ୍ରଚାରିତ ହେବା ପରେ ଶତାଧିକ ଜନସାଧାରଣ ମାଛ କିଣିବା ନିମନ୍ତେ ପଡ଼ିଆରେ ପରସ୍ପର ମଧ୍ୟରେ ଭିଡ଼ାଭିଡ଼ି ହୋଇ ଭିଡ଼ ଜମାଇ ଦେଇଥିଲେ । ଏହି ସମୟରେ କେତେକ ପୁଲିସ କର୍ମଚାରୀ ପହଁଞ୍ଚି ଭିଡ଼କୁ ହଟାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ । ଖବର ପାଇ ଏସପି ସ୍ମିଥ ପି ପରମାର, ଆଡ଼ିସନାଲ ଏସପି ଅଭିମନ୍ୟୁ ନାୟକ, ବାରିପଦା ସଦର ଏସଡ଼ିପିଓ କେ କେ ହରିପ୍ରସାଦ ସଦଳବଳେ କଲେଜ ଫିଲଡ଼ରେ ପହଁଞ୍ଚି ମାଛ ସହିତ ବ୍ୟବସାୟୀ ଓ ଭିଡ଼ ଜମାଇଥିବା ଜନସାଧାରଣଙ୍କୁ ହଟାଇ ଦେଇଥିଲେ । ପ୍ରକାଶ ଥାଉକି, ଲକ୍ ଡ଼ାଉନ ଘୋଷଣା ହେବାର ପରବର୍ତ୍ତି ସମୟଠାରୁ ବାରିପଦା ସହରରେ ମାଛ ଓ ମାଂସର ମୂଲ୍ୟରେ ବୃଦ୍ଧି ଘଟିଛି । ଖାସି ମାଂସ ୬ ଶହ ଟଙ୍କାରୁ ବୃଦ୍ଧି ପାଇ ୭ ଶହ ଟଙ୍କାରେ ପହଁଞ୍ଚି ଥିବା ବେଳେ ମାଛ ରୋହୀ(ଏକ କିଲୋ ମଧ୍ୟରେ) ୧୩୦ରୁ ବୃଦ୍ଧି ପାଇ ୩ ଶହ ଟଙ୍କାରେ ପହଁଞ୍ଚି ଯାଇଛି । ସେହିପରି ପ୍ରତେକ ମାଛର ମୂଲ୍ୟ ଦ୍ୱିଗୁଣାରୁ ଅଧିକ ମୂଲ୍ୟରେ ବିକ୍ରି ହେଉଥିବା ବେଳେ ଆଜି ବେଙ୍ଗଲରୁ କେତେକ ବ୍ୟବସାୟୀ ପିକ୍ ଅପ୍ , ଟ୍ରକ ଆଦିରେ ବିଭିନ୍ନ ପ୍ରକାରର ଓ ସାଇଜର ମାଛ ଶସ୍ତା ମୂଲ୍ୟରେ ବିକ୍ରି କରୁଥିବାର ଜଣାପଡ଼ିବା ପରେ ମାଛ କିଣିବା ନିମନ୍ତେ ଏହି ଭିଡ଼ ଜମି ଥିବାର ଜଣାପଡ଼ିଥିଲା ।

# ମାସ୍କ ନାହିଁ ତ ପରିବା ନାହିଁ

**ଭୁବନେଶ୍ୱର :** ସମଗ୍ର ବିଶ୍ୱରେ ମହାମାରୀ କରୋନା ବ୍ୟାପି ଚାଲିଥିଲା ବେଳେ ଆମ ରାଜ୍ୟରେ ଏଥିପାଇଁ ସରକାର ବ୍ୟାପକ ପଦକ୍ଷେପ ନେଉଛନ୍ତି । ଏହି ପରିପ୍ରେକ୍ଷୀରେ ସାଧାରଣ ଲୋକମାନେ କିଭଳି ସୁରକ୍ଷିତ ଭାବେ ଅତ୍ୟାବଶ୍ୟକୀୟ ସାମଗ୍ରୀ କିଣିପାରିବେ ସେ ନେଇ ବ୍ୟାପକ ସତର୍କତାର ଆବଶ୍ୟକତା ଥିଲା ବେଳେ ଟଙ୍କପାଣି ରୋଡ ବ୍ୟବସାୟୀ ସଂଘ ତରଫରୁ ଏନେଇ ଯଥେଷ୍ଟ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ସଂଘର ସାଧାରଣ ସମ୍ପାଦକ ବିଭୂତି ଆଚାର୍ଯ୍ୟଙ୍କ ସହ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଏଠାରେ ବ୍ୟବସାୟ କରୁଥିବା ଦୋକାନୀମାନଙ୍କୁ ସଚେତନ କରିବା ସହିତ ଗ୍ରାହକମାନଙ୍କୁ ସମଦୂରତା ଅବଲମ୍ବନ ପାଇଁ ପରାମର୍ଶ ଦେଉଛନ୍ତି । ଲକଡାଉନ୍ ଲାଗୁ ହେବା ଦିନଠାରୁ ବଜାର ଭିଡକୁ ଦୃଷ୍ଟିରେ ରଖି ଶ୍ରୀ ଆଚାର୍ଯ୍ୟ ଦୋକାନୀମାନଙ୍କ ସହ ଯୋଗାଯୋଗ କରି କିଭଳି ସଂକ୍ରମଣକୁ ରୋକିହେବ ଓ ସମସ୍ତେ କରୋନାରୁ ରକ୍ଷା ପାଇବେ ସେ ନେଇ ସଚେତନତା ସୃଷ୍ଟି କରିଛନ୍ତି । ଯାହାଫଳରେ ସ୍ଥାନୀୟ ବଜାରକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ କିଣିବାକୁ ଆସୁଥିବା ଗ୍ରାହକମାନେ ଶୃଙ୍ଖଳିତ ଭାବେ ଜିନିଷପତ୍ର କିଣିପାପରୁଛନ୍ତି । ଗତ ୯ ତାରିଖରୁ ରାଜ୍ୟ ସରକାର ମାସ୍କ ପିନ୍ଧିବା ବାଧତାମୂଳକ କରିବା ପରିପ୍ରେକ୍ଷୀରେ ଏହି ବଜାରରେ ବ୍ୟବସାୟ କରୁଥିବା ସମସ୍ତ ବ୍ୟବସାୟୀମାନେ ମାସ୍କ ପରିଧାନ କରିବା ସହିତ ଗ୍ରାହକମାନେ ମଧ୍ୟ ମାସ୍କ ପିନ୍ଧିବାକୁ କୁହାଯାଉଛି । ବିଶେଷକରି ଏଠାରେ ପରିବା ଓ ମାଛ ବେପାରୀଙ୍କ ନିକଟରେ ଭିଡ ଜମୁଥିବାରୁ ସଂଘ ତରଫରୁ ଗ୍ରାହକମାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ଯେ, ମାସ୍କ ନ ପିନ୍ଧିଲେ ପରିବା ନାହିଁ ।

# କ୍ରିଟିକାଲ ବର୍ଗରେ ୧୧ ବିଭାଗ



**ଭୁବନେଶ୍ୱର :** ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ କରୋନା ମୁକାବିଲାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ବିଭାଗକୁ ଜଟିଳ ଏବଂ ଆଶିଂକ ଜଟିଳ ବିଭାଗ ତାଲିକାରେ ରଖାଯାଇଛି । ସେହିଭଳି ବର୍ତ୍ତମାନ ବିଶେଷ ଗୁରୁତ୍ୱ ବହନ କରୁନଥିବା ବିଭାଗକୁ ତାଲିକାଭୁକ୍ତ କରାଯାଇଛି । ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଗତ ମାର୍ଚ୍ଚ ୨୨ରେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସହିତ ସାଧାରଣ ପ୍ରଶାସନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସ୍ୱାସ୍ଥ୍ୟ, ଗୃହ ବିଭାଗ ଏବଂ ସ୍ୱତନ୍ତ୍ର ରିଲିଫ୍ ବିଭାଗକୁ ଜଟିଳ ବିଭାଗରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏବେ ଏହି ତାଲିକାରେ କୃଷି, ସମବାୟ, ମତ୍ସ୍ୟ ଓ ପଶୁପାଳନ, ଶ୍ରମ ଓ ଇଏସ୍‌ଆଇ ସହିତ ପଞ୍ଚାୟତିରାଜ ବିଭାଗକୁ ସାମିଲ କରାଯାଇଛି । ଏଣିକି ଏହି ୧୧ଟି ବିଭାଗର ୫୦% କର୍ମଚାରୀ ଲୋକସେବା ଭବନ ତଥା କଟକଭୁବନେଶ୍ୱର ସରକାରୀ କାର୍ଯ୍ୟରେ ନିୟୋଜିତ ରହିବାକୁ ବାଧ୍ୟ କରାଯାଇଛି । ସେହିପରି ପୂର୍ବରୁ ଆଂଶିକ ଜଟିଳ ବର୍ଗରେ ୯ଟି ବିଭାଗ ଥିବା ବେଳେ ଏହି ସଂଖ୍ୟାକୁ ୧୩କୁ ବୃଦ୍ଧି କରାଯାଇଛି । ଏଣିକି ବାଣିଜ୍ୟ ଓ ପରିବହନ, ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି, ଶକ୍ତି, ଅର୍ଥ, ଜଙ୍ଗଲ ଓ ପରିବେଶ, ସୂଚନା ଓ ଲୋକ ସମ୍ପର୍କ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଜସ୍ୱ, ଅନୁସୂଚିତ ଜାତି ଓ ଜନଜାତି, ସାମାଜିକ ନ୍ୟାୟ ଓ ଭିନ୍ନକ୍ଷମ, ଖଣି ଓ ଇସ୍ପାତ, ନିର୍ମାଣ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଆଂଶିକ ଜଟିଳ ବିଭାଗ ପରିସରଭୂକ୍ତ ହୋଇଛନ୍ତି । ଏହିସବୁ ବିଭାଗର ୧୦% କର୍ମଚାରୀ ଏଣିକି ଆସିବେ । ତେବେ କେଉଁ ସବୁ କର୍ମଚାରୀ ଆସିବେ ତାହା ବିଭାଗୀୟ ଅଧିକାରୀ ତାଲିକା ପ୍ରସ୍ତୁତ କରିବେ । ସେହିପରି ପୂର୍ବରୁ ୨୫ଟି ବିଭାଗ ଆଦୌ ଆସିବାକୁ ପଡୁନଥିବା ବେଳେ ଏବେ ସେଥିରୁ ୮ଟି ବିଭାଗକୁ ବାଦ୍ ଦିଆଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ଜୀବନ ...

ମୁଖ୍ୟମନ୍ତ୍ରୀମାନେ ଯେତେବେଳେ ଚାହିଁବେ ତାଙ୍କ ସହ କଥା ହୋଇପାରିବେ । ବୈଠକରେ ଅଧିକାଂଶ ରାଜ୍ୟର ମୁଖ୍ୟମନ୍ତ୍ରୀ ଲକ୍‌ଡାଉନ୍ ଅବଧି ବଢ଼ାଇବା ସପକ୍ଷରେ ମତ ଦେଇଥିଲେ । ସେମାନେ କହିଥିଲେ ଯେ ଲକ୍‌ଡାଉନ୍ ଉଠାଇ ଦେଲେ କରୋନା ମହାମାରୀର ମୁକାବିଲା କରିବା ରାଜ୍ୟ ସରକାରମାନଙ୍କ ପାଇଁ କଷ୍ଟସାଧ୍ୟ ହେବ । ଏହି ଅବସରରେ କେତେକ ମୁଖ୍ୟମନ୍ତ୍ରୀ ମଧ୍ୟ ରାଜ୍ୟକୁ ସହାୟତା ଦାବି କରିଥିଲେ । ତେଣୁ ପ୍ରଧାନମନ୍ତ୍ରୀ ଟେଲିଭିଜନ ଜରିଆରେ ଖୁବ୍ ଶୀଘ୍ର ଲକ୍‌ଡାଉନ୍ ଅବଧି ବଢ଼ାଇବା ସଂପର୍କରେ ଘୋଷଣା କରିପାରିନ୍ତି । ତେବେ ଆଲୋଚନା କାଳରେ ସେ ସୂଚନା ଦେଇଛନ୍ତି ଯେ ଏଥର ଶିଳ୍ପସଂସ୍ଥାକୁ ଖୋଲିବା ଏବଂ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଅନୁମତି ଦିଆଯିବ । ଅନ୍ୟକେତେକ କଟକଣାକୁ କୋହଳ କରାଯିବା ସହିତ ସାମାଜିକ ଦୂରତ୍ୱ ରକ୍ଷା କରି କାମ କରିବାକୁ କୁହାଯିବ । ପୁଣି ଥରେ କୃଷକଙ୍କ ପାଇଁ ଆଉ ଏକ ପ୍ୟାକେଜ ଘୋଷଣା ହୋଇପାରେ ବୋଲି ପ୍ରଧାନମନ୍ତ୍ରୀଙ୍କ କଥାରୁ ସୂଚନା ମିଳିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ହୋଲ୍‌ସେଲ ବଜାର କିମ୍ବା ମଣ୍ଡି ବନ୍ଦ ଥିବାରୁ ପରିବା ଚାଷୀମାନେ ଜମି ପାଖରୁ ସେମାନଙ୍କ ଉତ୍ପାଦକୁ ଉପଭୋକ୍ତାଙ୍କୁ ବିକ୍ରି କରିପାରିବେ । ମୁମ୍ବାଇ ଓ ପୁନେରେ ମଣ୍ଡି ବନ୍ଦ ଥିବାରୁ ଏଭଳି ପ୍ରତ୍ୟେକ୍ଷ କାରବାର ଦରକାର । ବୈଠକ ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଟ୍ୱିଟ୍ କରି କହିଥିଲେ ଯେ ଲକ୍‌ଡାଉନ୍ ଅବଧି ବଢ଼ାଇବାକୁ ପ୍ରଧାନମନ୍ତ୍ରୀ ଉଚିତ ନିଷ୍ପତ୍ତି ନେଇଛନ୍ତି । ଦେଶରେ ଆଗୁଆ ଲକ୍‌ଡାଉନ୍ ଘୋଷଣା ହୋଇଥିବାରୁ ବିଶ୍ୱରେ ଭାରତ ବର୍ତ୍ତମାନ ଭଲ ସ୍ଥିତିରେ ରହିଛି । ବର୍ତ୍ତମାନ ଲକ୍‌ଡାଉନ୍ ଉଠାଇ ଦେଲେ ଆମକୁ ମିଳିଥିବା ସୁଫଳ ବିଫଳ ହୋଇଯିବ । ତେଣୁ ବର୍ତ୍ତମାନ ଲକ୍‌ଡାଉନ୍ ଅବଧି ବଢ଼ାଇବା ନିହାତି ଆବଶ୍ୟକ । ମଧ୍ୟ ପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଥିଲେ ଯେ ଲକ୍‌ଡାଉନ୍ ଅବଧି ବଢ଼ାଇବା ଦରକାର । କାରଣ କରୋନାର ମୁକାବିଲା ପାଇଁ ଆମ ପାଖରେ ଆବଶ୍ୟକ ସାଧନ ଅଭାବ ନଥିଲେ ମଧ୍ୟ ନୀତି ନିୟମକୁ ସଫଳ ଭାବେ କାର୍ଯ୍ୟକାରୀ କରିବା କଷ୍ଟସାଧ୍ୟ ହୋଇପଡୁଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସବୁବେଳେ ରାଜ୍ୟମାନଙ୍କ ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି । ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଛନ୍ତି ଯେ ଲକ୍‌ଡାଉନ୍ ଅବଧି ବୃଦ୍ଧି କରାଯାଉ; କିନ୍ତୁ ରବି ଫସଲ ପାଇଁ ଏକ ସାଧାରଣ ନୀତି ପ୍ରଣୟନ କରାଯାଉ । ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଲକ୍‌ଡାଉନ୍ ସମୟସୀମା ବଢ଼ାଇବା ସପକ୍ଷରେ ମତ ଦେଇଛନ୍ତି । ତେବେ ଏହି ସମୟରେ ତାଙ୍କ ରାଜ୍ୟର ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହୋଇଛି ବୋଲି ସେ କହିଛନ୍ତି ।

### ପୁଣି ମାଗଣା ...

ଏହି ପରିବାରଙ୍କୁ (୪ସଦସ୍ୟ ପରିବାର)ସହଯୋଗ କରିବା ପାଇଁ ୧୫ଦିନ ପାଇଁ ସମସ୍ତ ରାସନ ସାମଗ୍ରୀ ଯୋଗାଇ ଦିଆଯିବ । ରାଜ୍ୟ ସଚିବାଳୟଠାରେ ପୋଷଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି ଯେ ଫାଉଡେସନ୍‌ର ପ୍ରଚେଷ୍ଟା ଏବଂ ଏମ୍‌ଜି ମହାନ୍ତି ଫାର୍ମର ଉଦାରତା ଖୁବ୍ ପ୍ରଶଂସନୀୟ । ବିନା ସରକାରୀ ସହାୟତାରେ ୧୫ଦିନ ପାଇଁ ଏହି କାର୍ଯ୍ୟକ୍ରମ ୨୦୦୦ରୁ ଅଧିକ ଲୋକଙ୍କୁ ଦିନକୁ ଦୁଇଓଳି ଖାଦ୍ୟ ଯୋଗାଇବ, ତେଣୁ ଏହିଭଳି କାର୍ଯ୍ୟକ୍ରମକୁ ଆରମ୍ଭ କରି ମୁଁ ଅତି ଆନନ୍ଦିତ । ପୂର୍ବରୁ କ୍ଷୁଧାମୁକ୍ତ ଓଡିଶାର ସ୍ୱେଚ୍ଛାସେବୀ,ଏମ୍/ଏସ୍ ଏମ୍‌ଜି ମହାନ୍ତି ଫାର୍ମର କର୍ମଚାରୀମାନେ ସରକାରଙ୍କ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରେ ନଥିବା ୧୦ଟି ପରିବାରକୁ ରାସନ ଯୋଗାଇବାରେ ସହିଦନଗରର ପୂର୍ବତନ କର୍ପୋରେଟର୍ ଶ୍ରୀମତୀ ଶାଶ୍ୱତୀ ଏବଂ ଉମାକାନ୍ତ ମିଶ୍ରଙ୍କୁ ସାହାଯ୍ୟ କରିଥିଲେ । ଏମ୍/ଏସ୍ ଏମ୍‌ଜି ମହାନ୍ତିର ସହଭାଗୀ ତନୁଜ ମହାନ୍ତି କହିଛନ୍ତି ମୂଳ ବାସ୍ତବତାକୁ ହୃଦୟଙ୍ଗମ କରି ତାଲା ବନ୍ଦ ହେତୁ ଆମେ ସରକାରୀ ଯୋଜନା ଅଧିନରେ ଲାଭ ପାଇନଥିବା ଲୋକଙ୍କୁ ସାହାଯ୍ୟ କରିବାକୁ ନିଷ୍ପତ୍ତି ନେଇଛୁ । ଆମେ ଫାଉଡେସନ୍ ଟ୍ରଷ୍ଟ ସହ ମିଳିତ ଭାବେ କ୍ଷୁଧାମୁକ୍ତ ଓଡିଶା ଲକ୍ଷ୍ୟରେ ବହୁତ ଆଗକୁ ଯିବୁ । କ୍ଷୁଧାମୁକ୍ତ ଓଡିଶାର ସହ ପ୍ରତିଷ୍ଠାତା ଡକ୍ଟର ଚିଦତମିକା ଖଟୁଆ ସୂଚନା ଦେଇଛନ୍ତି ଯେ ସେମାନେ ପ୍ରାୟ ୧୦୦୦ କାର୍ଯ୍ୟରତ ପୁଲିସ/ ଟ୍ରାଫିକ କନଷ୍ଟେବଲ, ଅବହେଳିତ ବୃଦ୍ଧ, ମହିଳା, ଭିନ୍ନକ୍ଷମମାନଙ୍କୁ ଓଏସ୍‌ପିଏଚ୍‌ଡବ୍ଲୁସି, ରାଉଣ୍ଡ ଟେବୁଲ କ୍ଲବ୍ ଏବଂ ଭୁବନେଶ୍ୱରର ଯୁବବର୍ଗଙ୍କ ସହଯୋଗରେ ୨୪ ମାର୍ଚ୍ଚ ୨୦୨୦ଠାରୁ ଦୈନିକ ତରଭୁଜ, ରନ୍ଧା ମଧ୍ୟାହ୍ନ ଭୋଜନ, ଜଳଖିଆ ଏବଂ ରାତ୍ରୀଭୋଜନ ଯୋଗାଉଛନ୍ତି । କ୍ଷୁଧାମୁକ୍ତ ଓଡିଶାର ପ୍ରତିଷ୍ଠାତା ପିନାକି ମହାନ୍ତି କହିଛନ୍ତି, ଖାଦ୍ୟ ଯୋଗାଇବା ସମୟରେ ସେ ଅନୁଭବ କଲେ ଯେ ଅନେକ ଗରିବ ପରିବାର ଅଛନ୍ତି (ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଭୂକ୍ତ ନଥିବା) ଯେଉଁମାନଙ୍କ ପାଖରେ ଖାଦ୍ୟ ନାହିଁ ଏବଂ ଏହାର ସମାଧାନ ସରକାର ଏହି ସମୟରେ ଏକାକୀ କରିପାରିବ ନାହିଁ । ସୋ ଆମ୍ ଆଇ ଫାଉଡେସନ୍ ନନ୍ ପ୍ରୋଫିଟ୍ ସଂସ୍ଥା ଏବଂ ଟ୍ରଷ୍ଟ ଆକ୍ଟ ଅନୁଯାୟୀ ପଞ୍ଜିକୃତ ତାହାର ମୂଳ ଉଦେଶ୍ୟ ହେଉଛି ସୁଖ ବିସ୍ତାର କରିବା, କ୍ଷୁଧା ଏବଂ ପୃଷ୍ଟିହୀନତା କୁ ହ୍ରାସ କରିବା ପାଇଁ ଖାଦ୍ୟକୁ ସଞ୍ଚୟ କରି ଅନାହାର ଲୋକଙ୍କୁ ଯୋଗାଇ ଓଡିଶାକୁ କ୍ଷୁଧାମୁକ୍ତ ରାଜ୍ୟରେ ପରିଣତ କରିବା । ୧୮ ଅଗଷ୍ଟ ୨୦୧୯ରେ ଆହାର କେନ୍ଦ୍ର, ୱେବ୍ ପ୍ରୋଟେଲ ଏବଂ ମୋବାଇଲ ଆପ୍ଲିକେଶନ୍ ଉନ୍ମୋଚନ କରାଯାଇଛି । ମୋବାଇଲ ଆହାର କେନ୍ଦ୍ର ଏବଂ 'ଶ୍ରଦ୍ଧା ଅର୍ପନ' ୧୬ ଜାନୁଆରୀ ୨୦୨୦ରେ ଆରମ୍ଭ କରାଯାଇଛି । ବର୍ତ୍ତମାନ ସମୟରେ ଭୁବନେଶ୍ୱର ଠାରେ ଦୁଇଟି ଆହାର କେନ୍ଦ୍ର କାର୍ଯ୍ୟରତ ରହିଛି ।

### ମୁଣ୍ଡପିଛା ...

ଆକଳନ କରିଥିଲା ଆଇଏମ୍‌ଏଫ୍ । ତେବେ ବର୍ତ୍ତମାନର ସ୍ଥିତିକୁ ଦେଖି ୨୦୨୦ରେ ଏହି ହାର ଜୋରଦାର ଖସିବ ବୋଲି ଆଶଙ୍କା କରାଯାଉଛି । ଯଦି ଚଳିତବର୍ଷ ଶେଷ ସୁଦ୍ଧା ମହାମାରୀ ନିୟନ୍ତ୍ରଣ ଭିତରକୁ ଆସେ, ତେବେ ଆସନ୍ତାବର୍ଷ ଏଥିରେ ଆଶିଂକ ସୁଧାର ଆସିବାର ସମ୍ଭାବନା ରହିଛି । କେବଳ ଆଇଏମ୍‌ଏଫ୍ ନୁହେଁ, ମିଳିତ ଜାତିସଂଘର ମଧ୍ୟ ଆଶଙ୍କା ଯେ, ନୂଆକରି ପୃଥିବୀର ପ୍ରାୟ ୫୦ କୋଟି ଲୋକଙ୍କୁ ଦାରିଦ୍ର୍ୟ ଭିତରକୁ ଠେଲିଦେବ ଏହି ବିଶ୍ୱସଙ୍କଟ । ମହାମାରୀ ସରିବା ବେଳକୁ ବିଶ୍ୱ ଜନସଂଖ୍ୟାର ଅଧାରୁ ଅଧିକ ଲୋକ ଗରିବ ଶ୍ରେଣୀରେ ଥିବେ । ସେଥିରୁ ପ୍ରାୟ ୪୦% ନୂଆ ଗରିବ ପୂର୍ବ ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଏବଂ ୩୩% ଆଫ୍ରିକା ଓ ଦକ୍ଷିଣ ଏସିଆରେ ସୃଷ୍ଟି ହୋଇଥିବ । ଏହି ମାନ୍ଦାବସ୍ଥା ଦ୍ୱାରା କ୍ଷୁଦ୍ର ଓ ଅତିକ୍ଷୁଦ୍ର ଶିଳ୍ପଦ୍ୟୋଗୀ, ଛୋଟ ଦୋକାନୀ ଏପରିକି କୃଷି କ୍ଷେତ୍ର ବି ଅତ୍ୟଧିକ ମାତ୍ରାରେ ପ୍ରଭାବିତ ହେବ ବୋଲି ଅର୍ଥନୀତି ବିଷାରଦମାନେ ଆଶଙ୍କା କରିଛନ୍ତି । ଏଭଳି ଏକ ସମୟରେ ଆସନ୍ତା ସପ୍ତାହରେ ବିଶ୍ୱ ବ୍ୟାଙ୍କ, ଆଇଏଫ୍‌ଏଫ୍ ଓ ଜି-୨୦ ରାଷ୍ଟ୍ର ସମୂହର ଅର୍ଥମନ୍ତ୍ରୀଙ୍କ ବୈଠକ ହେବାକୁ ଥିବା ବେଳେ ଏହି ସଙ୍କଟ ସ୍ଥିତି ଉପରେ କ'ଣ ଆଲୋଚନା ହେଉଛି, ତା ଉପରେ ସମସ୍ତଙ୍କର ନଜର ।

# ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ବିଜୁ ଜନତା ଦଳ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ସାଢ଼େ ୪କୋଟି ଜନସାଧାରଣଙ୍କୁ ଧୈର୍ଯ୍ୟର ସହ ମହାମାରୀ କରୋନା ବିପତ୍ତିକୁ ମୁକାବିଲା କରୁଥିବାରୁ ଅଶେଷ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି ବୋଲି ବିଜେଡିର ସାଧାରଣ ସମ୍ପାଦକ (କାର୍ଯ୍ୟାଳୟ) ସଞ୍ଜୟ କୁମାର ଦାସବର୍ମା କହିଛନ୍ତି । ବୁଧବାର ଏକ ଭିଡିଓ ବାର୍ତ୍ତା ଜାରି କରି ଶ୍ରୀ ଦାସବର୍ମା କହିଛନ୍ତି ଯେ ଏଭଳି ଏକ ସଙ୍କଟପୂର୍ଣ୍ଣ ସମୟରେ ବିଜୁ ଜନତା ଦଳର ଅଗଣିତ କର୍ମୀ ଓ ଶୁଭେଚ୍ଛୁମାନଙ୍କୁ ନିବେଦନ କରୁଛି ଯେ, ସମସ୍ତେ ନିଜ ନିଜ ଅଞ୍ଚଳର ଜଣେବି ବ୍ୟକ୍ତିକୁ ଭୋକିଲା ରହିବାକୁ ଦେବେ ନାହିଁ । ପ୍ରତି ଭୋକିଲା ବ୍ୟକ୍ତିକୁ ନିଜ ପରିବାରର ସଦସ୍ୟ ଭାବେ ବିବେଚନା କରି ଏଭଳି ସମୟରେ ବିଭୁକ୍ଷ ଲୋକଙ୍କ ପାଖରେ ଛିଡ଼ାହୋଇ ସମାଜ ପାଇଁ ଉଦାହରଣ ସୃଷ୍ଟି କରନ୍ତୁ । ଏଭଳି କାର୍ଯ୍ୟକୁ ଏକ ସାମାଜିକ ଦାୟିତ୍ୱ ଭାବରେ ଗ୍ରହଣ କରିବା ପାଇଁ ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ନିର୍ଦ୍ଦେଶକୁ ଅନୁପାଳନ କରିବା ସହ ଏଭଳି ଏକ ଆପାତ୍‌କାଳୀନ ସ୍ଥିତିରେ ଜନସାଧାରଣ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଘୋଷଣା କରାଯାଉଥିବା ଗାଇଡ୍‌ଲାଇନକୁ ଅନୁପାଳନ କରନ୍ତୁ । ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଘରୁ ବାହାରକୁ ଯାଉଛନ୍ତି ତେବେ ମାସ୍କ ନିଶ୍ଚୟ ପିନ୍ଧନ୍ତୁ । ବିଜୁ ଜନତା ଦଳର ଅଗଣିତ କର୍ମୀ ଓ ଶୁଭେଚ୍ଛୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏହି ଆହ୍ୱାନକୁ ଗ୍ରହଣ କରିବା ସହିତ ଏହାକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିବାକୁ ନିବେଦନ କରିଛନ୍ତି ବୋଲି ସେ କହିଛନ୍ତି । ଏଥିସହିତ ସମସ୍ତ ନିର୍ବାଚିତ ପ୍ରତିନିଧି(ଏମ୍‌ପି, ଏମ୍‌ଏଲ୍‌ଏ), ପୌର ପରିଷଦ, ମହାନଗର ନିଗମର ସମସ୍ତ ପ୍ରତିନିଧି ବ୍ଲକ୍ ଚେୟାରମ୍ୟାନ୍ ତଥା ସମସ୍ତ ନିର୍ବାଚିତ ପ୍ରତିନିଧି ତଥା ବିଜୁ ଜନତା ଦଳର ସମସ୍ତ କର୍ମୀ ଜୀବନବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ରକ୍ତ ଅଭାବକୁ ମୁକାବିଲା କରିବା ଏବଂ ଏହି ଘଡ଼ିସନ୍ଧି ସମୟରେ ସମସ୍ତେ ସାମାଜିକ ଦାୟିତ୍ୱ ନିର୍ବାହ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ବିଜୁ ଜନତା ଦଳର କର୍ମୀ, ଶୁଭେଚ୍ଛୁ ଏହାକୁ ଆହ୍ୱାନ ଭାବରେ ଗ୍ରହଣ କରିବା ପାଇଁ ଶ୍ରୀ ଦାସବର୍ମା ନିବେଦନ କରିଛନ୍ତି ।

# କରୋନା ମୁକାବିଲାରେ ପ୍ରଶାସନିକ ଅଧିକାରୀଙ୍କ କଠିନ ଓ ନିଷ୍ଠାପର ଉଦ୍ୟମ ଅବ୍ୟାହତ ରଖିଥିବାରୁ ମୁଖ୍ୟ ଶାସନ ସଚିବଙ୍କୁ ଧନ୍ୟବାଦ ଜଣାଇଲେ ରାଜ୍ୟ ସଭାପତି

**ଭୁବନେଶ୍ୱର :** କୋଭିଡ-୧୯ ମହାମାରୀ ଭାରତ ସମେତ ସାରା ବିଶ୍ୱକୁ ଆକ୍ରାନ୍ତ କରିଛି । କରୋନାକୁ ମୁକାବିଲା କରିବା ପାଇଁ ସାରା ଦେଶ ସମେତ ସମସ୍ତ ରାଜ୍ୟ ଏକାଠୀ ହୋଇ ଲଢେଇ କରୁଛି । କରୋନା ଭୂତାଣୁ ସଂପର୍କରେ ଜନସଚେତନା ସୃଷ୍ଟି କରିବା ସହ କରୋନା ପ୍ରସ୍ତୁତି ଦିଗରେ ରାଜ୍ୟ ଠାରୁ ଆରମ୍ଭ କରି ଜିଲ୍ଲା, ବ୍ଲକ, ପଂଚାୟତ ଏବଂ ଗାଁ ପର୍ଯ୍ୟନ୍ତ ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀମାନେ ଯେପରି କଠିନ ଓ ନିଷ୍ଠାପର ଉଦ୍ୟମ କରୁଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ । ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ର ହିତ ଦୃଷ୍ଟିରେ ଯେଉଁ ଲକଡାଉନ ଘୋଷଣା କରିଛନ୍ତି ତାହାକୁ ସଫଳ କରିବା, ନିଃସ୍ୱ ଗରିବ ଅସହାୟମାନଙ୍କ ପାଖରେ ଖାଦ୍ୟ ପହଂଚାଇବା ଆଦି କାର୍ଯ୍ୟ ଅତ୍ୟନ୍ତ ଶୃଙ୍ଖଳିତ ଏବଂ ସଠିକ ଢଙ୍ଗରେ ହେଉଥିବାରୁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ପୁଲିସ କର୍ମଚାରୀ ମାନେ ଦିନ ରାତି ଏକାଠି କରି ଲକଡାଉନ ବ୍ୟବସ୍ଥାକୁ ସଫଳ କରିବା ସହ ଲୋକମାନଙ୍କୁ କରୋନା ସଂପର୍କରେ ସଚେତନ କରାଉଛନ୍ତି । ସମାନ ଢଙ୍ଗରେ ଡାକ୍ତର, ନର୍ସ, ପାରାମେଡିକ ଷ୍ଟାଫ, ସଫେଇ କର୍ମଚାରୀ, ବ୍ୟାଙ୍କ ଓ ପୋଷ୍ଟାଲ କର୍ମଚାରୀଙ୍କ ସମେତ ସରକାରୀ ଅଧିକାରୀ ଏବଂ ଜରୁରୀକାଳୀନ ବ୍ୟବସ୍ଥାରେ ଜଡିତ ଥିବା ସମସ୍ତ କର୍ମଚାରୀମାନେ କରୋନା ମୁକାବିଲାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି । ଏଭଳି ଏକ ସଙ୍କଟ ଘଡିରେ ସମସ୍ତେ ଏକଜୁଟ ହୋଇ ନିଜ ନିଜର କାର୍ଯ୍ୟ ସଂପନ୍ନ କରୁଥିବାରୁ ବିଜେପିର ଲକ୍ଷ ଲକ୍ଷ କାର୍ଯ୍ୟକର୍ତ୍ତା, ଶୁଭେଚ୍ଛୁ ଓ ସମର୍ଥକମାନଙ୍କ ତରଫରୁ ଶ୍ରୀ ମହାନ୍ତି ସମସ୍ତଙ୍କୁ ସାଧୁବାଦ ଜଣାଇବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି । ରାଜ୍ୟବାସୀଙ୍କ ସଦିଚ୍ଛା ଓ ଦୃଢ ସମର୍ଥନ ଆପଣଙ୍କ ମନୋବଳକୁ ଦୃଢ କରିବ ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୃପାରୁ ଆମେ ମାନେ ସୁରକ୍ଷିତ ରହି ଏଭଳି ସଙ୍କଟକୁ ଏଡାଇ ବିଜୟୀ ହେବା ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

# ଲକ୍‌ଡାଉନ୍ ବୃଦ୍ଧି ନିଷ୍ପତ୍ତିକୁ ବିଜେପିର ସ୍ୱାଗତ

**ଭୁବନେଶ୍ୱର :** କରୋନା ମହାମାରୀର ସଫଳ ମୁକାବିଲା କରିବା ପାଇଁ 'ଲକ୍ ଡାଉନ' ବ୍ୟତିତ ଅନ୍ୟ କୌଣସି ବିକଳ୍ପ ନାହିଁ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଲକ୍ ଡାଉନର ସମୟ ସୀମାକୁ ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇବା ନିଷ୍ପତିକୁ ବିଜେପି ସମର୍ଥନ କରୁଛି ବୋଲି ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ରାଜ୍ୟବାସୀଙ୍କ ପାଇଁ ରାଜ୍ୟ ସରକାର ଯେଉଁ ନିଷ୍ପତି ନେଇଛନ୍ତି, ସେହି ଅନୁସାରେ ଜନସାଧାରଣମାନେ ସହଯୋଗ କରିବା ପାଇଁ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି । ବିଜେପି କାର୍ଯ୍ୟକର୍ତ୍ତାମାନେ ସାମାଜିକ ଦୂରତ୍ୱ ଓ ସରକାରୀ କଟକଣାକୁ ମାନିବା ସହ ସାମାଜିକ କାର୍ଯ୍ୟକତର୍ତ୍ତା ଭାବରେ ଅସହାୟ ଲୋକଙ୍କୁ ଏଭଳି ସଂକଟ ସମୟରେ ସାହାଯ୍ୟର ହାତ ବଢାଇବାକୁ ଶ୍ରୀ ମହାନ୍ତି ପରାମର୍ଶ ଦେଇଛନ୍ତି । ଏପରି କଠିନ ସମୟରେ ଗଣମାଧ୍ୟମର ସାହସୀ ଓ ଜୀବନକୁ ବାଜି ଲଗାଇ କାମ କରିବାର ଶ୍ରୀ ମହାନ୍ତି ଭୂୟଂସୀ ପ୍ରଶଂସା କରିଛନ୍ତି ।

**କରୋନା ଲକ୍‌ଡ଼ାଉନ୍‌ର ପ୍ରଭାବ**

# ପରିବାର ପାଇଁ ଦୁଇବେଳା ଆହାର ଯୋଗାଇ ନ ପାରି ବିବାହିତ ଯୁବକଙ୍କ ଆତ୍ମହତ୍ୟା

**ବାରିପଦା :** ଲକ୍ ଡ଼ାଉନ ପ୍ରଭାବରେ ନିଜର ୪ ପ୍ରାଣୀ ପରିବାରର ଭରଣପୋଷଣ ସହିତ ପରିବାରର ସଦସ୍ୟମାନଙ୍କ ମୁହଁରେ ଦୁଇ ବେଳା ଆହାର ଯୋଗାଇ ନ ପାରି ଆଜି ଜଣେ ବିବାହିତ ଯୁବକ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥିବା ବିଷୟକୁ ନେଇ ଜନସାଧାରଣରେ ହେଉଥିବା ଆଲୋଚନାରୁ ଜଣାପଡ଼ିଛି । କୋଭିଡ଼-୧୯ ଭୂତାଣୁକୁ ପ୍ରତିହତ କରାଇବା ନିମନ୍ତେ ମାର୍ଚ୍ଚ ୨୪ଠାରୁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାରେ ଲକ୍ ଡ଼ାଉନ ଘୋଷଣା କରାଯାଇଛି । ପରିସ୍ଥିତିର ମୁକାବିଲା କରିବା ପାଇଁ ସରକାରଙ୍କ ପକ୍ଷରୁ ଆଗୁଆ ୩ ମାସର କଣ୍ଟ୍ରୋଲ ସାମଗ୍ରୀ ପ୍ରଦାନ କରିଛନ୍ତି । କିନ୍ତୁ ଜାଳେଣିର ବ୍ୟବସ୍ଥା ସାଙ୍ଗକୁ ତରକାରୀ ଓ ତେଲ, ମସଲା ଆଦି ସାମଗ୍ରୀ ଯୋଗାଡ଼ କରିବା ପାଇଁ ଅର୍ଥର ଆବଶ୍ୟକତା ରହିଛି । କରୋନାକୁ ନେଇ ଲକ୍ ଡ଼ାଉନ ଘୋଷଣା ଖଟିଖିଆ, ଦିନମଜୁରୀଆମାନଙ୍କ ନିକଟରୁ କାମଧନ୍ଦା ଛଡ଼ାଇ ନେଇଛି । ଫଳରେ ନିଜର ଦେହ ମେହନତି ଉପରେ ନିର୍ଭର କରୁଥିବା ପରିବାରର ଦୁଃଖ ଦୁର୍ଦ୍ଦଷାକୁ ଦ୍ୱିଗୁଣିତ କରାଇ ଦେଇଛି । ଏହିଭଳି ପରିସ୍ଥିତିରେ ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ପୌରପରିଷଦର ମଧୁବନ ବଗିଚାସାହିର ସାଗର ଦେଓଘରିଆ(୩୮) ଆଜି ପୂର୍ବାହ୍ନ ସମୟରେ ଘରେ କେହି ନ ଥିବା ବେଳେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବାର ଜଣାପଡ଼ିଛି । ସୂଚନା ମୁତାବକ ଲକ୍ ଡ଼ାଉନ ଫଳରେ କାମଧନ୍ଦା ଠପ୍ ହୋଇଯିବା କାରଣରୁ ସାଗର ଦେଓଘରିଆ ତାର ସ୍ତ୍ରୀ ମାମୁନୀ ଦେହୁରୀ, ଦୁଇ ପୁଅ ଦିପ୍ତି(୮) ଓ ଗେହ୍ଲୁ(୪)ଙ୍କୁ ନେଇ ନିଜର ଛୋଟ ପରିବାରକୁ ଚଳାଇବା କଷ୍ଟକର ହୋଇପଡ଼ିଥିଲା । ଘରେ କେଭଳ କଣ୍ଟ୍ରୋଲ ଚାଉଳକୁ ଛାଡ଼ି ଦେଲେ ଅନ୍ୟ କିଛି ନ ଥିଲା । ଏହି ଭଳି ପରିସ୍ଥିତିର ମୁକାବିଲା କରିବା ନିମନ୍ତେ ସ୍ତ୍ରୀ ମାମୁନୀ ସାହି ପଡ଼ିଶାରୁ ମାଗିଯାଚି ଯାହା ପାଉଥିଲା ସେଥିରେ ପରିବାରର ଅଭାବ ମେଣ୍ଟୁ ନଥିଲା । ଏହାକୁ ନେଇ ସାଗର ନିଜର ମାନସିକ ଭାରସାମ୍ୟ ହରାଇ ବସିଥିଲା । ଆଜି(ରବିବାର) ପୂର୍ବାହ୍ନରେ ସ୍ତ୍ରୀ ମାମୁନୀ ଦୁଇ ପୁଅଙ୍କୁ ଧରି ନିକଟସ୍ଥ ବୁଢ଼ାବଳଙ୍ଗ ନଦୀରୁ ଗାଧୋଇ ଘରକୁ ଫେରି ଭିତରେ ପ୍ରବେଶ କରିବା ପରେ ସ୍ୱାମୀ ସାଗର ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବାର ଦେଖିବାକୁ ପାଇ ପାଖପଡ଼ିଶୀଙ୍କୁ ଡ଼ାକ ପକାଇଥିଲେ । କିନ୍ତୁ ପୁଲିସ ଭୟରେ କେହି ସାଗର ବଞ୍ଚିଛି କି ମରିସାରିଛି ତାହା ପରଖିବାକୁ ସାହସ ଜୁଟାଇ ପାରିନଥିଲେ । ଖବର ପାଇ ବାରିପଦା ଟାଉନ ଥାନା ପୁଲିସ ପହଁଞ୍ଚି ଶବକୁ ତଳକୁ ଉହ୍ଲାଇ ବ୍ୟବଚ୍ଛେଦ ନିମନ୍ତେ ସ୍ଥାନୀୟ ପିଆରଏମ ମେଡ଼ିକାଲକୁ ପଠାଇବା ସହିତ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲେ । ପ୍ରକାଶ ଥାଉକି, ସରକାର ଗରୀବ ଜନସାଧାରଣ ଅସୁବିଧାରେ ପଡ଼ିଥିଲେ ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବା ନିମନ୍ତେ ନିର୍ଦ୍ଦେଶ ଦେଇଥିବା ବେଳେ ବାରିପଦା ପୌର ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ଯୋଗାଇବାର ବ୍ୟବସ୍ଥା କରାଯାଇଥିଲା କି ନାହିଁ ସେ ବିଷୟରେ ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ଦାଶଙ୍କୁ ମୋବାଇ ନମ୍ବର ୯୪୩୭୦୩୪୧୮୪ରେ ଯୋଗାଯୋଗ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନଥିଲା ।

# ଦୁହିତା : ଦୁଇ କୁଳକୁ ହିତା



ଉତ୍କଳାନନ୍ଦ ଅଜୟ କୁମାର ବେହେରା

'ମହିଳା' ଶବ୍ଦଟି ସବୁଶ୍ରେଣୀର ନାରୀ ମାନଙ୍କ ପାଇଁ ଲାଗେ, ନାରୀ ଶବ୍ଦର ବାଖ୍ୟାକଲେ 'ଯାହାର କେହି ଅରି ନାହିଁ' ବୁଝାଏ। ପ୍ରକୃତରେ ଏହାର ଓଲଟା ଭାବନା ବର୍ତ୍ତମାନ ଦେଖାଯାଉଛି। ନାରୀଙ୍କ ଯେତେ ଶତ୍ରୁ ଅଛନ୍ତି ହୁଏତ ଅନ୍ୟ କାହାରି ନାହାନ୍ତି। କାମଶାସ୍ତ୍ର ସାମୁଦ୍ରିକ ଶାସ୍ତ୍ର ତନ୍ତ୍ରଶାସ୍ତ୍ରରେ




ନାରୀ ମାନଙ୍କର ବର୍ଗୀକରଣ କରାଯାଇଛି। ସେମିତି ଲୋକାଚାରରେ ମାଲିବାଣୀ-ଚାକରାଣୀ ଦ୍ୱିଧା ଧରାଯାଇଛି। ରାଜା ରାଜୁଡ଼ା ଜମିଦାର ଅମଳରେ ମହାରାଣୀ, ବା ପାଟରାଣୀ, ରାଣୀ ଫୁଲମାଳ ବଦନ ସ୍ତ୍ରୀ, ଫୁଲଟିଏ ବହଳ ସ୍ତ୍ରୀ, ଦାସୀ ଏମିତି କେତେ ପ୍ରକାରରେ ନାରୀ ମାନଙ୍କୁ ରାଜ ଅଙ୍ଗନରେ ଧରାଯାଉଥିଲା। ପ୍ରକୃତିରାଣୀର ବିଭିନ୍ନ ସ୍ଥାନ ଦୃଷ୍ଟେ ନାରୀର ରଙ୍ଗ ଗଢ଼ଣ ଅଙ୍ଗ ସୌଷ୍ଟବ ନେଇ ନାରୀଙ୍କ ବର୍ଗୀକରଣ କରାଯାଏ। ଆମର ଓଡ଼ିଶାର କବିମାନେ ନାରୀର ରୂପ ବର୍ଣ୍ଣନା ବିଭିନ୍ନ କାବ୍ୟରେ ରଖିଛନ୍ତି। ଲୋକଚିନ୍ତନରେ କଟିତେ କିଙ୍କିଣୀ ଶୋହେ ଓଡ଼ିଆଣି କଟିତେ କି ଲକ୍ଷ୍ୟ ଦେବା। ବୟସ ଦୃଷ୍ଟେ ଶିଶୁ, ବାଳିକା, କିଶୋରୀ, ଯୁବତୀ, ପ୍ରୋଢ ବୃଦ୍ଧା ଜରାଗ୍ରସ୍ତରେ ବର୍ଗୀକରଣ ଅଛି। ଅବିବାହିତ କୁମାରୀ, ବିବାହିତା, ସନ୍ତାନବତୀ, ସନ୍ତାନହୀନା, ସ୍ୱାମୀ ପରିତ୍ୟକ୍ତା, ବନ୍ଧ୍ୟା, ବିଧବା, ପୁତ୍ରବତୀ, ପୁତ୍ରହୀନା ସମ୍ପତ୍ତିବାନ, ସମ୍ପତ୍ତିହୀନା, ନିରାଶ୍ରୟା ରୁଗ୍ଣ। ବିକଳାଙ୍ଗ ବା ଦିବ୍ୟାଙ୍ଗ ଏପରି ବର୍ଗୀକରଣ ହୋଇପାରନ୍ତି।

କନ୍ୟା, ଭଉଣୀ, ଜାୟା, ଜନନୀ, ମାଆ, ମାଉସୀ, ମାଇଁ, ଖୁଡ଼ୀ, ବଡ଼ବୋଉ, ପିଉସୀ ଏହା ରକ୍ତଗତ ସମ୍ପର୍କରେ ବର୍ଗୀକରଣକୁ ମହାପ୍ରସାଦ ଦିଆ ସମ୍ବନ୍ଧ। ସୂର୍ଯ୍ୟବନ୍ଧୁ ଏକ ଗୁରୁଙ୍କ ଉପାସିକା ଭଉଣୀ, ପୁଣି ସ୍ୱସ୍ୱ ସମବର୍ଗୀ ତ ବ୍ୟକ୍ତିଙ୍କ ଏପରି ସମ୍ବନ୍ଧରେ ବର୍ଗୀକରଣ ରହୁଛି। କନ୍ୟାର ଶାଶୁ ଘରେ ଯାଆ, ନଣନ୍ଦ, ଶାଶୁଙ୍କ ଭଉଣୀ, ଶ୍ୱଶୁରଙ୍କ ଭଉଣୀ ଓ ସେମାନଙ୍କର ଅଂଶ ଭାଣେଜୀ, ଝିଆରୀ ଆଦି ଏ ପ୍ରକାରରେ ବର୍ଗ ସମ୍ବନ୍ଧ ରହୁଛି। ତନ୍ତ୍ରଶାସ୍ତ୍ରରେ କୁମାରୀ ପୂଜା, କୌଳାକନ୍ୟାର ନେଇ ତନ୍ତ୍ରସିଦ୍ଧିର ଏକ ପଦ୍ଧତି ଅଛି। ଯାହାଙ୍କୁ ପୂର୍ବେ ହୀନକରି ସମାଜ ରଖିଥିଲା ସେମାନଙ୍କ ଦ୍ୱାରା ସେ ଏକ ମହତ ଶକ୍ତିର ସିଦ୍ଧି ହୋଇପାରେ। ଏହା ତନ୍ତ୍ରଶାସ୍ତ୍ର ପ୍ରମାଣ ଦିଏ। ଆମ ରାଜ୍ୟରେ ସାତଜଣ ତନ୍ତ୍ର କନ୍ୟା ଅଛନ୍ତି ଯେଉଁମାନେ 'ସିଦ୍ଧ' ସେମାନେ ହେଲେ ୧. ନେତ ଧୋବଣୀ, ୨. କୀଟଇମା ପତ୍ର ସଉରୁଣୀ, ୩. ଗୁଣି ମାଲୁଣୀ, ୪. ଶୁକୁଟୀ ଚମାରୁଣୀ, ୫. ଗାଙ୍ଗୀଗୌଡୁଣୀ, ୬. ଲୁହାକୁଟୀ କମାରୁଣୀ, ୭. ଶୁଆ ତେଲୁଣୀ।

ଏହାବାଦ ଭାରତ ନାଟ୍ୟମରେ ନାରୀଙ୍କ ଭୂମିକା କମ ନୁହେଁ। ଯେକୌଣସି ନାଟକ ଡ୍ରାମା ଥିଏଟର ଚଳଚ୍ଚିତ୍ରରେ ନାରୀଙ୍କ ବିଭିନ୍ନ ଭୂମିକା ଅଛି। ଘୋଡ଼ାନାଚରେ ରାଇତାଣୀ ଜଣେ ପୁରୁଷ ପିଲା ନାରୀ ରୂପରେ ଅଭିନୟ କଲେ ବି ପ୍ରକୃତ ତାହା ଏକ ନାରୀର ଭୂମିକା, ନର୍ତ୍ତକୀ ସବୁଥିରେ ମନୋରଭବକୁ ରହିବା ସହିତ କଥକ କଥାବଳି, ମଣିପୁରୀ, ଓଡ଼ିଶୀ, ଉଙ୍ଗ୍ରା ପ୍ରଭୃତି ନାଚରେ, କବାଲିରେ ଉତ୍ତର ଚଢ଼ାବରେ ନାରୀମାନେ ଭାଗ ନେବା ଦେଖାଯାଏ। ରାଜନୀତିରେ ଏବେ ନାରୀମାନେ ଗୃହଙ୍ଗନା ଭାବରେ ନ ରହିବ ପ୍ରତ୍ୟକ୍ଷରେ ୱାର୍ଡ଼ମେମ୍ବର, କାଉନସିଲର, ବିଧାୟକ, ସାଂସଦ, ମନ୍ତ୍ରୀ ଏପରିକି ମୁଖ୍ୟମନ୍ତ୍ରୀ ହେଲେଣି। ପ୍ରତିଯୋଗିତା ପରୀକ୍ଷା ଦେଇ ଆଇ.ଏ.ଏସ୍., ଆଇ.ପି.ଏସ୍., ଓ.ଏ.ଏସ୍ ପରି ପ୍ରଶାସନ ପଦବୀ ମଣ୍ଡନ କରୁଛନ୍ତି। ଶିକ୍ଷୟାତନରେ ଶିକ୍ଷୟିତ୍ରୀ ଅଧ୍ୟାପକ ପ୍ରିନ୍ସିପାଲ ହେଲେଣି। ଚିକିତ୍ସା କ୍ଷେତ୍ରରେ ଅନେକ ଲେଡ଼ି ଡାକ୍ତର, ବିବରଣୀ ଅଛି। ଶକ୍ତି ଉପାସନାରେ ନାରୀର ଅଭାବରେ ପୂଜା ହୋଇ ନପାରେ। ସର୍ବତ୍ର ଧର୍ମପତ୍ନୀ ଶବ୍ଦ ଅଛି କେଉଁଠି ଧର୍ମସ୍ୱାମୀ ଶବ୍ଦ ନାହିଁ। କୁମାରୀପୂଜା ଜନ୍ମରୁ ୧୬ ବର୍ଷ ପର୍ଯ୍ୟନ୍ତ କନ୍ୟା ମାନଙ୍କୁ ସେମାନଙ୍କର ନାମ କ୍ରମ ଅଛି ଓ ବିଭିନ୍ନ କର୍ମପାଇଁ ତାହାଙ୍କର ଆବଶ୍ୟକ ବିଧିପୂଜା କରାଯାଏ। ପୁଣି କୌଳାଚାରରେ ନାରୀ ମାନଙ୍କୁ ନର୍ସ ରହିଛନ୍ତି। ଏପରି ବର୍ଗୀକରଣରେ ନାରୀଜାତି ବା ମହିଳା ଅନେକରେ ....., ଏମାନେ ସଂସାରୀ ଏହାଙ୍କ ବାଦ ସନ୍ୟାସିନୀ ଯୋଗିନୀରେ ବି ନାରୀମାନେ ଅଛନ୍ତି। ଅନେକ ସାମାଜିକ କଟକଣାରେ ଘରୁ ବାହାରି ପାରନ୍ତି ନାହିଁ। ଅନେକ ଏଥିରୁ ଭ୍ରଷ୍ଟା ବି ହୁଅନ୍ତି। ଖେଳ ଦୁନିଆଁରେ ନାରୀ ବିହନ ଖେଳ ନାହିଁ। କିଏ ଦୌଡ଼ରେ କିଏ ଭାରଉତ୍ତୋଳନରେ, ବ୍ୟାଡ଼ମିଣ୍ଟନ ଖେଳରେ ତ କିଏ ଚେସ୍‌ରେ ଚମତ୍କାର ଦେଖାଉଛନ୍ତି। ଏଥିରେ ମଧ୍ୟ ନାରୀଙ୍କ ଖେଳ ଦୃଷ୍ଟେ ବର୍ଗୀକରଣ ଅଛି। ପୃଥିବୀର ଗ୍ଲୋବ ଛୋଟଟିଏ ଦୃଶ୍ୟ ହେଲେ ବି ତାର ଅନେକ ଗୁଣ ବଡ଼ ପୃଥିବୀ ଏଥିରେ ବିଭିନ୍ନ ଦେଶରେ କାନୁନ ଭିନ୍ନ ଭିନ୍ନ ଲୋକାଚାର ଭିନ୍ନ ଭିନ୍ନ ଧର୍ମବିଧି, ଭିନ୍ନ ଭିନ୍ନ ହେଲେ ମାନବିକତା ସର୍ବତ୍ର ସମାନ। ରୂପରଙ୍ଗ ଭିନ୍ନ ହେଲେ ବି ଶରୀରରେ ସମାନ ସମାନ ଅଙ୍ଗ ସବୁଠାରେ କ୍ରମରେ ରହିଛି। ଅନେକ ଭାଷା କଥିତ ଲିଖିତ ଥିଲେ ବି ଶରୀର ଭାଷା ସର୍ବତ୍ର ସମାନ। ଆମ ଦେଶରେ ରାଜବିଧି ଓ ଧର୍ମବିଧିରେ କିଛି ମେଳ ରଖାଯାଇ ସ୍ୱବୃନ୍ଦ, ସ୍ୱଗୋତ୍ର, ସ୍ୱବଂଶ, ସ୍ୱପରିବାରରେ ବିବାହ ନିଷେଧ, ସ୍ୱଭଗ୍ନି ସହିତ ବିବାହ ସମ୍ଭବ ନୁହେଁ ହେଲେ ପଶୁଙ୍କୁ ଅନୁକରଣ କରୁଥିବା ଧର୍ମୀମାନେ ମାଆ ଭଉଣୀ ସମ୍ପର୍କରେ





କାମାନ୍ଧ ହୋଇଥାନ୍ତି। ନାରୀର ଆତୁର ନିବେଦନ ତାଙ୍କ ହୃଦୟର ସ୍ପର୍ଶ କରେନାହିଁ। ଆମର ଜଗନ୍ନାଥଙ୍କ ରତ୍ନସିଂହାସନରେ ସମସ୍ତେ ସୁଭଦ୍ରାଙ୍କୁ ଦେଖିଥିବେ ତାଙ୍କର ବସ୍ତ୍ରାବୃତ ସମସ୍ତ ଅଙ୍ଗକୁ ସବୁବେଳେ ମୁଖ ଦଶମୁଖଦର୍ଶନ କରାଯାଏ। ଦେବୀ ମାଆ ଉତ୍ତମଭଦ୍ରା ତାଙ୍କୁ ନାରୀମାନେ ଅନୁକରଣ ବା ଅନୁସରଣ କଲେ ସମାଜରେ ଅନେକ ଆକ୍ରମଣ କମିଯାଆନ୍ତା। ମାତ୍ର ଆଧୁନିକ ପୋଷାକ ପରିଚ୍ଛଦରେ ନିଜକୁ ସୁନ୍ଦରୀ ଦର୍ଶାଇବାକୁ ଯାଇ ଅନେକ ଆକ୍ରମିତ ହେଉଛନ୍ତି। କୃଷ୍ଣଙ୍କ ବଂଶୀସ୍ୱନରେ ଗୋପୀମାନେ ଚଳଚଞ୍ଚଳ ହେବାପରି ଏ ସମୟକୁ ମୋବାଇଲ ଫୋନ ଯୁବକ ଯୁବତୀଙ୍କୁ ଛାତ୍ରଛାତ୍ରୀଙ୍କୁ ବିପଥଗାମୀ କରୁଛି। ଏ ପାଇଁ ନାରୀ ଅଙ୍ଗ ସୌଷ୍ଟବ ପ୍ରଦର୍ଶନ ବହୁ ଅପରାଧ ସମସ୍ୟା ବଢ଼ାଇ ଚାଲିଛି।

ଆମ ରାଜ୍ୟରେ ତତ୍‌କାଳୀନ ବାଙ୍କି ରାଜ୍ୟ ଥିଲା ତାର ରାଣୀ ଶୁକଦେଈ ଅବଳା ଦୁର୍ବଳା ନୁହେଁ ଓ ଦଣ୍ଡିବା ଗୁଣ ଯାର ଥାଇ ସେ ପୁଣି କ୍ଷମା ଆଚାରର ସତ୍ୟ ସେ ପ୍ରମାଣ କରିଛି। ଯୁଦ୍ଧରେ ତାଙ୍କ ସ୍ୱାମୀଙ୍କୁ ଶତ୍ରୁ ଅଞ୍ଚଳରେ ରାଜା ଶେଷ କରିଦେଲେ। ଶୁକଦେଈ ବିଧବା ହେବା କାହା ମୁହଁ ଚାହିଁବେ ନାହିଁ ଏ ଅବସ୍ଥାରୁ ବାହାରି ସଂଗଠିତ ସୈନ୍ୟଙ୍କୁ ପରିଚାଳନା କରି ନିଜେ ଯୁଦ୍ଧକୁ ଯାଇ ସ୍ୱାମୀହନ୍ତାଙ୍କୁ ବନ୍ଦୀକରି ନେଇ ଆସିଲେ। ପରଦିନ ଯୁଦ୍ଧ ବନ୍ଦୀ ବିଚାର, ଯୁଦ୍ଧରେ ଜିତିବା ବେଳେ ବି ସେ ଶତ୍ରୁର ଅବସାନ କରାଇ ପାରିଥାନ୍ତେ ମାତ୍ର ଏ ଆଦର୍ଶ ଶିକ୍ଷା ପାଇଁ ସେ ରାଜାଙ୍କୁ କହିଲେ ବୈଧବ୍ୟ କି କଷ୍ଟପ୍ରଦ, ଦୁଃଖଦାୟୀ, ମର୍ମ ବେଦନାପୂର୍ଣ୍ଣ ତାହା ତୁମେ ଜାଣନା, ତୁମକୁ ଶେଷକରି ତୁମ ରାଣୀଙ୍କୁ ମୁଁ ବୈଧବ୍ୟ ଦେଇପାରିବି ନାହିଁ। ତୁମେ ମୁକ୍ତ ତୁମେ ତୁମ ରାଣୀଙ୍କ ପାଖକୁ ଫେରିଯାଅ। ଏଥିରେ ନାରୀ ଅବଳା ନୁହେଁ ଆହୁରି ମହାନ ଯେ ସେ କ୍ଷମାଶୀଳା। ରାଜବଂଶ ରକ୍ଷା କରି ନିଜର ପୁତ୍ରକୁ ଆଖି ଆଗରେ ହତ୍ୟା ଦେଖିବା ନାରୀ ପୃଥିବୀରେ ବିରଳ, ଧାଈପନ୍ନା ରାଜପୁତ କନ୍ୟା ରାଜବଂଶ ନିପାତକରି ନିଜେ ରାଜା ହେବା ସ୍ୱପ୍ନ ଦେଖୁଥିବା ବନବୀରର କିଶୋର ରାଜପୁତ୍ର ଉଦୟସିଂହଙ୍କୁ ହତ୍ୟା କରିବାକୁ ଆସୁଛି ଶୁଣି ଉଦୟର ରାଜପରିଚ୍ଛଦ କାଢ଼ି ନିଜ ପୁଅକୁ ପିନ୍ଧାଇ, ଶୟନ କରାଇ ପାଖରେ ଜାଗ୍ରତ ଥିଲେ ପାନ୍ନା। ରାଜପୁତ୍ରକୁ ଅନ୍ୟତ୍ର ସାଧାରଣ ପୋଷାକରେ ସଜାଇ ଲୁଚାଇ ରଖିଲେ। ବନବୀର ଆସିନା ପାନ୍ନାଙ୍କୁ ଉଦୟର ସ୍ଥିତି ପଚାରି ଇଶାରା ପାଇଲେ ଶୟନରେ ଥିବା ପୁତ୍ର ହିଁ ରାଜପୁତ୍ର। ବାସ ଆଖି ଆଗରେ କି କଲବଲ ଛଟପଟର ଶିଶୁର ସଂହାର କି ପଥର ଛାତି, କି ଧୈର୍ଯ୍ୟରେ ପାନ୍ନା ନିଜ ପୁତ୍ର ବଦଳରେ ରାଜବଂଶ ରକ୍ଷା କରିଥିଲେ। ପାଞ୍ଚ ସ୍ୱାମୀରେ ଏକ ସ୍ତ୍ରୀ, ଏପରି କୁଟୁମ୍ବ ପରିଚାଳନା ହେବା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଶ୍ଚୟ ଅଛି। ସମସ୍ତେ ଏକ ଏକ ବିଶେଷ ଚରିତ୍ର। ବହୁଭେଦୀ ଭୀମ ସ୍ୱରୂପ ... ନକୁଳ, ଦୁଇହାତରେ ତୀରନ୍ଦାଜ ପୁଣି ସେ ହିଁ ତାଙ୍କୁ ଲାଖ ବିନ୍ଧି ପରୀକ୍ଷା ଜିତି ବିବାହ କରିଛନ୍ତି। ଯୁଧିଷ୍ଠିର ଜ୍ୟେଷ୍ଠ ନ୍ୟାୟୀ ପୁରୁଷ ସହଦେବ ଜ୍ୟୋତିର୍ବିଦ୍ କେଉଁ ଦିନ କଣ ଖିଆଯିବ ଏହାର ତାଲିକା ଫର୍ଦ୍ଦର ଖାଦ୍ୟ ଧାର୍ଯ୍ୟ ଏସବୁ ସହିତ ଚାରିଦିନ ଦିଅରରେ ଏକ ଦିନ ସ୍ୱାମୀ, ତିନି ଦିନ, ଏକ ଦିନ ଦେଢ଼ଶୂର, ଏକ ଦିନ ସ୍ୱାମୀ ପୁଣି ଚାରିଦିନ ଦେଢ଼ଶୂର, ଏକଦିନ ସ୍ୱାମୀ ଏ ପର୍ଯ୍ୟାୟ ଦ୍ରୌପଦୀ ଚଳିବା କି କଷ୍ଟକର ଭାବିଲେ ଆଶ୍ଚର୍ଯ୍ୟ ଲାଗୁନି, କୁଟୁମ୍ବରେ ସୁଖ ଆଣିବା ଏକ ବଡ଼ ତ୍ୟାଗର ବିଷୟ।

ବ୍ରିଟିଶରାଜ ହଟାଇବାକୁ ଅନେକ ନାରୀ ପଛୁଆ ନଥିଲେ, ରାଜଦଣ୍ଡ ଜେଲ ଭୋଗକୁ ସାମାଜିକ ପ୍ରତିବନ୍ଧକକୁ ନ ମାନି, ଗୃହ ଅଙ୍ଗନାମାନେ ଆନ୍ଦୋଳନକୁ ଓହ୍ଲାଇ ଥିଲେ। ଆମ ରାଜ୍ୟରେ ରମାଦେବୀ, ମାଳତୀ ଚୌଧୁରୀ, ସରଳା ଦେବୀଙ୍କ ସ୍ମରଣ ସମସ୍ତଙ୍କର ରହିବ। ବ୍ରିଟିଶ ପାଇଁ ଅସ୍ତ୍ରଯୁଦ୍ଧରେ ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ନାମ ଇତିହାସରେ ଅଛି। ଆମର ଜଗନ୍ନାଥ ମନ୍ଦିରର ପରିଚାଳନା ଭାର ରାଜାଙ୍କୁ କଳାପାଣି ପଠାଇଥିବା ପରେ ଶୂନ୍ୟ ବହୁକାଳ ରହିବା ପରେ ନାବାଳକ ରାଜକୁମାରଙ୍କୁ ଓ ତତ୍କାଳୀନ ପାଟ ମହାଦେଈଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରି ମନ୍ଦିରର ପରିଚାଳନାରୁ ଦୂରେଇ ରଖିବା ଏକ ବ୍ରିଟିଶରାଜ ଚକ୍ରାନ୍ତ ଚାଲିଲା, ଏଥିରୁ ନ୍ୟାୟ ପାଇଁ ପାଟମହାଦେଈ ତାଙ୍କର ଅଳଙ୍କାର ସବୁ ବଡ଼ ଓକିଲଙ୍କ ଖର୍ଚ୍ଚ ପାଇଁ ଶେଷରେ ଦେଇ ମକଦ୍ଦମା ଲଢ଼ିବା ମନସ୍ଥ କଲେ। ମଧୁବାବୁ ତତ୍କାଳୀନ ବଡ଼ଓକିଲ, କୋର୍ଟ, କଲିକତା। ମଧୁବାବୁ ମହାନ ବ୍ୟକ୍ତି ସେ ଖ୍ରୀଷ୍ଟଧର୍ମ ଗ୍ରହଣ କଲେକ ରାଣୀ ମାଆଙ୍କର ସମସ୍ତ ଅଳଙ୍କାର ଫେରାଇ ଦେଇ ମକଦ୍ଦମା ଲଢ଼ି ଶ୍ରୀଜଗନ୍ନାଥଙ୍କ ସମ୍ମାନ ଗଜପତିଙ୍କ ସମ୍ମାନ ପରମ୍ପରା ରକ୍ଷା କରିଛନ୍ତି। ସେ ପାଟମହାଦେଈ ନିଶ୍ଚେ ଧନ୍ୟ। ନାରୀମାନେ ଏକ ନହେଲେ କେବେ ଭାଇ ଓ ସନ୍ତାନମନେ ଦେଶରେ ଭଲ ହୋଇ ନପାରନ୍ତି। ଅପରାଧ ନିଜେ ନକରି ଅପରାଧରୁ ନିବୃତ୍ତ ଚିନ୍ତା ପ୍ରକଟ କରାଗଲେ ସଂସାର ସୁନା ହୋଇଯିବ।

***ସଂପାଦକ, ବରେଣ୍ୟବାଣୀ, ପି.ସି.ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ***
***ଦୂରଭାଷ : ୯୪୩୭୦୩୧୨୫୩***

# ୫ ଲକ୍ଷ ଗରିବ ଅସହାୟ ବ୍ୟକ୍ତିଙ୍କୁ ଖାଦ୍ୟ ବାଣ୍ଟିଲେ ବିଜେପି କାର୍ଯ୍ୟକର୍ତ୍ତା

**ଭୁବନେଶ୍ୱର :** ମୁହଁରେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତାକୁ ବଜାୟ ରଖିଲେ ଆମେ କରୋନା ସଂକ୍ରମଣରୁ ନିଜକୁ ରକ୍ଷା କରିପାରିବା । ଏଥିଲାଗି ଏପ୍ରିଲ ୯ ତାରିଖରୁ ସାରା ରାଜ୍ୟରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ବିଜେପି ସାଂସଦ ସଂଗୀତା କୁମାରୀ ସିଂହଦେଓ, ମହିଳାମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡା, ମୋର୍ଚ୍ଚାର ଜିଲ୍ଲା ସଭାନେତ୍ରୀ, ନିର୍ବାଚିତ ମହିଳା ଜନ ପ୍ରତିନିଧୀ, ରାଜ୍ୟ ଓ ଜିଲ୍ଲାର ବରିଷ୍ଠ ନେତ୍ରୀବୃନ୍ଦଙ୍କ ସମେତ ମୋର୍ଚ୍ଚାର ସମସ୍ତ ମହିଳା କାର୍ଯ୍ୟକର୍ତାମାନେ ବିଭିନ୍ନ ମହିଳା ସଙ୍ଗଠନ ସହାୟତାରେ ନିଜ ଘରେ ମାସ୍କ ପ୍ରସ୍ତୁତି କରି ସାଧାରଣ ଲୋକଙ୍କୁ ବଣ୍ଟନ କରୁଛନ୍ତି। ଭାରତୀୟ ପରମ୍ପରା 'ନର ସେବା - ନାରାୟଣ ସେବା'କୁ ସମ୍ମାନ ଜଣାଇ ଲକ୍‌ଡାଉନ ସମୟରେ ବିଜେପି କାର୍ଯ୍ୟକର୍ତାମାନେ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ଅଂଚଳରେ ବାସ କରୁଥିବା ଗରିବ, ଦିନମଜୁରିଆ, ଦୁଖୀଜନ ତଥା ଅଭାବୀ ଲୋକଙ୍କୁ ସେମାନଙ୍କ ଆବଶ୍ୟକୀୟ ଖାଦ୍ୟ ସାମଗ୍ରୀ, ଔଷଧ ଆଦି ନିତ୍ୟାବଶ୍ୟକ ସାମଗ୍ରୀ ପହଂଚାଇବାର କାର୍ଯ୍ୟ ଚାଲୁ ରଖିଛନ୍ତି । ୫ଲକ୍ଷରୁ ଉର୍ଦ୍ଧ୍ୱ ନିଃସ୍ୱ ଗରିବ ଅସହାୟ ବ୍ୟକ୍ତିଙ୍କ ପାଖରେ ଖାଦ୍ୟ ଏବଂ ଅତ୍ୟାବଶକୀୟ ସାମଗ୍ରୀ ପହଂଚାଇଛନ୍ତି ବିଜେପି କାର୍ଯ୍ୟକର୍ତ୍ତା। ରାଜ୍ୟ ସଭାପତିଙ୍କ ଶ୍ରୀ ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ମାସ୍କ ବଂଟନ କରାଯାଇଛି। ସାମାଜିକ ଦୁରତ୍ୱ ବଜାୟ ରଖି 'ଫିଡ୍ ଦି ନିଡି - ପ୍ରଧାନମନ୍ତ୍ରୀ ଅନ୍ନ ଯୋଜନା' କାର୍ଯ୍ୟକ୍ରମରେ ବିଜେପିର ୬ ହଜାରରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତା ବର୍ତମାନ ସୁଦ୍ଧା ରାଜ୍ୟର ୨୧ଟି ସଂସଦୀୟ କ୍ଷେତ୍ର, ୧୪୭ ଟି ବିଧାନସଭା କ୍ଷେତ୍ର, ୪୦୦ଟି ବ୍ଲକ ଓ ପୌରପାଳିକାରେ ବାସ କରୁଥିବା ୧ ଲକ୍ଷ ୭୧ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ରନ୍ଧା ଖାଦ୍ୟ ବଂଟନ କରାଯାଇଛି । ସେହିପରି ୧ ଲକ୍ଷ ୪ ହଜାରରୁ ଉର୍ଦ୍ଧ୍ୱ ପରିବାରକୁ ଶୁଖିଲା ଖାଦ୍ୟ ଏବଂ ରାସନ ସାମଗ୍ରୀ ବଂଟନ କରାଯାଇଛି । କରୋନା ସଙ୍କଟ ଦୂର ହେବା ପର୍ଯ୍ୟନ୍ତ ଅସହାୟ, ଦୁଃଖୀଜନ, ନିସ୍ୱ ଗରୀବଙ୍କୁ ବିଜେପି କାର୍ଯ୍ୟକର୍ତାମାନେ ଖାଦ୍ୟାନ୍ନ ବଂଟନ କରିବେ । ଏହି କାର୍ଯ୍ୟରେ ବିଜେପି ସାଂସଦ, ବିଧାୟକ, ଜନ ପ୍ରତିନିଧି, ସମସ୍ତ ମୋର୍ଚ୍ଚାର କାର୍ଯ୍ୟକର୍ତା, ରାଜ୍ୟ ଓ ଜିଲ୍ଲା ପଦାଧିକାରୀମାନେ ସାମିଲ ହୋଇ ନିଜ ନିଜ ଅଂଚଳରେ ଲୋକମାନଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ, ରାସନ ସାମଗ୍ରୀ, ଔଷଧ, ମାସ୍କ, ସାନିଟାଇଜର, ପଶୁ ଖାଦ୍ୟ ଆଦି ବଣ୍ଟନ କରିଛନ୍ତି। ପ୍ରତି ଗ୍ରାମରେ ଯେପରି କେହି ବି ଭୋକିଲା ନରହିବେ ସେଥିପ୍ରତି ଧ୍ୟାନ ଦେବା ପାଇଁ ପ୍ରତ୍ୟେକ କାର୍ଯ୍ୟକର୍ତାଙ୍କୁ ଦାୟୀତ୍ୱ ଦିଆଯାଇଛି। ପ୍ରତ୍ୟେକ କାର୍ଯ୍ୟକର୍ତା ନିଜ ଘର ପାଖରେ ଅନ୍ୟୁନ ୬ ଜଣ ଭୋକିଲା ଲୋକଙ୍କୁ ଖାଦ୍ୟ ଯୋଗାଇବେ । ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ଏବଂ ବରିଷ୍ଠ ନେତୃବୃନ୍ଦଙ୍କ ନିର୍ଦ୍ଦେଶାନୁଯାୟୀ କାର୍ଯ୍ୟକର୍ତାମାନେ ମନପ୍ରାଣ ଦେଇ ରିଲିଫ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ଏଭଳି ସଙ୍କଟ ସମୟରେ ଘରୁ ନବାହାରିବା, ସାମାଜିକ ଦୂରତା ବଜାୟ ରଖିବା, ମାସ୍କ ପରିଧାନ କରିବା ପାଇଁ କାର୍ଯ୍ୟକର୍ତାମାନେ ସାଧାରଣଲୋକଙ୍କୁ ସଚେତନ କରୁଛନ୍ତି। ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ, ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଆହ୍ୱାନକ୍ରମେ ଏବଂ ରାଜ୍ୟ ସଂଯୋଜକ ସୁଦର୍ଶନ ଗୋୟଲଙ୍କ ପ୍ରଚେଷ୍ଟାରେ ବିଜେପି କାର୍ଯ୍ୟକର୍ତା, ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ସମେତ ସାମାଜିକ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକ ପିଏମ କେୟାର୍ସ ଫଣ୍ଡକୁ ୩୨ ଲକ୍ଷ ରୁ ଉର୍ଦ୍ଧ୍ୱ ଅର୍ଥ ପଠାଇଛନ୍ତି । ଏହାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ କାର୍ଯ୍ୟକର୍ତାମାନେ ବିଭିନ୍ନ ବଦାନ୍ୟ ବ୍ୟକ୍ତିମାନଙ୍କୁ ସାମିଲ କରୁଛନ୍ତି । 'ଆରୋଗ୍ୟ ସେତୁ' ମୋବାଇଲ ଆପ୍ଲିକେସନ ମାଧ୍ୟମରେ ସାଧାରଣ ଜନତା କରୋନା ଭୂତାଣୁ ସଂକ୍ରମଣ ଠାରୁ ନିଜକୁ ଦୂରେଇ ରଖିପାରିବେ । ଏହି ଆପ୍ ମାଧ୍ୟମରେ କରୋନା ଭୂତାଣୁକୁ ନେଇ କିଛି ସନ୍ଦେହ ଥିଲେ ସାଧାରଣ ଜନତା ବିଶେଷଜ୍ଞମାନଙ୍କ ଠାରୁ ପରାମର୍ଶ ନେଇ ପାରିବେ। ରାଜ୍ୟ ବିଜେପିର ୫୦ହଜାରରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତା ଏହି 'ଆରୋଗ୍ୟ ସେତୁ' ମୋବାଇଲ ଆପ୍ଲିକେସନକୁ ନିଜ ମୋବାଇଲରେ ବ୍ୟବହାର କରିବା ସହ ଅନ୍ୟମାନଙ୍କୁ ଏହି ଆପ୍ ବ୍ୟବହାର କରିବା ପାଇଁ ପ୍ରବର୍ତାଉଛନ୍ତି। କରୋନାକୁ ମୁକାବିଲା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମଗ୍ର ଦେଶବାସୀଙ୍କୁ ଘରେ ରହିବା ସହ ସମାଜିକ ଦୂରତାକୁ ବଜାୟ ରଖିବା ପାଇଁ ଅନୁରୋଧ କରିଛନ୍ତି । ଏହା ସହ - ଖାଦ୍ୟ ଅଭାବରୁ କାହାକୁ ଭୋକିଲା ନରଖିବା, ଘରେ ମାସ୍କ ତିଆରି କରି ଗରିବ ଲୋକଙ୍କୁ ବଂଟନ କରିବା, ପିଏମ କେୟାର୍ସକୁ ମୁକ୍ତ ହସ୍ତରେ ଦାନ କରିବା, ଆରୋଗ୍ୟ ସେତୁ ଆପ୍ କୁ ବ୍ୟବହାର କରି ନିଜେ ସୁରକ୍ଷିତ ରହିବା ଏବଂ କରୋନା ସଂଗ୍ରାମ ସହ ଲଢେଇ କରୁଥିବା ଡାକ୍ତର, ନର୍ସ, ପାରାମେଡିକ ଷ୍ଟାଫ, ପୁଲିସ କର୍ମଚାରୀ, ସଫେଇ କର୍ମଚାରୀ, ବ୍ୟାଙ୍କ ଓ ପୋଷ୍ଟାଲ କର୍ମଚାରୀଙ୍କ ସମେତ ସରକାରୀ କର୍ମଚାରୀମାନଙ୍କୁ ପତ୍ର ମାଧ୍ୟମରେ ଧନ୍ୟବାଦ ଦେବା ପାଇଁ ଅନୁରୋଧ କରିଛନ୍ତି। କରୋନାକୁ ମୁକାବିଲା କରିବା ପାଇଁ ସାରା ଦେଶ ଏକାଠୀ ହୋଇଛି । ଏହି ସଂକ୍ରମଣକୁ ରୋକିବା ପାଇଁ ସବୁ ସ୍ତରରେ ବିଭିନ୍ନ ପ୍ରୟାସ ଅବ୍ୟାହତ ରହିଛି । ଆଗାମୀ ଦିନରେ ଏହି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ରାଜ୍ୟ ମୁଖପାତ୍ର ତଥା 'ଫିଡ୍ ଦି ନିଡି - ପ୍ରଧାନମନ୍ତ୍ରୀ ଅନ୍ନ ଯୋଜନା'ର ରାଜ୍ୟ ସଂଯୋଜକ ଗୋଲକ ମହାପାତ୍ର କହିଛନ୍ତି।

ଜି-୨୦ ଉର୍ଜା ମନ୍ତ୍ରୀସ୍ତରୀୟ ସମ୍ମିଳନୀରେ ଭିସି ଜରିଆରେ ଭାରତର ପ୍ରତିନିଧିତ୍ୱ କଲେ କେନ୍ଦ୍ରମନ୍ତ୍ରୀ

# କରୋନା ପରେ ପୂର୍ବପରି ବିଶ୍ୱ ଉର୍ଜା ଚାହିଦାର କେନ୍ଦ୍ର ବିନ୍ଦୁ ହୋଇ ରହିବ ଭାରତ : ଧର୍ମେନ୍ଦ୍ର



**ନୂଆଦିଲ୍ଲୀ/ଭୁବନେଶ୍ୱର :** ପୂର୍ବପରି ଭାରତ ବିଶ୍ୱ ଉର୍ଜା ଚାହିଦାର ଯେପରି ଆଗରେ ଥିଲା କରୋନା ପରବର୍ତୀ ସମୟରେ ମଧ୍ୟ ଭାରତ ବିଶ୍ୱ ଉର୍ଜା ଚାହିଦାର ଆଗରେ ରହିବ ବୋଲି ଜି-୨୦ ଶକ୍ତିମନ୍ତ୍ରୀ ସମ୍ମିଳନୀରେ ଭିଡିଓ କନଫରେନ୍ସି ଯୋଗେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସାଉଦି ରାଜକୁମାର ଅବଦୁଲ ଅଜିଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଭାରତର ପ୍ରତିନିଧିତ୍ୱ କରି ଶ୍ରୀ ପ୍ରଧାନ ବିଶ୍ୱରେ ଚଳିତ ଅଭାବନୀୟ ପରିସ୍ଥିତି ସମୟରେ ଅନ୍ତରାଷ୍ଟ୍ରୀୟ ସହଯୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଭାରତରେ ୨୧ ଦିନିଆ ତାଲାବନ୍ଦ ସମୟରେ ଏଲପିଜି ଛଡା ଅନ୍ୟ ସବୁ ପେଟ୍ରୋଲିୟମ ଉତ୍ପାଦର ବ୍ୟବହାର କମ୍ ହୋଇଛି। ଦେଶର ୮୦.୩ ମିଲିୟନରୁ ଉର୍ଦ୍ଧ୍ୱ ଗରିବ ପରିବାରକୁ ଆଗାମୀ ୩ ମାସ ପର୍ଯ୍ୟନ୍ତ ମାଗଣା ଏଲପିଜି ଯୋଗାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଷ୍ପତି କରିଛନ୍ତି। ଦେଶରେ ୨୩ ବିଲିୟନ ଡଲାର ଆର୍ଥିକ ପ୍ୟାକେଜରେ ମାଗଣା ଏଲପିଜି ଯୋଗାଣ କାରଣରୁ ଏହାର ଚାହିଦା ଦେଶରେ ବଢିଥିବା ଶ୍ରୀ ପ୍ରଧାନ କହିଛନ୍ତି। ଭାରତରେ ବଢୁଥିବା ଏଲପିଜି ଆବଶ୍ୟକତାକୁ ଦେଶର ପାରମ୍ପରିକ ମିତ୍ର ରାଷ୍ଟ୍ର ଗୁଡିକ ପୂରଣ କରୁଥିବାରୁ ଶ୍ରୀ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଛନ୍ତି। ସେହିପରି ତୈଳ ଉତ୍ପାଦନକାରୀ ରାଷ୍ଟ୍ର ମାନଙ୍କ ପାଇଁ ଉଚିତ୍ ମୂଲ୍ୟ ତଥା କ୍ରୟ କରୁଥିବା ଭାରତ ପରି ଦେଶ ମାନଙ୍କ ପାଇଁ କଷ୍ଟ ନହେବା ପରି ମୂଲ୍ୟ ନେଇ ଭାରତର ପୂର୍ବ ମତକୁ ଏହି ସମ୍ମିଳନୀରେ ଦୋହରାଇଥିଲେ ଶ୍ରୀ ପ୍ରଧାନ। ବିଶ୍ୱର ତୈଳ ଚାହିଦା କମ୍ ହେଉଥିବା ବେଳେ ଆଗାମୀ ଦିନରେ ଇନ୍ଧନ ଚାହିଦା ବଢାଇ ଯୋଗାଣକୁ ବୃଦ୍ଧି କରି ଉତ୍ପାଦନକାରୀ ଦେଶମାନେ ମୂଲ୍ୟ କମ୍ ରଖିବା ସମୟର ଆବଶ୍ୟକତା ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ବୈଶ୍ୱିକରଣ ସଜ୍ଞା କେବଳ ଆର୍ଥିକ ଏଜେଣ୍ଡା ଆଧାରରେ କରାଯିବା ଉଚିତ୍ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ ମତକୁ ଏହି ସମ୍ମିଳନୀରେ ଦୋହରାଇଥିଲେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ। ଏହି ସମ୍ମିଳନୀରେ ଆର୍ଜେଂଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡ଼ା, ଚୀନ, ଫ୍ରାନ୍ସ, ଜର୍ମାନୀ, ଇଣ୍ଡୋନେସିଆ, ଇଟାଲି, ଜାପାନ, ମେକ୍ସିକୋ, ସାଉଥ କୋରିଆ, ଋଷ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ତୁର୍କି, ଆମେରିକା, ଇଂଲଣ୍ଡ, ସ୍ପେନ, ସିଙ୍ଗାପୁର, ସୁଇଜରଲ୍ୟାଣ୍ଡ ଏବଂ ୟୁରୋପୀୟ ୟୁନିୟନ ତଥା ବିଶ୍ୱ ତୈଳ ସଂଗଠନମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଭିଡିଓ କନଫରେନ୍ସିଂରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା

# ଓଡ଼ିଶାକୁ ଅଧିକ ଅର୍ଥ ଓ ୫ଲକ୍ଷ ପିପିଇ ଯୋଗାଇ ଦେବାକୁ ଦାବି



**ଝାରସୁଗୁଡା :** ରାଜ୍ୟରେ କରୋନା ମୁକାବିଲା ନେଇ ମୁଖ୍ୟମନ୍ତ୍ରୀ ନେଇଥିବା ପଦକ୍ଷେପ ସ୍ୱରୂପ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଲକଡାଉନ୍ ବୃଦ୍ଧି ନିଷ୍ପତ୍ତି ଓ ରାଜ୍ୟକୁ ଏହି ମହାମାରୀ ପାଇଁ କେନ୍ଦ୍ର ସରକାର ଆବଶ୍ୟକ ଅର୍ଥ ଓ ସ୍ୱାସ୍ଥ୍ୟ ବିଭାଗ ସାମଗ୍ରୀ ଯୋଗାଇ ଦେବାକୁ ଆଜି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷ ବର୍ଦ୍ଧନଙ୍କ ସହିତ ଭିଡିଓ କନଫରେନ୍ସିଂ ଜରିଆରେ ଆଲୋଚନା କରିଥିଲେ। ଆଲୋଚନା ପରେ ଗଣମାଧ୍ୟମକୁ ମନ୍ତ୍ରୀ ଶ୍ରୀ ଦାସ କହିଥିଲେ ଯେ, ଓଡ଼ିଶା ସରକାର କୋଭିଡ୍-୧୯ ମୁକାବିଲା ପାଇଁ ଅନେକ ଯୋଜନା କରି ସାରିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ୬ ହଜାର ଶଯ୍ୟାର କୋଭିଡ୍ ହସ୍ପିଟାଲ ଖୋଲିବା ପାଇଁ ଯୋଜନା ଆରମ୍ଭ କରି ଏପର୍ଯ୍ୟନ୍ତ ୧୫୯୭ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ ଖୋଲି ସାରିଥିବା ଅବଗତ କରିଥିଲେ। ରାଜ୍ୟ ସରକାର ଏହାକୁ ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିଥିବା ବେଳେ କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା ମାତ୍ର ୪୬.୩୫ କୋଟି ଟଙ୍କା ପ୍ରଦାନ କରିଥିବାରୁ ଆହୁରି ଅଧିକ ଅର୍ଥ ଯୋଗାଇ ବାକୁ ମନ୍ତ୍ରୀ ଶ୍ରୀ ଦାସ ଦାବି କରିଥିଲେ। କରୋନା ରୋଗୀଙ୍କ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ସୁରକ୍ଷାକୁ ମନ୍ତ୍ରୀ ଶ୍ରୀ ଦାସ ଗୁରୁତ୍ୱ ଦେଇଥିବା ବେଳେ ରାଜ୍ୟକୁ ୫ଲକ୍ଷ ପିପିଇ କିଟ୍ ସହିତ ହାଇଡ୍ରୋକ୍ସି କ୍ଲୋରୋକୁଇନ୍, ଭିଟାମିନ୍-ସି, ମାସ୍କ, ସାନିଟାଇଜର ଯଥେଷ୍ଟ ପରିମାଣରେ ଯୋଗାଇ ଦେବାକୁ ଦବୀ କରିଥିଲେ। ରାଜ୍ୟରେ ଆର୍ଟିପିସିଆର କିଟ୍ ନଥିବାରୁ ତୁରନ୍ତ ଏହି କିଟ୍ ଯୋଗାଇ ଦେବା ସହିତ ବୁର୍ଲା, ବଲାଙ୍ଗିର, କୋରାପୁଟ ଭଳି ସମସ୍ତ ମେଡିକାଲ କଲେଜରେ ପରୀକ୍ଷା ବ୍ୟବସ୍ଥା କରିବାକୁ ଦାବି କରିଥିବା କହିଥିଲେ। ଏହା ବ୍ୟତୀତ କବେସ ପ୍ଲାଟ୍‌ଫର୍ମ ଭଳି ସୁବିଧା ରାଜ୍ୟରେ କରାଯିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଦାବି ଉପସ୍ଥାପନ କରିଥିବା ଜଣାଇଥିଲେ। କେନ୍ଦ୍ରମନ୍ତ୍ରୀ ଏହି ସମସ୍ତ ଦାବି ଉପରେ ତୁରନ୍ତ ପ୍ରତିକାର କରାଯିବାକୁ ସମ୍ମତି ପ୍ରଦାନ କରିଥିବା ଜଣାଇଥିଲେ।

# କଣ୍ଟେନ୍‌ମେଣ୍ଟ ଜୋନ୍ ଅଞ୍ଚଳରେ ରାସନ ସାମଗ୍ରୀ ବଣ୍ଟନ



**କଟକ :** କଟକ ସହରର ବକ୍ସିବଜାର ପଟ୍ଟାପୋଲ ଅଞ୍ଚଳରେ ଜଣେ କରୋନା ରୋଗୀ ଚିହ୍ନଟ ହେବା ପରେ ଉକ୍ତ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ତେବେ ଏହି ଅଞ୍ଚଳର କୌଣସି ଜନସାଧାରଣ ବାହାରକୁ ଯାଇପାରିବେ ନାହିଁ କି ବାହାର ଅଞ୍ଚଳର ଲୋକେ ଏହି ଅଞ୍ଚଳକୁ ଆସି ପାରିବେ ନାହିଁ। ତେବେ ଏହି ଅଞ୍ଚଳର ଜନସାଧାରଣଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇବା ନିମନ୍ତେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏପରିକି ଏହି ଅଞ୍ଚଳରେ ଜନସାଧାରଙ୍କୁ ଚାଉଳ, ଡାଲି, ଅଟା, ତେଲ ଆଦି ରାସନ ସାମଗ୍ରୀ ସହିତ ସାବୁନ, ହ୍ୟାଣ୍ଡୱାଶ୍, ମେଡିସିନ୍, ପନିରିବା ଆଦି ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଛି। ବିଭିନ୍ନ ସଂସ୍ଥା ଜରିଆରେ ଜନସାଧାରଣଙ୍କ ଅର୍ଡର ମୁତାବକ ସେମାନଙ୍କ ଘର ପାଖରେ ସାମଗ୍ରୀ ପହଞ୍ଚାଯାଉଥିବାବେଳେ ଏହି ଅଞ୍ଚଳର ଗରିବ ଅସହାୟ ଲୋକମାନଙ୍କୁ ୨ ଓଳି ରନ୍ଧା ଖାଦ୍ୟ ମଧ ପ୍ରଦାନ କରାଯାଉଛି। ସିଏମ୍‌ସି ପକ୍ଷରୁ କଣ୍ଟେନ୍‌ମେଣ୍ଟ ଜୋନ୍ ସମେତ ସହରର ବିଭିନ୍ନ ସ୍ଥାନରେ ଅଟକି ଯାଇଥିବା ରାଜ୍ୟ ତଥା ରାଜ୍ୟ ବାହାରର ଶ୍ରମଜୀବୀ, ଅସହାୟ, ବସ୍ତିବାସିନ୍ଦାମାନଙ୍କୁ ପ୍ରତିଦିନ ରନ୍ଧାଖାଦ୍ୟ ବିତରଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ସିଏମ୍‌ସି ପକ୍ଷରୁ ଗୁରୁବାର ମୋଟ ୨୬୦୮ ଜଣଙ୍କୁ ରନ୍ଧାଖାଦ୍ୟ ପୁଡ଼ିଆ ବିତରଣ କରାଯାଇଥିଲା। ପୂର୍ବରୁ କାମ କରିବା ଉଦ୍ଦେଶ୍ୟରେ ରାଜ୍ୟ ବାହାରୁ ତଥା ସହର ବାହାରୁ ବହୁ ଜନସାଧାରଣ କଟକକୁ ଆସିଥିଲେ। ମାତ୍ର ସମ୍ପ୍ରତି ଲକ୍‌ଡାଉନ ଯୋଗୁଁ କାମଧନ୍ଦା ହରାଇଥିବା ଏହି ଶ୍ରମଜୀବୀମାନେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ କାଳାତିପାତ କରୁଥିବା ପ୍ରଶାସନ ଜାଣିବା ପରେ ସେମାନଙ୍କୁ ତୁରନ୍ତ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା। ତେବେ ଏହି ଲକ୍‌ଡାଉନର ଅବଧି ବୃଦ୍ଧି ପାଇଥିବା କାରଣରୁ ସିଏମ୍‌ସି ପକ୍ଷରୁ ପ୍ରତିଦିନ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ରନ୍ଧାଖାଦ୍ୟ ନିୟମିତ ପ୍ରଦାନ କରାଯିବ ବୋଲି ସିଏମ୍‌ସି କମିଶନର ଅନନ୍ୟା ଦାସ ପ୍ରକାଶ କରିଛନ୍ତି।

# ମାସ୍କ ନ ବାନ୍ଧିଲେ ୨ଶହ ଦଣ୍ଡ

## କରୋନା ମହାମାରୀ ନିୟମ ଭାଙ୍ଗିଲେ ୨ବର୍ଷ ପର୍ଯ୍ୟନ୍ତ ଜେଲ୍





**ଭୁବନେଶ୍ୱର :** ଓଡ଼ିଶା ସରକାର କରୋନା ମୁକାବିଲା ଲାଗି ଦେଶର ପ୍ରଥମ ରାଜ୍ୟ ଭାବେ ଲକଡାଉନ ଅବଧିକୁ ଏପ୍ରିଲ ୩୦ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହାର କଡାକଡି ପାଳନ ଲାଗି ୧୮୯୭ ମସିହାର ମହାମାରୀ ଆଇନକୁ ଏକ ଅଧ୍ୟାଦେଶ ଜରିଆରେ ସଂଶୋଧନ କରି ଆଇନର ଉଲ୍ଲଙ୍ଘନ ନେଇଥିବା ଦଣ୍ଡକୁ ବଢ଼ାଇଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ରାଜ୍ୟର ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କହିଛନ୍ତି ଯେ, ମହାମାରୀ ଆଇନରେ ଥିବା ବ୍ୟବସ୍ଥାର ଉଲ୍ଲଙ୍ଘନ ଲାଗି ଏଣିକି ୨ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଏବଂ ୧୦,୦୦୦ ଟଙ୍କା ଯାଏଁ ଜରିମାନା ଦେବାକୁ ପଡିବ। ପୁରୁଣା ଆଇନରେ ଦଣ୍ଡ ଅତ୍ୟନ୍ତ ନଗଣ୍ୟ ଥିଲା। ଲକଡାଉନ୍ ନିୟମକୁ ଅଧିକ କଡାକଡି କରିଦିଆଯାଇଛି, ଯେଉଁଥିଲାଗି ପୁରୁଣା ଆଇନକୁ ସଂଶୋଧନ କରାଯାଇଛି। ଏହି ଆଇନକୁ ଉଲ୍ଲଙ୍ଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ସରକାର କଡା କାର୍ଯ୍ୟାନୁଷ୍ଠାନ ନେବେ ବୋଲି ରାଜ୍ୟ ସରକାରଙ୍କ ମୁଖ୍ୟ ସଚିବ ଅସିତ କୁମାର ତ୍ରିପାଠୀ କହିଛନ୍ତି। ଉଲ୍ଲଙ୍ଘନକାରୀଙ୍କୁ ସର୍ବନିମ୍ନ ୨ବର୍ଷ ଜେଲଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଦେବାକୁ ପଡିବ। ସେହିପରି ସାରା ରାଜ୍ୟରେ ଆଜିଠାରୁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରି ଦିଆଯାଇଛି ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ କହିଛନ୍ତି। ଏଣିକି ମାସ୍କ ନ ପିନ୍ଧିଲେ ଜରିମାନା ଆଦାୟ କରାଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ତିନି ଉଲ୍ଲଙ୍ଘନ ଲାଗି ୨ଶହ ଟଙ୍କା ଲେଖାଏଁ ଜରିମାନା ନିଆଯିବ। କିନ୍ତୁ ଏହା ପରଠାରୁ ମାସ୍କ ନ ପିନ୍ଧିଲେ ଜରିମାନାର ପରିମାଣ ୫ଶହ ଟଙ୍କାକୁ ବର୍ଦ୍ଧିତ ହେବ। କ୍ୟାବିନେଟ୍ ବୈଠକରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଆବଶ୍ୟକ ପଡିଲେ ରାଜ୍ୟ ସରକାର ଘରୋଇ ହସ୍ପିଟାଲ ଓ ନର୍ସମାନଙ୍କୁ ରିକ୍ୟୁଜିସନରେ ନେବେ। ଜିଲ୍ଲାପାଳ ଚିକିତ୍ସା ପାଇଁ ଘରୋଇ ହସ୍ପିଟାଲ ଡାକ୍ତରଙ୍କୁ ରିକ୍ୟୁଜିସନ କରିପାରିବେ। ରାଜ୍ୟ ସରକାର ୧ଲକ୍ଷ ରାପିଡ୍ ଡାଇଗ୍ନୋଷ୍ଟିକ୍ କିଟ୍ କିଣିବାକୁ ନିଷ୍ପତ୍ତି ନେଇଛନ୍ତି। କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ଅନେକ ଗୁଡିଏ ପଦକ୍ଷେପ ନେଇଛନ୍ତି। ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଥିରୁ କୋଭିଡ-୧୯ ହସ୍ପିଟାଲ ଅନ୍ୟତମ। ଆମେ ପାଖାପାଖି ୬୦୦୦ ବେଡ୍ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନେଇଛୁ। ଏଯାଏଁ ୮ଟି କୋଭିଡ-୧୯ ହସ୍ପିଟାଲ ପ୍ରସ୍ତୁତ ହୋଇସାରିଛି। ସେଗୁଡିକରେ ପ୍ରାୟ ୧୫୦୦ ବେଡ ଅଛି। ରାଜ୍ୟରେ ଏବେ ଏନ-୯୫ ମାସ୍କ ମହଜୁଦ ଅଛି। ୪ରୁ ୮ମାସ ପର୍ଯ୍ୟନ୍ତ ପାଇଁ ଔଷଧ ଅଛି।

# କରୋନା ପାଇଁ କ୍ରାଇମ୍‌ବ୍ରାଞ୍ଚର ଆଡଭାଇଜରି ଜାରି

**ଭୁବନେଶ୍ୱର :** କରୋନା ମହାମାରୀ ସମ୍ପର୍କରେ ମିଥ୍ୟା ଖବର ଓ ଗୁଜବ ପ୍ରଚାର ଭଳି ଘଟଣାକୁ ଦୃଷ୍ଟିରେ ରଖି ଲୋକଙ୍କୁ ସଚେତନ କରିବା ପାଇଁ କ୍ରାଇମ୍‌ବ୍ରାଞ୍ଚ ତରଫରୁ ଆଡଭାଇଜରି ଜାରି କରାଯାଇଛି। ଏଥିରେ କରୋନା ସମ୍ପର୍କରେ କୌଣଓି ଭିତ୍ତିହୀନ ଓ ବିଭ୍ରାନ୍ତିକର ତଥ୍ୟ ଦେବାକୁ ମନା କରାଯାଇଛି। ସେହିଭଳି କରୋନା ନେଇ ଫେକ୍ ୱେବ୍‌ସାଇଟ୍ ଓ ଇ-ମେଲ୍ ତିଆରି ନ କରିବାକୁ କୁହାଯାଇଛି। କରୋନା ନାଁରେ ନକଲି ଭ୍ୟାକ୍‌ସିନ୍ ଓ ସାନିଟାଇଜର ବିକ୍ରି ନ କରିବାକୁ କୁହାଯାଇଛି। କରୋନା ସ୍ପେଶାଲ ଅଫର ନାଁରେ କୌଣସି ଜିନିଷକୁ ଅନଲାଇନରେ ବିକ୍ରି କରାଯାଇପାରିବ ନାହିଁ। ସେହିପରି ହ୍ୱାଟ୍‌ସ ଆପ୍ ଓ ଟେଲିଗ୍ରାମରେ କରୋନା ସମ୍ପର୍କରେ ତଥ୍ୟ ଦେବାକୁ ମନା କରାଯାଇଛି। ସାଇବର ଠକେଇରୁ ଯଥା ସମ୍ଭବ ଦୂରେଇ ରହିବାକୁ ମଧ ପରାମର୍ଶ ଦିଆଯାଇଛି। ଏହାସହିତ ବିଶ୍ୱସନୀୟ ସଂସ୍ଥା ତଥା ସରକାରୀ ସ୍ତରର ନିର୍ଭୁଲ ତଥ୍ୟ ଅନୁକରଣ କରିବାକୁ କୁହାଯାଇଛି। ସୂଚନାଥାଉ କି, ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୮ ଛୁଇଁଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି ଓ ୨ଜଣ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଅନ୍ୟମାନେ ଚିକିତ୍ସିତ ହେଉଛନ୍ତି। ଆଉ ଏସବୁ ଭିତରେ ରାଜ୍ୟ ସରକାର ଲକଡାଉନ୍ ସୀମାକୁ ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। କେନ୍ଦ୍ର ସରକାର ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଲକଡାଉନ୍ ଘୋଷଣା କରିଥିବା ବେଳେ ରାଜ୍ୟ ସରକାର ଏହାକୁ ମାସ ଶେଷ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ଏହାସହିତ ଲକଡାଉନ୍ ଅବଧି ବଢ଼ାଇବାରେ ଓଡ଼ିଶା ପ୍ରଥମ ରାଜ୍ୟ ହୋଇଛି।

PLOT FOR SALE
MOUZA:BHOLA

N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286


PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza : Pandiapada
Contact Immediately :
8658607286 / 8917571455

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି